# ଶିକ୍ଷାସୃଜନୀ

ଜୁଲାଇ- ୨୦୨୦



**ବିଦ୍ୟା ଭାରତୀ**
**ଶିକ୍ଷା ବିକାଶ ସମିତି, ଓଡ଼ିଶା**


''କି ଲୀଳା ରଚିଲେ ଜଗତସାଇଁ
ସବୁ ବାଧା ବିଘ୍ନ ଗଲା ଉଭେଇ
ଭକତ ନ ଥାଇ ରଥ ଗଡ଼ିଲା
କାଳ କାଳ ପାଇଁ କଥା ରହିଲା ।''

# ଶିକ୍ଷା ସୃଜନୀ

## ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ମୁଖପତ୍ର

### ଜ୍ୟେଷ୍ଠ – ଆଷାଢ଼



**ସଂରକ୍ଷକ :**

- **ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର ମହାନ୍ତ**
  ସହ ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ
- **ଶ୍ରୀମାନ୍ ଦିବାକର ଘୋଷ**
  ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ର

**ଉପଦେଷ୍ଟା ମଣ୍ଡଳୀ :**

- **ଡଃ. ବିନାୟକ ଦାଶ**
  ସଭାପତି, ଶି.ବି.ସ., ଓଡ଼ିଶା
- **ଡା. ଲକ୍ଷ୍ମୀକାନ୍ତ ମହାରଣା**
  ସଂପାଦକ, ଶି.ବି.ସ., ଓଡ଼ିଶା
- **ଶ୍ରୀମାନ୍ ରମାକାନ୍ତ ମହାନ୍ତ**
  ସଂଗଠନ ସଂପାଦକ, ଶି.ବି.ସ., ଓଡ଼ିଶା



**ସର୍ବସ୍ୱତ୍ୱ ସଂରକ୍ଷିତ :**

ଶିକ୍ଷା ବିକାଶ ସମିତି, ଓଡ଼ିଶା



- ପ୍ରକାଶକ : ସମ୍ପାଦକ, ଶିକ୍ଷା ବିକାଶ ସମିତି, ଓଡ଼ିଶା
- ମୁଦ୍ରଣ : ସରସ୍ୱତୀ ଡିଟିପି ସେଣ୍ଟର, ଭୁବନେଶ୍ୱର


**ପ୍ରଚ୍ଛଦ ପ୍ରସଙ୍ଗ**

ଚାରିଆଡ଼େ ଶୁଭେ ଆଜି ରଜ ଦୋଳି ଗୀତ
ରିମ୍ ଝିମ୍ ମେଘ ସୁରେ ଜୀବନ ସଙ୍ଗୀତ ।
ଚତୁର୍ଦ୍ଧା ମୂରତି ନେଇ ରଥ ଯାଏ ଗଡ଼ି
ବ୍ୟାସ ପୂର୍ଣ୍ଣିମାରେ ଗୁରୁ ଦକ୍ଷିଣାଟି ।
ଜାତି କରେ ଲାଗିପଡ଼ି ॥


**ପରିଚ୍ଳାଳନା ସମିତି :**

- **ସଭାପତି : ପ୍ରଫେସର ଡଃ.ବସନ୍ତକୁମାର ପଣ୍ଡା**
- **ମୁଖ୍ୟ ସଂପାଦକ : ଡଃ ଶ୍ୟାମସୁନ୍ଦର ମିଶ୍ର**
- **ସଂପାଦକ : ଶ୍ରୀଯୁକ୍ତ ମହେନ୍ଦ୍ରକୁମାର ଘଡ଼େଇ**
- **ସଦସ୍ୟ : ଶ୍ରୀ ମନୋଜରଞ୍ଜନ ସେଠୀ**

**ସଂପାଦନା ମଣ୍ଡଳୀ :**

**(ସମ୍ଭାଗଶଃ ପ୍ରତିନିଧିମାନଙ୍କ ନାମ ଓ ସ୍ଥାନ)**

- ପୂର୍ବ – ଶ୍ରୀମତୀ ସଙ୍ଗୀତା ମିଶ୍ର, ଚନ୍ଦନପୁର, ପୁରୀ
- ପଶ୍ଚିମ – ଶ୍ରୀ ଦେବରାଜ ତ୍ରିପାଠୀ, ବୁର୍ଲା
- ଉତ୍ତର – ଶ୍ରୀ ଧରଣୀଧର ଦାସ, ଚମ୍ପୁଆ
- ଦକ୍ଷିଣ – ଶ୍ରୀ ଧନଞ୍ଜୟ ପଣ୍ଡା, ବିଷମକଟକ, ରାୟଗଡ଼ା
- ଉତ୍ତର-ପୂର୍ବ – ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ବାଲୁବଜାର, କଟକ
- ଦକ୍ଷିଣ ପୂର୍ବ – ଶ୍ରୀ ସୁନୀଲକୁମାର ଗୌଡ଼, ଗଜପତିନଗର
- ପୂର୍ବୋତ୍ତର – ଶ୍ରୀ ପ୍ରଣୟକୁମାର ପଡ଼ିଆରୀ, ବନ୍ତ
- ଦକ୍ଷିଣ ପଶ୍ଚିମ – ଶ୍ରୀ କବିରାଜ ପ୍ରଧାନ, କଲେଜଛକ, ବଲାଙ୍ଗୀର
- ମଧ୍ୟ – ଶ୍ରୀ ମାନସରଞ୍ଜନ ଜେନା, ତାଳଚେର
- **ସଂଯୋଜକ -ଶ୍ରୀ ଦେବେନ୍ଦ୍ରକୁମାର ପଟ୍ଟନାୟକ**



**ଯୋଗାଯୋଗ ଠିକଣା :**

ଶିକ୍ଷା ସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

ଇ-୫୯, ସେକ୍ଟର-ଏ, ଜୋନ୍-ଏ

ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦

ଦୂରଭାଷ : (୦୬୭୪)୨୫୮୨୯୮୮, ମୋ-୯୪୩୭୭୩୯୪୪୭୭

ଫାକ୍ସ : (୦୬୭୪) ୨୫୮୫୫୬୧

Email : shikshasrujanee@gmail.com



ପ୍ରତିଖଣ୍ଡର ମୂଲ୍ୟ : ଟ ୧୫.୦୦

ବାର୍ଷିକ ଦେୟ : ଟ ୯୦.୦୦

# ସୃଜନୀର ମୁଖଶାଳା


- ସମ୍ପାଦକୀୟ.......... ୦୩
- ବ୍ୟକ୍ତିତ୍ୱ ବିକାଶ ଏବଂ ପ୍ରଧାନାଚାର୍ଯ୍ୟ ୦୫
- କୁନା ଯାଇଥିଲା ଗାଁକୁ ୦୮
- ଆମ ଦେଶର ନାମ ଭାରତ ହେଲା କିପରି ? ୦୯
- ଭୂତାଣୁ ମହାସମର ୧୦
- ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ୧୧
- ଶିଶୁର ପ୍ରାଥମିକ ଶିକ୍ଷା ୧୪
- ଅତୀତରୁ ଖିଏ : ଠକାଠକି କେତେଦିନ ୧୫
- ଇନ୍ଦ୍ର ଓ ବିରୋଚନଙ୍କର ଜ୍ଞାନାର୍ଜନ ୧୬
- ବିଦୁଷୀ ଲୀଳାବତୀ ୧୭
- ସୁହାସିନୀ ସୁମଧୁର ଭାଷିଣୀ ୧୮

**କବିତା ପସରା**

- ପ୍ରକୃତି ରଚୁଛି ଲୀଳା ୧୯
- ମୋ ଓଡ଼ିଶା ୧୯
- ବରଷା ରାଣୀ ଆସେ ୨୦
- ନୀରବ ସାଧକ ୨୦
- କରୋନା ୨୦
- କରୋନା କଳାଳ ୨୧
- ଅରଣ୍ୟ ହିଁ ପ୍ରାଣ ୨୧
- ସୁସ୍ଥ ପରିବେଶ ଆମରି ହାତେ ୨୨
- ହସି ଉଠିବ ଏ ବିଶ୍ୱ ୨୨
- ଓଁ ଶ୍ରୀ ପରମାତ୍ମନେ ନମଃ ୨୩
- ସଜ୍ଜନ ଶକ୍ତିର ଜାଗରଣ ୨୬
- କରୋନା ଭାଇରସ୍‌ର ଜନ୍ମ ରହସ୍ୟ ୨୮
- ମାଧ୍ୟାକର୍ଷଣ ଶକ୍ତି ଆସିଛି ଭାରତରୁ ୨୯
- ବର୍ଗ ୩୦
- ଶ୍ୱାସ ରୋଗ ୩୨
- ରଙ୍ଗ ପ୍ରାଣାୟାମ ୩୪
- ଭସ୍ତ୍ରିକା ପ୍ରାଣାୟାମ ୩୭
- ମିତ୍ରଂ ପ୍ରତି ମିତ୍ରସ୍ୟ ଦୂରବାଣ୍ୟା ସମ୍ଭାଷଣମ୍ ୩୯
- ଆମ ପ୍ରଶ୍ନ ତୁମ ଉତ୍ତର ୪୦


## ପ୍ରେରଣାଦାୟୀ କାମରେ ସଦା

*ଶ୍ରୀ ମହେନ୍ଦ୍ରକୁମାର ଘଡ଼େଇ*

ଗ୍ରୀଷ୍ମ ଦାଉ ଶେଷ ହେଲାଣି
ଦେବ ସିନାନ ଆସି ଗଲାଣି
କଅଁଳ ପାଗ ନୂଆଣି ମେଘ
ଶୀତଳ କଲା ଧରା
କେଏଁ କଟର ଦୋଳି ଗୀତରେ
ଦୁଲୁକେ ଗାଆଁ ପରା ।
ଗୁଣ୍ଡିଚା ଯାତ ବାହୁଡ଼ା ବିଜେ
ରଥରେ ଦିଅଁ ସୁବର୍ଣ୍ଣ ସାଜେ
ବ୍ୟାସ ପୂର୍ଣ୍ଣିମା ଭାଗବତର
ଜନମ ଦିନ ନେଇ
ତାଙ୍କ ପୂଜାରେ ଦେହ ମନକୁ
ସମର୍ପି ଦେବା ଭାଇ ।
ପ୍ରାଣଠୁ ବଳି ଗୈରିକ ଧ୍ୱଜା
ଗୁରୁ ପ୍ରତିମ ରାଷ୍ଟ୍ରର ପୂଜା
ସତ୍ୟ ସନ୍ଧାନ ଯାତ୍ରାରେ ସିଏ
ଦିଗ ବାରେଣୀ ସାଜି
ପ୍ରତିଭାଦୀପ୍ତ କରେ ଧରାକୁ
ମେଧାବୀ ଖୋଜି ଖୋଜି ।
ଶିକ୍ଷା ବିକାଶ ସମିତି ଦିଏ
ମେଧାବୀ ଅଭିନନ୍ଦନ ଟିଏ
ଜାତିର ନନ୍ଦିଘୋଷ ଚଳାଇ
ଆଗକୁ ନେବା ପାଇଁ
ପ୍ରେରଣାଦାୟୀ କାମରେ ସଦା
ଲାଗ ଉଉଣୀ ଭାଇ ।

*ସମ୍ପାଦକ*

## ରୋକ୍‌ଠୋକ୍

ଦୁଲ୍ କି ଦୁଲ୍ କି ମେଘ୍ ଗର୍ ଜିଲେ
ଝର୍ ସି ପାନିର୍ ଝର୍
ସପନ୍ ସବୁ ପୂରା ହେବା ବାବୁ
ବହି ବସ୍ତାନି ଧର୍
ମନ୍ କେ ଉଚାଟ୍ କର୍
ବେକେ ପିନ୍ଧ୍ ବୁ ମୁକ୍ତା ମାଲ୍ ଟେ
ନାଇଁ ହ ହର୍ ବର୍ ।।



**ମାନବ ଶରୀର ଅଟଇ ମାତ୍ର ଧରମଶାଳା ।**

ସମ୍ପାଦକୀୟ

# ସମର୍ଥ ଭାରତର ସାର୍ଥକ ମୂଳଦୁଆ



'ପୁଷ୍ପେଷୁ ଚମ୍ପା, ନଗରୀଷୁ ଲଙ୍କା, ନଦୀଷୁ ଗଙ୍ଗା, ନୃପତିଷୁ ରାମ, ନାରୀଷୁ ରମ୍ଭା, ପୁରୁଷେଷୁ ବିଷ୍ଣୁ, କାବ୍ୟେଷୁ ମାଘ କବି କାଳିଦାସ ।' ଅର୍ଥାତ୍ - ପୁଷ୍ପ ମଧ୍ୟରେ ରୂପ ଓ ମହକ ଛୁଟାଉଥିବା ଚମ୍ପା, ନଗରୀ ମଧ୍ୟରେ ସୁବର୍ଣ୍ଣମୟୀ ଲଙ୍କାପୁରୀ, ନଦୀ ମଧ୍ୟରେ ଶୁଦ୍ଧ ଓ ପବିତ୍ରତାର ସ୍ୱର ଓ ସ୍ୱାକ୍ଷର ବହନ କରି ସଦା ଚଞ୍ଚଳ ଥିବା ଗଙ୍ଗା, ରାଜାଙ୍କ ମଧ୍ୟରେ ସର୍ବୋତ୍ତମ ସ୍ୱଭାବରେ ଯିଏ ପ୍ରଜାମାନଙ୍କୁ ନିଜର ପୁତ୍ର କନ୍ୟା ତୁଲ୍ୟ ମଣି ନୀତି ଓ ଆଦର୍ଶର ଶିଖର ଛୁଇଁଥିବା ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମ, ମହିଳାଙ୍କ ମଧ୍ୟରେ ରୂପ ଲାବଣ୍ୟ ଓ ଗୁଣ ଆଭୂଷଣରେ ଶ୍ରେଷ୍ଠା ମହିଳା ରମ୍ଭା, ପୁରୁଷଙ୍କ ମଧ୍ୟରେ ସଂସ୍କାରଯୁକ୍ତ ଉଚିତ ମାର୍ଗରେ ନେବାର କଳା କୌଶଳରେ ଧୁରୀଣ ପ୍ରଭୁ ଗୋଲୋକବିହାରୀ ବିଷ୍ଣୁ, ବିଦଗ୍ଧ ପାଠକର ମନ ଜିଣିଥିବା ଶ୍ରେଷ୍ଠ କାବ୍ୟ ମାଘ ଆଉ ଶ୍ରେଷ୍ଠ କବି କାଳିଦାସ ଯୁଗ ଯୁଗ ଧରି ଜନ ମାନସରେ ଶ୍ରେଷ୍ଠ ଆସନରେ ଆସୀନ ହୋଇ ପାରିଛନ୍ତି । ସେହି ଶ୍ରେଷ୍ଠ କାଣ୍ଡାରିମାନେ ଆମ ସମସ୍ତଙ୍କ ପାଇଁ ଆଜି ପ୍ରେରଣାର ଉତ୍ସ ପାଲଟି ଯାଇଛନ୍ତି ।

ଜୀବନ ମୂଲ୍ୟବୋଧ ଭିତରେ ଯିଏ ଶ୍ରେଷ୍ଠ ସିଏ ସର୍ବଦା ପୂଜା ଯୋଗ୍ୟ । ତେବେ ଜ୍ୟେଷ୍ଠ ନୁହେଁ ବରଂ ଶ୍ରେଷ୍ଠର ପଦପୂଜା ସମାଜ ପାଇଁ ଶୁଭାଶୀର୍ବାଦ ।

'ମୁହୂର୍ତ୍ତମାତର ଉଜ୍ଜ୍ୱଳ ପ୍ରଖର ଶିଖା ଟେକି ହୁତାଶନ,
ଜାଳି ଯେବେ କରେ ଆଲୋକ ଉତ୍ତାପ ଚଉଦିଗେ ବିତରଣ,
ଲିଭୁ ସେ କ୍ଷଣକେ ତଥାପି ଏ ଲୋକେ ରହେ ତା ଆଦର ଯଶ,
କି ଲୋଡ଼ା ତହିଁରେ ରହେ ଯେ ମହୀରେ କୁହୁଳି ସହସ୍ର ବର୍ଷ ?'

ବ୍ୟକ୍ତି ଓ ସୃଜନଶୀଳତା ମଧ୍ୟରେ ଦୂରତା ଏବେ ବଢ଼ିଯାଉଛି, ସୂକ୍ଷ୍ମତାକୁ ପଛରେ ପକାଇ ସ୍ଥୁଳତା ଉପରେ ନଜର ରଖି ଊର୍ଦ୍ଧ୍ୱଗାମୀ କାୟା ବିସ୍ତାର ମୂଲ୍ୟବୋଧକୁ ଧାରଣ କରି ଆମେ କେଉଁ ଆଡ଼କୁ ଗତି କରୁଛେ ? ସ୍ୱପ୍ନ ଓ ବାସ୍ତବତାର ରୂପକଳ୍ପ ସାମାଜିକ ପଟ୍ଟ ପରିବର୍ତ୍ତନର ସୂତ୍ରଧର ସାଜିଛି ତ । ଏହି ସମ୍ବେଦନଶୀଳତା ସୃଜନଶୀଳତାର ପ୍ରତିବଦ୍ଧତାରେ ପୁଲକ ସଞ୍ଚରି ଯାଉ ବୋଲି ସମାଜ ବିଜ୍ଞାନୀମାନେ ମତ ଦେଉଛନ୍ତି । ହେଲେ ଆମେ ...... ? ଗର୍ବ, ଅହଂକାର ରୂପୀ ରଙ୍ଗିନ ଚଷମାକୁ ଏପରି ପରିଧାନ କରିଛୁ ଯେପରି ବାସ୍ତବ ଚିତ୍ରପଟ୍ଟ ଆମ ଦୃଷ୍ଟିକୁ ଆସିପାରୁ ନାହିଁ । ନିଜକୁ ଖୁସି କଲା ଭଳି କଳ୍ପନାବିଳାସୀ ଭାବ ଓ ଭାବନାରେ ନିଜକୁ ତଉଲ କରି ଆପଣା ଢୋଲ ଆପେ ପିଟିବା ନ୍ୟାୟରେ ଚିତ୍ର ଓ ଚରିତ୍ର ମଧ୍ୟରେ ସମନ୍ୱୟକୁ ପାବନ୍ଧ ବୋଲି ଭାବୁନାହୁଁ । ସେଥିରେ କାହାର ଉନ୍ନତି ହେବ ? ଜାତିର ନା ବ୍ୟକ୍ତିର ?

ବିଦ୍ୱାନ୍ ପ୍ରଶଂସ୍ୟତେ ଲୋକେ ବିଦ୍ୱାନ୍ ସର୍ବତ୍ର ଗୌରବମ୍
ବିଦ୍ୟାୟା ଲଭତେ ସର୍ବଂ ବିଦ୍ୟା ସର୍ବତ୍ର ପୂଜ୍ୟତେ ।

ଅର୍ଥାତ୍ ସଂସାରରେ ବିଦ୍ୱାନ ବ୍ୟକ୍ତି ସର୍ବତ୍ର ପ୍ରଶଂସା ପାଏ ଓ ଗୌରବାନ୍ୱିତ ହୋଇଥାଏ । କାରଣ ବିଦ୍ୟା ଦ୍ୱାରା ସବୁକିଛି ଲାଭ ହୋଇଥାଏ ଓ ବିଦ୍ୟା ମଧ୍ୟ ସର୍ବତ୍ର ପୂଜା ପାଇଥାଏ ।

ସ୍ୱାମୀ ବିବେକାନନ୍ଦଙ୍କ ଅମୃତବାଣୀ ଥିଲା - 'ସଫଳତା ଓ ବିଫଳତା ଦୁଇଟି ଶବ୍ଦ ମାତ୍ର । ପ୍ରକୃତ ମଜା ଥାଏ କର୍ମରେ ।'

ତହିଁ ନାନା ଲୋକେ ପହଞ୍ଚ କରୁଥାଆନ୍ତି ଲୀଳା ॥

ଅଭ୍ୟାସ ବଳେ ଶିଶୁ ଯଥା
ଶିଖଇ କ୍ରମେ କହି କଥା
ଥରକୁ ଥର ପଡ଼ି ତଳେ
ଚାଲଇ ଅଭ୍ୟାସର ବଳେ ।'

ସୋପାନ ଓ ଉପକ୍ରମଣିକା ପ୍ରତି ନଜର ନ ଦେଇ ବାଟ ଚାଲୁଥିବା ବାଟୋଇକୁ ଜଣେ ଦାର୍ଶନିକ ପଚାରିଲେ, କୁଆଡ଼େ ଯିବେ ? କେତେ ଦୂରର ଏ ଯାତ୍ରା ? ବିରାମ ସହିତ ନା ବିରାମଶୂନ୍ୟ ? ବାଟୋଇ ଅଟକି ଯାଇ କହିଲେ, କାହିଁକି ମୋତେ ଅଟକାଇ ମୋ ସମୟ ମାରା କରୁଛନ୍ତି ? ପାଦ ମୋର ଯୁଆଡ଼େ ବାଟ କଢ଼େଇ ନେବ ସିଆଡ଼େ ଯିବି, ପାଦର ଥକାପଣ ଉପରେ ଦୂରତା ଆଉ ବିରାମ ନିର୍ଭର କରୁଛି ।

ଦାର୍ଶନିକ କହିଲେ, ମୋ ପଚାରିବାରେ ଆପଣଙ୍କର ସମୟ ଅପଚୟ ହେଉଛି ନା ? ତେବେ ଶୁଣନ୍ତୁ ଚାଲିବା ଆଗରୁ ଗନ୍ତବ୍ୟସ୍ଥଳ ଠିକ୍ କରାଯାଏ, ଯାହା ଆପଣ କରି ନାହାନ୍ତି । ଗନ୍ତବ୍ୟସ୍ଥଳ ନିର୍ଣ୍ଣୟ କରି ନ ଥିବା ଲୋକ କେତେ ବାଟ ଯିବ, କୁଆଡ଼େ ଯିବ ? ଲକ୍ଷ୍ୟହୀନ ଭାବରେ ପାଦ ବଢ଼ାଇଲେ ପାଦ ଭାରାକ୍ରାନ୍ତ ହୁଏ, ବିଶ୍ରାମ ଖୋଜେ, ଠିକଣା ଜାଗାରେ ପହଞ୍ଚାଇ ଦିଏ ନାହିଁ । ଠିକଣା ଜାଗା ଆଉ ଠିକଣା ସମୟରେ ପହଞ୍ଚିବା ପାଇଁ ତ ସ୍ୱପ୍ନ ଏକାନ୍ତ କାମ୍ୟ । ବନ୍ଧୁକ ଚାଳନା କରୁଥିବା ସିପାହୀ ଆଗରେ ଯଦି ଟାର୍ଗେଟ ନାହିଁ ସିଏ କାହାକୁ ଗୁଳି କରିବ ? ଅନୁମାନ କରି ଗୁଳି ଚାଳନା ଲକ୍ଷ୍ୟ ଭେଦ କରେ ନାହିଁ ବରଂ ଲକ୍ଷ୍ୟଭ୍ରଷ୍ଟ କରେ ।

'ସ୍ୱପ୍ନ ଦେଖ । ଆଉ ସେହି ସ୍ୱପ୍ନକୁ ପୂରା କରିବା ଯାଏଁ ବିଶ୍ରାମ ନିଅ ନାହିଁ ବୋଲି ଆମ ଯୁବ ସମାଜକୁ ସ୍ୱାମୀ ବିବେକାନନ୍ଦ ଦେଇଥିବା ଆହ୍ୱାନକୁ କ'ଣ ଆମେ ଭୁଲି ଯାଇଛେ ?'

ସ୍ୱପ୍ନ ଆଉ ତା'ର ସଫଳତାକୁ ଲକ୍ଷ୍ୟ କରି ଦାର୍ଶନିକ ଓ୍ୱାଲଟ ଡିଜ୍‌ନି କହିଥିଲେ, 'ଯଦି ତୁମେ ସ୍ୱପ୍ନ ଦେଖିପାରୁଛ, ତେବେ ନିଶ୍ଚୟ ତାକୁ ପୂରା କରିପାରିବ ।'

ଏମିତି ସ୍ୱପ୍ନ ଦେଖି ଲକ୍ଷ୍ୟପଥର ଯାତ୍ରୀ ଭାବରେ ସଫଳତାର ଶିଢ଼ିରେ ଉପରକୁ ପାଦ ବଢ଼ାଉଥିବା ଆମ କଲ୍ୟାଣୀୟ/କଲ୍ୟାଣୀୟା ଶିଶୁ ଭାଇଭଉଣୀମାନେ ସତରେ ଯେଉଁ ପରାକାଷ୍ଠା ଦେଖାଇଛନ୍ତି ତାହା କେବଳ ଆମ ପ୍ରାନ୍ତର ପରିଚୟ ନୁହେଁ ବରଂ ସମର୍ଥ ଭାରତର ସାର୍ଥକ ମୂଳଦୁଆ । ଦଶମ କି ଦ୍ୱାଦଶ ଶ୍ରେଣୀର ପରିମାପକରେ ସୀମାବଦ୍ଧ ନ ହୋଇ ଚିକିତ୍ସା, ପ୍ରାଣୀ, ରସାୟନ ମହାକାଶ ବିଜ୍ଞାନରେ ଶୀର୍ଷ ସ୍ଥାନର ଅଧିକାରୀ ହୋଇ ସମର୍ପିତ ହିନ୍ଦୁତ୍ୱନିଷ୍ଠ ରାଷ୍ଟ୍ରଭକ୍ତ ହେବାର ପରିକଳ୍ପନା ବର୍ତ୍ତମାନର ଆହ୍ୱାନଗୁଡ଼ିକୁ ସଫଳତାପୂର୍ବକ ମୁକାବିଲା କରିପାରିବ, ଏହା ନିଃସନ୍ଦେହ ।

ଫୁଟିଲା ଫୁଲକି ଫୁଟେ ଆଉ ଥରେ
ଫୁଟେ ସିନା ଫୁଲ କଢ଼ି
ବଢ଼ି ବଢ଼ି ଗଲେ ପୂର୍ଣ୍ଣଚନ୍ଦ୍ର ପରି
ଆଉ ନ ପାରଇ ବଢ଼ି ।

-କୁନ୍ତଳାକୁମାରୀ ସାବତ

ଡଃ. ଏ.ପି.ଜେ. ଅବଦୁଲ କଲାମଙ୍କ ଭାଷାରେ- 'ଯେଉଁଦିନ ଆପଣଙ୍କ ସ୍ୱାକ୍ଷର ଅଟୋଗ୍ରାଫରେ ପରିଣତ ହେବ ସେହିଦିନ ଜାଣିବ ଯେ ଆପଣ ସଫଳ ହୋଇପାରିଛନ୍ତି ।'

ତେବେ ସତ୍ୟ ସନ୍ଧାନରେ ସଫଳ ଯାତ୍ରୀଟିଏ ହେବା ପାଇଁ ଗାଇ ଉଠ -

ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମୋତେ
ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ ।

ଜାମ କେତେବେଳେ ଆସଇ ଜାମ-କୋଦଣ୍ଡ ଧରି ।

ଚିନ୍ତା ଚେତନା

# ବ୍ୟକ୍ତିତ୍ୱ ବିକାଶ ଏବଂ ପ୍ରଧାନାଚାର୍ଯ୍ୟ

✹ ଶ୍ରୀ ଖଗେଶ୍ୱର ଦାସ

ଆମେମାନେ ସମସ୍ତେ ବିଦ୍ୟା ଭାରତୀଙ୍କ ଯୋଜନାରେ ତା'ର ସବୁ ଠାରୁ ସାନ ଏକକ ଶିଶୁ ମନ୍ଦିରରେ ଜଣେ ପ୍ରମୁଖ ଉତ୍ତରଦାୟୀ କାର୍ଯ୍ୟକର୍ତ୍ତା ରୂପେ କାର୍ଯ୍ୟ କରୁଅଛୁ, ଯେଉଁଠାରେ କି ବିଦ୍ୟା ଭାରତୀର ଲକ୍ଷ୍ୟ ସିଧାସଳଖ ସମାଜ ନିକଟରେ ପ୍ରତୀୟମାନ ହେବା ସହ କ୍ରିୟାନ୍ୱୟନ ହେଉଅଛି । ତାହା ହେଉଛି ଶିଶୁ ମନ୍ଦିର ସ୍ତରରେ ଜ୍ଞାନ ଯଜ୍ଞ କରିବା । ଆମେ ହେଉଛୁ ତା'ର ପୁରୋଧା । ଏଣୁ ଆମେ ଏହି ଯୋଜନାରେ କେବଳ ଜଣେ ବ୍ୟକ୍ତି ନୋହୁ ଆମେ ଏକ ସଂପୂର୍ଣ୍ଣ ଅନୁଷ୍ଠାନ । ଆମେ ଏକ ସଂପୂର୍ଣ୍ଣ ସଂଗଠନ । ମହାଭାରତ ଯୁଦ୍ଧରେ ଅର୍ଜୁନ ବିଶ୍ୱରୂପ ଦେଖିଲା ଭଳି ଯିଏ ଆମକୁ ଦେଖିବ ସେ ଆମ ଅନୁଷ୍ଠାନ ଏବଂ ଆମ ସଂଗଠନକୁ ଆପଣା ଛାଏଁ ବୁଝିଯିବ । ବିଶ୍ୱରୂପ ଦେଖିବା ସମୟରେ ଅର୍ଜୁନ ଯେପରି ଦେଖିଲା ଦିବି  ସୂର୍ଯ୍ୟସହସ୍ରସ୍ୟ ଭବେଦ୍‌ଯୁଗପଦୁତ୍‌ଥିତା । ସମସ୍ତ ସହସ୍ର ସୂର୍ଯ୍ୟଠାରୁ ମଧ୍ୟ ସେହି ରୂପର ଜ୍ୟୋତି ଅଧିକ ଥିଲା ଆଉ ତାହା ସାରା ବିଶ୍ୱର ସମସ୍ତ ଅନ୍ଧକାରକୁ ଦୂର କରିବା ପାଇଁ ସକ୍ଷମ ଥିଲା । ଠିକ୍ ସେମିତି ଆମର ବ୍ୟକ୍ତିତ୍ୱ ମଧ୍ୟ ଜାଜ୍ୱଲ୍ୟମୟ ହେବା ଆବଶ୍ୟକ, ଯାହାର ପ୍ରଭାବରେ କେବଳ ଶିଶୁ ମନ୍ଦିର ପରିସରର ନୁହେଁ ସ୍ଥାନୀୟ ଅଞ୍ଚଳର ମଧ୍ୟ ସମସ୍ତ ଅନ୍ଧକାରକୁ ଦୂର କରି ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୁଃ ମା ଅମୃତଂ ଗମୟ କରିବା ପାଇଁ ସକ୍ଷମ ହେଉଥିବ । ଛାତ୍ରଛାତ୍ରୀ, ଗୁରୁଜୀଗୁରୁମା, ଅଭିଭାବକ ତଥା ଜନସାଧାରଣଙ୍କୁ କୁରୀତି, କୁସଂସ୍କାର ଓ ଅନ୍ୟାୟରୁ ମୁକ୍ତ କରାଇ ଏକ ଆଦର୍ଶ ମାନବ ଜୀବନ ନିର୍ବାହ କରିବାକୁ ପ୍ରେରଣା ଦେଇ ପାରୁଥିବ । ଏଥିପାଇଁ ଆମେ ଆମର ବ୍ୟକ୍ତିତ୍ୱକୁ ଏକ ଆଦର୍ଶରେ ପରିଣତ କରିବାକୁ ପଡ଼ିବ । ଏଣୁ ଆମକୁ ଆମର Self Management କରିବାକୁ ପଡ଼ିବ । ଆଜିକାଲି ଦୁନିଆ ମ୍ୟାନେଜମେଣ୍ଟର ଦୁନିଆ । ଯିଏ ନିଜକୁ ଠିକ୍ ଢଙ୍ଗରେ ମ୍ୟାନେଜମେଣ୍ଟ କରିବା ସହ ତା'ର ସଂସ୍ଥା ବା ସଂଗଠନକୁ ଉତ୍ତମ ମ୍ୟାନେଜମେଣ୍ଟ ପ୍ରଦାନ କରୁଅଛି ସେ ହିଁ ଜଣେ ସଫଳ ବ୍ୟକ୍ତିତ୍ୱ ହୋଇ ଛିଡ଼ା ହେବା ସହ ସମାଜର ଆଗ ଧାଡ଼ିର ମଣିଷଟିଏ ହୋଇ ପାରୁଛି ।

ସର୍ବ ପ୍ରଥମେ ଆମେ ଆମ କାମଟିକୁ ଶ୍ରେଷ୍ଠ କର୍ମ ବୋଲି ବୁଝିବା ଦରକାର । ସମସ୍ତ ଶାସ୍ତ୍ର ପୁରାଣ ଏକ କଣ୍ଠରେ କହନ୍ତି ଜ୍ଞାନ ଠାରୁ କିଛି ଆଉ ସଂସାରରେ ଶ୍ରେଷ୍ଠ ନାହିଁ । ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ । ଏଣୁ ଆମେ ଏହି କାର୍ଯ୍ୟକୁ ଭଲ ପାଇବା ଦରକାର । ଥରେ କାର୍ଯ୍ୟକୁ ଭଲପାଇବା ଆସିଗଲେ ଏହାର ମାର୍ଗ ଆମ ପାଇଁ ସହଜ, ସରଳ ତଥା ଆନନ୍ଦଦାୟକ ହୋଇଯିବ । ଆମର  ପ୍ରତ୍ୟେକଟି କାର୍ଯ୍ୟ ପ୍ରତ୍ୟେକ ସମୟରେ ମଧୁମୟ ହୋଇ ଉଠିବ । ଆମେ ପ୍ରତ୍ୟେକ କର୍ମ ଭିତରେ ପ୍ରଭୁଙ୍କର ଦର୍ଶନ ପାଇପାରିବା ।  ଏଥିପାଇଁ କୁହାଯାଇଛି ଯିଏ ମୋତେ ସଗୁଣ ରୂପ ପରମେଶ୍ୱରଙ୍କୁ ବା ନିଜର କର୍ମକୁ ଶ୍ରଦ୍ଧାର ସହିତ ଉପାସନା କରେ ସିଏ ଯୋଗୀମାନଙ୍କ ମଧ୍ୟରେ ଉତ୍ତମ ଯୋଗୀ ଅଟନ୍ତି । ଯିଏ କୌଣସି ପରିସ୍ଥିତିରେ ବି ନିଜ କର୍ତ୍ତବ୍ୟ ଏବଂ କର୍ମରୁ ଚ୍ୟୁତ ହୁଅନ୍ତି ନାହିଁ, ସମସ୍ତଙ୍କଠାରେ ସମାନ ଭାବ ରଖି ସମସ୍ତଙ୍କ ହିତରେ କାର୍ଯ୍ୟ କରନ୍ତି, ମୁଁ ସେହିମାନଙ୍କୁ ଶୀଘ୍ର ଏ ସଂସାର ସାଗରରୁ ମୁକ୍ତ କରିନିଏ । ତେଣୁ  ତୁମେ ତୁମ କର୍ମରେ ମନ ଲଗାଅ, ତୁମ କର୍ମରେ ବୁଦ୍ଧି ଲଗାଅ, ନିଶ୍ଚୟ ମୋ ଠାରେ ନିବାସ କରିବ । ଏଥିରେ କୌଣସି ସନ୍ଦେହ ନାହିଁ । ହେ ପ୍ରିୟ ପ୍ରଧାନାଚାର୍ଯ୍ୟ ଭାଇଭଉଣୀମାନେ ଆମେ ଏହି ମହତବାଣୀକୁ ଅନୁସରଣ କରିବା ଉଚିତ । ଆମେ କରୁଥିବା କାର୍ଯ୍ୟ ଶ୍ରେଷ୍ଠ କାର୍ଯ୍ୟ ଅଟେ । ଏଥିରେ ଆମେ ମନ ଲଗାଇବା, ବୁଦ୍ଧି ଲଗାଇବା ଓ

ଭଲପାଇ କାର୍ଯ୍ୟ କଲେ ଆମେ ନିଶ୍ଚୟ ଆମ ଜୀବନର ଲକ୍ଷ୍ୟରେ ପହଞ୍ଚି ପାରିବା । ଅର୍ଥାତ୍ 'ସା ବିଦ୍ୟା ଯା ବିମୁକ୍ତୟେ'ର ପୂର୍ଣ୍ଣ ସଫଳତା ମିଳି ପାରିବ । ଆମ ଜୀବନ ଧନ୍ୟ ହୋଇଯିବ । କାମ କରିବା ଭିତରେ ବେଳେ ବେଳେ ଆମ ମନରେ କାର୍ଯ୍ୟ ଏବଂ ଏହାର ପରିଣାମ ପ୍ରତି ବୀତସ୍ପୃହା ଆସେ, ମନ ଅଶାନ୍ତିରେ ଭରିଯାଏ, କାର୍ଯ୍ୟ କରିବାର ଆଗ୍ରହ କମିଯାଏ । ଯଦି କେବେ ଏଭଳି ପରିସ୍ଥିତି ଆମ ସାମ୍ନାକୁ ଆସେ ତେବେ ଆମେ ଏହି କର୍ମ ଓ କର୍ମଫଳକୁ ପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣ ବା ତ୍ୟାଗ କରିବା ଉଚିତ । କାରଣ ତ୍ୟାଗ ଦ୍ୱାରା ହିଁ ଆମ ଜୀବନକୁ ତତ୍‌କାଳ ପରମ ଶାନ୍ତି ପ୍ରାପ୍ତ ହୋଇଥାଏ । ଆମ ମନରେ ପ୍ରଶ୍ନ ଉଠୁଥିବ ଏହା କ'ଣ ସମ୍ଭବ ? ଆମେ ପରା ସବୁ ମଣିଷ । ଆମେ ଆମ ପ୍ରକୃତି ବା ସ୍ୱଭାବ ଭିତରେ ବୁଡ଼ିକି ଅଛୁ । ଏପରି କେବେ ହୋଇପାରିବ ନାହିଁ । ଏମିତି ଏକ ନକାରାତ୍ମକ ଉତ୍ତର ଆମକୁ ମିଳେ ତେବେ ଆମର କାର୍ଯ୍ୟ ଆଉ ଆଗକୁ ଯିବ ନାହିଁ ଏବଂ ପ୍ରତି ପାଦରେ ତାହା ଆମକୁ କଷ୍ଟ ଦେବ । ଯନ୍ତ୍ରଣାସିକ୍ତ ଅନୁଭବ ହେବ । ଏଣୁ ଆମେ ନକାରାତ୍ମକ ବିଚାର ଧାରାରେ ନ ଆସି ଟିକେ ସକାରାତ୍ମକ ଭାବନାରେ ରହିଲେ ଏହା ଆମକୁ ଧୀରେ ଧୀରେ ଆଗକୁ ନେବ ଏବଂ ଏହା ଅଭ୍ୟାସରେ ପଡ଼ିଯିବ । ଆଉ ଥରେ ଏହା ଅଭ୍ୟାସରେ ପଡ଼ିଗଲେ ଆମ ସ୍ୱଭାବ ମଧ୍ୟ ବଦଳିଯିବ ।

ଏବେ ଆମେ ଆମ ମୂଳ ବିନ୍ଦୁକୁ ଆସିବା ତାହା ହେଲା ବ୍ୟକ୍ତିତ୍ୱ ବିକାଶ । ଶିଶୁ ମନ୍ଦିର କାର୍ଯ୍ୟଧାରା ଭିତରେ ଆମେ ଶ୍ରୀମଦ୍ ଭଗବତ୍ ଗୀତାର ଦ୍ୱାଦଶ ଅଧ୍ୟାୟ ପାଠ କରୁଅଛୁ । ଏହି ଅଧ୍ୟାୟର ଶ୍ଳୋକ ୧୩ ଠାରୁ ୨୦ ପର୍ଯ୍ୟନ୍ତ ବ୍ୟକ୍ତିତ୍ୱ ବିକାଶର ସବୁତକ ଗୁଣ କୁହାଯାଇଅଛି । ଯେଉଁସବୁ ମାନବୀୟ ଗୁଣରେ ମଣିଷ ଭୂଷିତ ହେଲେ ମଣିଷ କ'ଣ ସ୍ୱୟଂ ପ୍ରଭୁ ମଧ୍ୟ ଆମକୁ ଭଲ ପାଇବେ । ଆମେ ମଧ୍ୟ ପ୍ରଭୁଙ୍କର ପ୍ରିୟ ମଣିଷଟେ ହୋଇପାରିବା । ଆସନ୍ତୁ ସେହି ସବୁ ମାନବୀୟ ଗୁଣଗୁଡ଼ିକୁ ମନେ ପକାଇବା ।

୧) ସକଳ ପ୍ରାଣୀଙ୍କ ଠାରେ ଦ୍ୱେଷ ରହିତ ହେବା ।

୨) ନିଃସ୍ୱାର୍ଥ ଭାବରେ ସମସ୍ତଙ୍କୁ ଭଲ ପାଇବା ।

୩) ଅହେତୁକ ଦୟାଶୀଳ ହେବା ।

୪) ମମତା ରହିତ, ଅହଂକାର ରହିତ ଓ ସୁଖ ଦୁଃଖ ସ୍ଥିତି ସମତ୍ୱ ଭାବକୁ ଆପଣାଇବା ।

୫) କ୍ଷମାଶୀଳ ହେବା ।

୬) କାର୍ଯ୍ୟ ଓ କାର୍ଯ୍ୟର ପରିଣାମରେ ସନ୍ତୁଷ୍ଟ ହେବା ।

୭) ମନ ଓ ଇନ୍ଦ୍ରିୟ ସହିତ ଶରୀରକୁ ବଶ କରି ରଖିବା ।

୮) ପ୍ରଭୁଙ୍କ ପାଦପଦ୍ମରେ ଲୟ ନିଶ୍ଚୟ ରଖିବା ଓ ଅଟଳ ବିଶ୍ୱାସ ରଖିବା ।

୯) ପ୍ରଭୁ ବା କର୍ମରେ ମନ ଓ ବୁଦ୍ଧି ଲଗାଇ କର୍ମ କରିବା ।

୧୦) ମୁଁ କାହାରିକୁ ଉଦ୍‌ବିଗ୍ନ କରାଇବି ନାହିଁ କି କାହାଦ୍ୱାରା ଉଦ୍‌ବିଗ୍ନ ହେବି ନାହିଁ ।

୧୧) ହର୍ଷ, ଅମର୍ଷ (ଅନ୍ୟର ଉନ୍ନତି ଦେଖି ସହି ନ ପାରିବା) ଭୟ ଓ ଉଦ୍‌ବେଗରୁ ରହିତ ହେବା ।

୧୨) ଆକାଂକ୍ଷା ରହିତ ହେବା ।

୧୩) ଅନ୍ତଃ ଶୁଚି ଓ ବାହ୍ୟ ଶୁଚି ରଖିବା ।

୧୪) ସବୁ କାର୍ଯ୍ୟରେ ଦକ୍ଷ ହେବା ।

୧୫) ପକ୍ଷପାତ ରହିତ ହେବା ।

୧୬) ଦୁଃଖ ଯାହାକୁ ସ୍ପର୍ଶ କରିପାରେ ନାହିଁ ବା ଦୁଃଖରୁ ମୁକ୍ତ ହେବା ।

୧୭) ଯେ ସବୁ କାର୍ଯ୍ୟ ଆରମ୍ଭରୁ ସବୁକିଛି ପ୍ରଭୁଙ୍କ ପାଖରେ ସମର୍ପଣ କରି ନେଇଥାଏ ।

୧୮) ଖୁସି ହେବା ।

୧୯) ଶୋକ ନ କରିବା ।

୨୦) ରାଗ ନ କରିବା ।

୨୧) କାମନାରୁ ମୁକ୍ତ ରହିବା ।

୨୨) ଶୁଭ ଅଶୁଭ ସବୁକୁ ସମାନ ଭାବିବା ।

**କ୍ରୋଧ ବେଳେବେଳେ ଆସିଣ ଯଦି ପହଞ୍ଚିଯାଏ ।**

୨୩) ସକଳ କର୍ମର ତ୍ୟାଗୀ ହେବା ।

୨୪) ଶତ୍ରୁ, ମିତ୍ର ଓ ମାନ ଅପମାନରେ ସମସ୍ଥିତି ରହିବା ।

୨୫) ସୁଖଦୁଃଖ, ଶୀତଉଷ୍ଣ ଦ୍ୱନ୍ଦ୍ୱରୁ ରହିତ ହେବା ।

୨୬) ଆସକ୍ତି ରହିତ ହେବା ।

୨୭) ନିନ୍ଦା ଓ ପ୍ରଶଂସାର କୌଣସି ପ୍ରଭାବ ନ କରିବା ।

୨୮) ମନନଶୀଳ ହେବା ।

୨୯) ଯେକୌଣସି ପ୍ରକାର ଶରୀର ନିର୍ବାହରେ ସନ୍ତୁଷ୍ଟି ରହିବା ।

୩୦) ନିଜ ବାସସ୍ଥାନ ପ୍ରତି ମମତ୍ୱ ଓ ଆସକ୍ତି ରହିତ ହେବା ।

୩୧) କାର୍ଯ୍ୟକୁ ଶ୍ରଦ୍ଧାଯୁକ୍ତ ହୋଇ କରିବା ।

୩୨) ସକଳ ପ୍ରାଣୀ ଓ କାର୍ଯ୍ୟରେ ମୋତେ ଦେଖିବା ।

୩୩) ଶାସ୍ତ୍ର ଅନୁମୋଦିତ ଓ ବିଧିଯୁକ୍ତ ହୋଇ କାର୍ଯ୍ୟ କରିବା ।

ଉପର୍ଯ୍ୟୁକ୍ତ ଗୁଣଗୁଡ଼ିକ ଯେଉଁ ମଣିଷଠାରେ ଶୋଭା ପାଏ ସେହି ସ୍ଥିର ବୁଦ୍ଧି ମଣିଷମାନେ ମୋର ଅତ୍ୟନ୍ତ ପ୍ରିୟ । ଏହାର ବ୍ୟାବହାରିକ ଦିଗକୁ ଦେଖିଲେ ପ୍ରଭୁଙ୍କର ପ୍ରିୟ ହେବା ପାଇଁ ହେଲେ ଆମକୁ ଏତିକି ଗୁଣଗୁଡ଼ିକର ଅଧିକାରୀ ହେବାକୁ ପଡ଼ିବ । ଠିକ୍ ସେମିତି ମୁଁ ମୋର ଅନୁଷ୍ଠାନ ଓ ମୋର ସଂଗଠନର ପ୍ରିୟ ତଥା ଉନ୍ନତି ପାଇଁ ମୋ ବ୍ୟକ୍ତିତ୍ୱର ଏହି ଦିଗଗୁଡ଼ିକୁ ମାର୍ଜିତ କରି କାର୍ଯ୍ୟ କରିବାକୁ ପଡ଼ିବ । କେବଳ ଏତିକି ନୁହେଁ ମୋର ଅନୁଗାମୀମାନଙ୍କୁ ମଧ୍ୟ ଏହିସବୁ ଗୁଣଗୁଡ଼ିକରେ ଆଭୂଷିତ କରି ସେମାନଙ୍କର ବ୍ୟକ୍ତିତ୍ୱକୁ ମଧ୍ୟ ବିକଶିତ କରିବାକୁ ପଡ଼ିବ । 'ଜୋଷୟେତ୍ ସର୍ବକର୍ମାଣି ବିଦ୍ୱାନ ଯୁକ୍ତଃ ସମାଚରନ୍ ।' ସ୍ୱୟଂ ଶାସ୍ତ୍ରବିହିତ କର୍ମ ଆଚରଣ କରିବା ସହ ଅନ୍ୟମାନଙ୍କ ଦ୍ୱାରା କରାଇବା ପାଇଁ ରାସ୍ତାକୁ ପ୍ରଶସ୍ତ କରିଦେବା ଏବଂ ପ୍ରୋତ୍ସାହନ ମାର୍ଗଦର୍ଶନ ମଧ୍ୟ କରାଇବା । ତାହା ହେଲେ ଆମ ବ୍ୟକ୍ତିତ୍ୱର ଦିଗଟି ଅନ୍ୟମାନଙ୍କୁ ଆକର୍ଷିତ କରିପାରିବା ସହ ଜୀବନର ଲକ୍ଷ୍ୟକୁ ପୂରଣ କରିବା ପାଇଁ ଠିକ୍ ରାସ୍ତାରେ ନେଇ ପାରିବ । ସବୁବେଳେ ସେହି ହିନ୍ଦୀ ଗୀତର ପଂକ୍ତିଟିକୁ ମନେ ରଖିଲେ ବୋଧେ ଆମର କାର୍ଯ୍ୟର ଗତି ସମାନ ରହିବ ।

ଗଲତ୍ ମତ୍ କଦମ ଉଠାଓ
ଶୋଚ କର ଚଲୋ ବିଚାର କର ଚଲୋ ।
ରାହକି ମୁସିବତୋ କୋ ପାର କର ଚଲୋ ।
ହମ ପେ ଜିମ୍ମେଦାରିୟାଁ ହୈ ଦେଶ କି ବଡ଼ି
ହମ୍ ନ ବଦଲେ ଅପନି ଚାଲ୍ ହର୍ ଘଡ଼ି ଘଡ଼ି
ଆଗ୍ ଲେ ଚଲୋ ଚିରାଗ ଲେ ଚଲୋ ।

*ସହ ସଂଯୋଜକ*
*ଅଖିଳ ଭାରତୀୟ ପ୍ରାରମ୍ଭିକ ଶିକ୍ଷା*

ଡଃ. ବସନ୍ତକୁମାର ପଣ୍ଡା ଆଞ୍ଚଳିକ ଶିକ୍ଷା ଓ ଗବେଷଣା କେନ୍ଦ୍ରରୁ ପ୍ରଫେସର ଭାବେ ଅବସର ଗ୍ରହଣ କରିଛନ୍ତି । ନିକଟରେ ତାଙ୍କୁ ଓଡ଼ିଆ ଶାସ୍ତ୍ରୀୟ ଭାଷା, ଓଡ଼ିଶାଙ୍କ ନିର୍ଦ୍ଦେଶକ ଭାବରେ ଭାରତ ସରକାର ନିଯୁକ୍ତି ପ୍ରଦାନ କରିଛନ୍ତି । ଡଃ. ବସନ୍ତକୁମାର ପଣ୍ଡା ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଉପସଭାପତି ଅଛନ୍ତି ତା ସହିତ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପତ୍ରିକା ଶିକ୍ଷା ସୃଜନୀର ସଭାପତି ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

ଓଡ଼ିଆ ଶାସ୍ତ୍ରୀୟ ଭାଷାର ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ପ୍ରଥମ ନିର୍ଦ୍ଦେଶକ ଭାବରେ ଆମ ପରିବାର ପାଇଁ ଏହା ଏକ ଗର୍ବର ବିଷୟ । ଇତ୍ୟବସରରେ ବସନ୍ତ ଭାଇଙ୍କୁ ଅଭିନନ୍ଦନ ଜଣାଉଛି ।

*ଶ୍ରୀମାନ ଗୋବିନ୍ଦଚନ୍ଦ୍ର ମହାନ୍ତ*
*ସହ ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ*

ବ୍ରାହ୍ମଣକୁ ତଡ଼ି ଚଣ୍ଡାଳଟାକୁ ରାଜା କରାଏ ।।

ଗପ ଗଜରା

# କୁନା ଯାଇଥିଲା ଗାଁକୁ

ଶ୍ରୀମତୀ ସଙ୍ଗୀତା ମିଶ୍ର

କୁନା ଖରା ଛୁଟିରେ ଗାଁକୁ ଯାଇଥିଲା । ଗାଁକୁ ଯିବାକୁ ସେ ପ୍ରତିବର୍ଷ ଏଇ ଖରାଛୁଟିକୁ ଚାହିଁ ବସିଥାଏ । ଗାଁର ବିଲବାଡ଼ି, ଟିକି ଗଡ଼ିଆ, ତୋଟାମାଳ, ସବୁଜ ବନାନୀ ତାକୁ ଭାରି ଭଲ ଲାଗେ । ଗାଆଁ ପିଲାଙ୍କ ସହ ମିଶି ଚକ ଗଡ଼ାଇବା, ଗୁଡ଼ି ଉଡ଼ାଇବା, ଆମ୍ବ ତୋଟାରୁ ଆମ୍ବ ଝଡ଼ାଇ ଖାଇବାର ମଜା ନିଆରା । ତା ସହ ପୁଣି ଗାଁ ପୋଖରୀରେ ଗାଧୋଇବା, ପହଁରା ଶିଖିବାର ଆନନ୍ଦ । ସବୁଠୁ ଭଲ ଲାଗେ ତାକୁ ଗାଁରେ ସୂର୍ଯ୍ୟାସ୍ତ । ଅସ୍ତଗାମୀ ସୂର୍ଯ୍ୟଙ୍କୁ ସେ ମନଭରି ଉପଭୋଗ କରେ । ଖୋଲା ପଡ଼ିଆରେ ଯେମିତି ପାଖ ଗାଁ ଶେଷ ମୁଣ୍ଡକୁ ଗଲେ ସେ ଛୁଇଁପାରିବ ଦୂର ଦିଗ୍‌ବଳୟର ସୂର୍ଯ୍ୟଙ୍କୁ । ପକ୍ଷୀମାନଙ୍କ କାକଳି, ଗାଈ ଗୋଠ ଫେରିବାର ଦୃଶ୍ୟ, କୃଷକ ଭାଇ ହଳ ନେଇ ଘରକୁ ଆସେ । ବଳଦର ଘଣ୍ଟିରେ ଗାଁ ଦାଣ୍ଡ ଦୁଲୁକି ଉଠେ । ସନ୍ଧ୍ୟାରେ ଗାଁ ମନ୍ଦିରରେ ଆଳତି ହୁଏ ଘଣ୍ଟ ଧ୍ୱନି ସହ ସଳିତାର ମହ ମହ ବାସ୍ନା ଖେଳିଯାଏ । ରାତିରେ ଜହ୍ନ ଦେଖି ଖୁବ୍ ଆନନ୍ଦିତ ହୁଏ କୁନା ।

ଗାଁରେ ପହଞ୍ଚିଲା ପରେ କୁନା ଜେଜେଙ୍କ ସହ ବୁଲିଗଲା । ଦେଖିଲା ତୋଟା ଗଛଶୂନ୍ୟ । କେଉଁ ଗଛ ଭାଙ୍ଗିଯାଇଛି ତ କିଏ ଉପୁଡ଼ି ପଡ଼ିଛି । ଡାଳପତ୍ର ଭାଙ୍ଗି ଶ୍ରୀହୀନ ଦିଶୁଛି ତୋଟା । ପୁଣି କେଉଁ ଗଛରୁ ପତ୍ର କଅଁଳିଛି । ତୋଟାର ଏପରି ଅବସ୍ଥା ଦେଖି କୁନାର ମନଦୁଃଖ ହୋଇଗଲା । କୁନାକୁ ଉଦାସ ଦେଖି ଜେଜେ କହିଲେ, ''ଫଣୀ' ବାତ୍ୟା ଯୋଗୁଁ ଗଛ ସବୁ ଏମିତି ହୋଇଛନ୍ତି ।' ତୋଟାରୁ ଫେରିବା ବାଟରେ କୁନା ନୂଆ କଥାଟିଏ ଦେଖିଲା । ପ୍ରତି ଘରର ଦାଣ୍ଡ ଦୁଆରେ କୁଣ୍ଡ, ହାଣ୍ଡି ନ ହେଲେ ବାଲଟିଟିଏ ରଖାଯାଇଛି । ଏପରି କାହିଁକି ରଖାଯାଇଛି ବୋଲି କୁନା ପଚାରିଲା । ଜେଜେ ବୁଝାଇଦେଲେ, ବୁଝିଲୁ କୁନା, ଆମକୁ ଶୋଷ ଲାଗିଲେ ଆମେ ନଳକୂଅରୁ ପାଣି ଆଣି ମାଠିଆ କିମ୍ବା ସୁରେଇ ନ ହେଲେ ଫିଲଟରରେ ରଖି ପିଉ କିନ୍ତୁ ଜୀବଜନ୍ତୁ, ଗାଈଗୋରୁ, ଛେଳି, କୁକୁର ଷଣ୍ଢ, ମାଙ୍କଡ଼ ଆଦି ପଶୁମାନେ ପୋଖରୀ ଗଡ଼ିଆରୁ ପାଣି ପିଅନ୍ତି । ଏବେ ତ ଗାଁରେ ପୋଖରୀ ଗଡ଼ିଆର ବ୍ୟବହାର କମି ଗଲାଣି । ଘରେ ଘରେ କୂଅ, ଆଉ କଳ ମୋଡ଼ିଲେ ପାଣି ବାହାରୁଛି ।

'ଫଣୀ' ପରେ ଗଛପତ୍ର ପଡ଼ି ରାସ୍ତା ବନ୍ଦ ହୋଇଯାଇଥିଲା । କିଛିଦିନ ପରେ ଗାଁ ରାସ୍ତା ସିନା ସଫା କରାଗଲା ହେଲେ ପୋଖରୀ ଗଡ଼ିଆରେ ଗଛ ପଡ଼ି ପାଣି ଦୂଷିତ ହୋଇଗଲା । ପୋଖରୀକୁ ଯିବାକୁ ବାଟ ବି ନ ଥିଲା । ଗଛପତ୍ର ଭାଙ୍ଗିଯିବାରୁ ପାଖ ଜଙ୍ଗଲର ପଶୁପକ୍ଷୀମାନେ ବାସସ୍ଥାନ ଓ ଖାଦ୍ୟ ହରାଇ ଗାଁ ମୁହାଁ ହେଲେ । ଜୀବଜନ୍ତୁମାନେ ପାଣି ଟୋପାଏ ପାଇଁ ଡହଳବିକଳ ହେଲେ । ସେଥିପାଇଁ ଗାଁ ସଭାରେ ନିଷ୍ପତ୍ତି ନିଆଗଲା ପ୍ରତି ଦୁଆରେ କୁଣ୍ଡ, ହାଣ୍ଡି ବା ବାଲ୍‌ଟିଟିଏ ରଖିବା । ଆଉ ନିଜ ସାଧ ମତେ ଘରର ବଳକା ଖାଦ୍ୟ ତୋରାଣୀ ପାଣି ସେଥିରେ ରଖିବା । ଫଳରେ ଜୀବଜନ୍ତୁମାନେ ଖାଦ୍ୟ ଖାଇ ପାରିବେ କିଛି ନ ହେଲେ ବି ପାଣି ମୁନ୍ଦେ ପିଇ ଶୋଷ ତ ମେଣ୍ଟାଇ ପାରିବେ । ସେଇଦିନ ଠାରୁ ଏମିତି ପ୍ରତି ଦୁଆରେ କୁଣ୍ଡ, ହାଣ୍ଡି ରଖାଯାଇଛି । ଜୀବଜନ୍ତୁ ଗଛପତ୍ର ରହିଲେ ସିନା ପ୍ରକୃତିର ସନ୍ତୁଳନ ରହିବ । ସେମାନେ ବଞ୍ଚିଲେ ସିନା ଆମେ ବଞ୍ଚିବା ।

କୁନା କହିଲା, ଜେଜେ ମୁଁ ସହରକୁ ଗଲେ ଆମ ଗେଟ୍ ପାଖରେ ବି ବାଲଟି ରଖି ପାଣି ରଖିବି । ଆଉ ଏଇ ଛୁଟିରେ ଆମେ ନର୍ସରୀରୁ ଚାରା ଗଛ ଆଣି ଉପୁଡ଼ି ଯାଇଥିବା ଗଛ ଜାଗାରେ ଆଉ ରାସ୍ତା କଡ଼ରେ ନୂଆ ଗଛ ଲଗାଇବା । ପୁଣି ବର୍ଷାଦିନ ଆରମ୍ଭ ପୂର୍ବରୁ ତୋଟାରେ ବିଲ ଦାଢ଼ରେ, ଖାଲି ପଡ଼ିଆରେ ଆମ୍ବ ଟାକୁଆ ତେନ୍ତୁଳି, ପୋଲାଙ୍ଗ, ଚାକୁଣ୍ଡା ଆଉ ପଣସ ଆଦିର ମଞ୍ଜି ପକାଇ ଦେବା । ବର୍ଷା ପାଣି ପଡ଼ି ସେଥିରୁ ନୂଆ ଚାରା ଗଛ ଉଠିବ । ଆମ ଗାଁ ସବୁଜ ବନାନୀରେ ପୁଣି ହସି ଉଠିବ । କୁନା କଥା ଶୁଣି ଜେଜେ ହସି ହସି କହିଲେ ବାଃରେ ନାତିଆ, ଭଲ କଥାଟିଏ କହିଲୁ ।

***'ଗଛ ଲଗାଇବା ଯତନ କରି, ହସି ଉଠିବ ତ ଗାଆଁ ଆମରି ।'***

ଆଚାର୍ଯ୍ୟା
ସ.ଶି.ବି.ମ., ଚନ୍ଦନପୁର, ପୁରୀ

ଲୋଭ କେତେବେଳେ ପ୍ରବେଶି ସଦ୍‌ଗୁଣକୁ ନାଶେ ।

# ଆମ ଦେଶର ନାମ ଭାରତ ହେଲା କିପରି ?

ସଚ୍ଚିଦାନନ୍ଦ ମହାନ୍ତ

ବହୁତ ଦିନ ତଳର କଥା । ଆମ ଦେଶରେ ଦୁଷ୍ମନ୍ତ ବୋଲି ଜଣେ ରାଜା ରାଜୁତି କରୁଥିଲେ । ରାଜକାର୍ଯ୍ୟ ଅବସରରେ ବଣ ଜଙ୍ଗଲରେ ଶିକାର କରିବା ତାଙ୍କର ଗୋଟିଏ ବଡ଼ ସଉକ ଥିଲା । ଥରେ ସେ ଶିକାର ଉଦ୍ଦେଶ୍ୟରେ ମୃଗ ପଛରେ ଧାଉଁ ଧାଉଁ କଣ୍ୱ ଋଷିଙ୍କ ଆଶ୍ରମ ନିକଟରେ ପହଞ୍ଚିଗଲେ । ଆଶ୍ରମର ସୁନ୍ଦର ପରିବେଶରେ ମୋହିତ ହୋଇ ଶିକାର କରିବା ନିଶା ଛାଡ଼ିଗଲା । ଶାନ୍ତ ସବୁଜ ବନଲତା, ପୁଷ୍ପ ଉଦ୍ୟାନ, ଝରଣାର କୁଳୁକୁଳୁ ନାଦ ବନପକ୍ଷୀମାନଙ୍କର କିଚିରି ମିଚିରି ଶବଦରେ ତପୋବନ ଯେମିତି ଉଚ୍ଛୁଳି ପଡୁଥାଏ । ରାଜା ଦୁଷ୍ମନ୍ତ ଆନନ୍ଦରେ ବିଭୋର ହୋଇ ଆଶ୍ରମ ପରିବେଶକୁ ନିରୀକ୍ଷଣ କରୁଥାନ୍ତି । ଅନତି ଦୂରରେ ଜଣେ ସୁନ୍ଦରୀ ତରୁଣୀ ଯଜ୍ଞ ପାଇଁ କାଠ ସଂଗ୍ରହ କରୁଥାନ୍ତି । ସେହି ଅପରୂପା ତରୁଣୀ ଜଣକ ହେଉଛନ୍ତି କଣ୍ୱ ଋଷିଙ୍କର ପାଳିତା କନ୍ୟା ଶକୁନ୍ତଳା । ସୁନ୍ଦରୀର ରୂପ ଗୁଣରେ ମୁଗ୍ଧ ହୋଇ ଯୁବରାଜ ଦୁଷ୍ମନ୍ତ ତାଙ୍କୁ ବିବାହ କଲେ । ସୁଖ ଶାନ୍ତିରେ ସେଇ ଆଶ୍ରମରେ କିଛିଦିନ ବିତାଇଲେ । ହଠାତ୍ କୌଣସି କାରଣ ବଶତଃ ନିଜ ରାଜ୍ୟକୁ ଫେରିଯିବା ବେଳେ ପତ୍ନୀ ଶକୁନ୍ତଳାକୁ ସାନ୍ତ୍ୱନା ଦେଇ କହିଲେ, ଆଉ ଅଳ୍ପ ଦିନ ଭିତରେ ମୁଁ ଫେରି ଆସି ସସମ୍ମାନେ ପାଟରାଣୀ କରି ଘେନିଯିବି । ଶକୁନ୍ତଳା ସ୍ୱାମୀଙ୍କ କଥାକୁ ଅମାନ୍ୟ କରିପାରିଲେ ନାହିଁ । ଇଚ୍ଛା ନ ଥିଲେ ବି ମୁଣ୍ଡ ହଲାଇ ସମ୍ମତି ଜଣାଇଲେ ।

ଏମିତି ବହୁତ ଦିନ ବିତିଗଲା । ଶକୁନ୍ତଳା ସ୍ୱାମୀଙ୍କ କଥାକୁ ମନେ କରି ସବୁଦିନ ଝୁରି ହେଉଥାନ୍ତି । ବିରହ ଦୁଃଖରେ ସେ ମନେ ମନେ ଭାରି କଷ୍ଟ ପାଉଥାନ୍ତି । କିନ୍ତୁ ରାଜା ଦୁଷ୍ମନ୍ତ ରାଜ କାର୍ଯ୍ୟରେ ବ୍ୟସ୍ତ ଥାଇ ପତ୍ନୀ ଶକୁନ୍ତଳାକୁ ସମ୍ପୂର୍ଣ୍ଣ ଭୁଲି ଗଲେ । ସେ ରାଜା ଦୁଷ୍ମନ୍ତଙ୍କ ଫେରିବା ବାଟକୁ ଚାହିଁ ଚାହିଁ ଆହୁରି କିଛି ଦିନ ବିତିଗଲା । ଏକ ଶୁଭ ଲଗନରେ ଶକୁନ୍ତଳା ମା' ହେଲେ । ତାଙ୍କର ଏକ ସୁନ୍ଦର ସୁସ୍ଥ ସବଳ ପୁତ୍ର ସନ୍ତାନଟିଏ ଜନ୍ମ ନେଲା । ଚନ୍ଦ୍ରକଳା ସମ ଶିଶୁ ପୁତ୍ରଟି ଆଶ୍ରମ ପରିବେଶରେ ଖେଳିବୁଲି ଧୀରେ ଧୀରେ ବଡ଼ ହେବାକୁ ଲାଗିଲା । ଶିଶୁଟିଏ ହୋଇ ମଧ୍ୟ ଅଜା କଣ୍ୱ ଋଷିଙ୍କ ହେପାଜତରେ ବିଦ୍ୟା, ବୁଦ୍ଧି ତଥା ବିଭିନ୍ନ ଅସ୍ତ୍ରଶସ୍ତ୍ର ଶିକ୍ଷାରେ ପାରଙ୍ଗମ ହେଲା ।

ଦିନେ ରାଜା ଦୁଷ୍ମନ୍ତ ପାତ୍ର ମନ୍ତ୍ରୀ ସମେତ ସେଇ ବଣ ଭିତର ଦେଇ ଯାଉଥାନ୍ତି । ନଜର ପଡ଼ିଲା ଏକ ଶିଶୁପୁତ୍ରର କାର୍ଯ୍ୟକଳାପ ଉପରେ । ବଡ଼ ଆଶ୍ଚର୍ଯ୍ୟର କଥା, ଶିଶୁଟି ସିଂହ ଛୁଆ ସହିତ ନିର୍ଭୟରେ ଖେଳୁଛି । ରାଜା ଆଉ ଆଗକୁ ପାଦ ନ ବଢ଼ାଇ ସେଇ ଶିଶୁ ପାଖକୁ ଗଲେ । ତାକୁ ସବୁକଥା ପଚାରି ନିଶ୍ଚିତ ହେଲେ ଯେ ଏ ଶିଶୁ ତାଙ୍କ ଔରସରୁ ଜାତ । ଝଡ଼ ବେଗରେ ତାଙ୍କର ପୂର୍ବ କଥା ସବୁ ଗୋଟି ଗୋଟି କରି ମନେ ପଡ଼ିଗଲା । ପିଲାଟିକୁ କୋଳରେ ଧରି ଶକୁନ୍ତଳା ପାଖକୁ ଗଲେ । ଶକୁନ୍ତଳା ରାଜାଙ୍କୁ ଦେଖି ବହୁତ କାନ୍ଦିଲେ । ରାଜା ମଧ୍ୟ ମନସ୍ତାପ ପରି ବହୁତ ଦୁଃଖିତ ହେଲେ । ଶେଷରେ ଶକୁନ୍ତଳା ଓ ପୁଅକୁ ସାଙ୍ଗରେ ଘେନି ଉଆସକୁ ଫେରିଲେ । ସେହି ପିଲାଟିର ନାଁ ହେଉଛି ଭରତ ।

ରାଜା ଦୁଷ୍ମନ୍ତଙ୍କ ପରେ ଭରତ ରାଜା ହେଲେ । ପିଲାଟି ଦିନରୁ ଖୁବ୍ ବଳୁଆ ଓ ସାହସୀ ଥିବାରୁ ରାଜା ହେବା ପରେ ଏ ଦେଶର ସମସ୍ତ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ଦେଇଥିଲେ । ରାଜ୍ୟ ଶାସନ ଏବଂ ବିଚକ୍ଷଣ ବୁଦ୍ଧି ଦ୍ୱାରା ପ୍ରଜାମାନଙ୍କୁ ପୁତ୍ର ଭଳି ପାଳୁଥିଲେ । ତାଙ୍କର ଯଶ ସମ୍ମାନର ଖ୍ୟାତି ଦେଶ ଦେଶକୁ ବ୍ୟାପିଗଲା । ସମସ୍ତେ ଧନ୍ୟ ଧନ୍ୟ କହିଲେ । ତାଙ୍କର ସ୍ମୃତି ପାଇଁ ଏ ଦେଶର ନାମ ହେଲା ଭାରତ । ପିଲାମାନେ ତୁମେ ବଡ଼ ହେଲେ ଆହୁରି କେତେ କଥା ଜାଣିବ ।

ଟାଙ୍ଗୁଆପଡ଼ା, ସିଲଦା, କେନ୍ଦୁଝର

**ମୂଲ୍ୟବୋଧ**

# ଭୂତାଣୁ ମହାସମର

*ଡଃ. କିଶୋର ଚନ୍ଦ୍ର ମହାନ୍ତି*

ଭୂତାଣୁର ନାମ ଭେନମ୍ ବା ବିଷରୁ ସୃଷ୍ଟି । ଏହାର ଆକାର ୨୦୦ ମାଇକ୍ରୋମିଟରରୁ କମ୍ । ଏମାନେ ଜୀବନ୍ତ ଜୀବରେ ବଞ୍ଚନ୍ତି । ସୂକ୍ଷ୍ମ ପରଜୀବୀ ଚର୍ଚ୍ଚକ କୋଷରେ ବଂଶବୃଦ୍ଧି କରନ୍ତି । ଉଭୟ ସଜୀବ ଓ ନିର୍ଜୀବ ଲକ୍ଷଣ ଦେଖାନ୍ତି । ଜୀବନ୍ତ ଲକ୍ଷଣ ପୁଷ୍ଟିସାର ସଂଶ୍ଳେଷଣ ସହ ସଂଖ୍ୟା ବଢ଼ାଇବା ତେଣୁ ରୋଗ ସଂକ୍ରମଣ କରିବା । ନିର୍ଜୀବ ଲକ୍ଷଣ ପ୍ରୋଟୋପ୍ଲାଜମ ନାହିଁ ତେଣୁ ଶ୍ୱସନ କରନ୍ତି ନାହିଁ ।

ବସନ୍ତ, ସ୍ୱାଇନ ଫ୍ଲୁ, ଇବୋଲା, ରୋଟା, ଏଚ୍.ଆଇ.ଭି. ପରେ ବର୍ତ୍ତମାନ କରୋନାର ନାମରେ ଭୟ । ଜଳପକ୍ଷୀ, ଘୁଷୁରୀ, ମାଙ୍କଡ଼, ମୂଷା ପରେ ସାପ, ବାଦୁଡ଼ି ଏହାର ଚର୍ଚ୍ଚକ ବୋଲି ଜଣା ପଡ଼ିଛନ୍ତି । କରୋନାର ଆର ଏନ୍ ଏ ଜେନେଟିକ୍ କଣିକା । ଏଗୁଡ଼ିକୁ ରେଟ୍ରୋ ଭାଇରସ୍ କହନ୍ତି । ଏମାନେ ଟି ସେଲ ଦୁର୍ବଳ କରି ଇମ୍ୟୁନିଟି ବା ରୋଗ ପ୍ରତିରୋଧକ ହ୍ରାସ କରନ୍ତି । ଏହାର ଟିକା ଖୋଜା ଚାଲିଛି । ଭାକ୍ସିନେସନ ପ୍ରକ୍ରିୟାରେ ଏଡ଼ୱାର୍ଡ଼ ଜେନେର ନାମକରଣ Vacca ଅର୍ଥ ଗାଈରୁ ଆଣିଛନ୍ତି । ବସନ୍ତ ରୋଗ ଭଲ ପାଇଁ ଗୋବସନ୍ତରୁ ଟୀକା ପ୍ରସ୍ତୁତି ହୋଇଥିଲା ।

ତେଣୁ ଭାରତୀୟ ସଂସ୍କୃତିର 'କରୋନା ଯୁଦ୍ଧ'ରେ ମହତ୍ତ୍ୱ ରହିଛି । ଭାରତର ଦେବାଦେବୀ ପୂଜା ବିଶ୍ୱାସରେ ଘୁଷୁରୀ, ମୂଷା, ସାପ, ମାଙ୍କଡ଼ର ପୂଜନ ହୁଏ । ଶାକାହାରକୁ ଗୁରୁତ୍ୱ ଦିଆଯାଏ । ସୂର୍ଯ୍ୟୋଦୟ ପୂର୍ବରୁ ଗୋବର ଲିପିବା, ହାତରେ ଶଙ୍ଖା ଓ ମୁଣ୍ଡରେ ସିନ୍ଦୁର ପିନ୍ଧିବା, ନିମ୍ବ ହଳଦୀ, ଚନ୍ଦନର ବ୍ୟବହାର କରିବା । ଅତିଥିଙ୍କ ସ୍ୱାଗତ ପାଇଁ ହଳଦୀ ପାଣିରେ ପାଦ ଧୋଇବା, ତୁଳସୀ ପୂଜା କରିବା, ହୋମ ଯଜ୍ଞରେ ଦୀପ ପ୍ରଜ୍ୱଳନ କରିବା, ଘଣ୍ଟଧ୍ୱନି, ଧୂପ ଦୀପ ଦେବା । ନିତ୍ୟ କର୍ମରେ ପାଲଟା ଲୁଗାର ଧୋଇବା, ହସ୍ତପାଦ ପ୍ରକ୍ଷାଳନ , ପାଣି ଗଡୁର ବ୍ୟବସ୍ଥା, ମୃତ ବ୍ୟକ୍ତିଙ୍କ ପାଇଁ ୧୨ ଦିନ ପରେ ସଂସ୍କାର ହେବା ଏବଂ ଭାବର ବିନିମୟ ପାଇଁ ହାତ ଯୋଡ଼ି ନମସ୍କାର ବା ନମସ୍ତେ କରିବା ଇତ୍ୟାଦି ଆଜିର ପରିପ୍ରେକ୍ଷୀରେ ବୈଜ୍ଞାନିକ ସତ୍ୟତା ସହ ସଂସ୍କୃତିକୁ ବୁଝା ହେଉଛି । ଜୀବ ପରିବେଶରେ ବଞ୍ଚେ । ବଞ୍ଚିବା ପାଇଁ ସଂଗ୍ରାମ ଅନିବାର୍ଯ୍ୟ । ଅତୀତରେ ଦେବ ଦାନବ ଯୁଦ୍ଧ, ତ୍ରେତୟାର ରାମ ରାବଣ ଯୁଦ୍ଧ, ଦ୍ୱାପରର ମହାଭାରତ ଯୁଦ୍ଧ ମହାସଂଗ୍ରାମ ମଣିଷ ମଣିଷର ଯୁଦ୍ଧ ଦୁଇଟି ମହାସମର ବିଶ୍ୱରେ ଶେଷ ହୋଇଛି ।

ଆଶ୍ଚର୍ଯ୍ୟ ଆଜିର ଯୁଦ୍ଧ ମଣିଷ ବନାମ ଭୂତାଣୁ । ଯେଉଁ ସମରରେ ସୈନ୍ୟ ବଦଳରେ ଡାକ୍ତର, ପୋଲିସ୍ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଯୋଦ୍ଧାର ନାମ ଓ ସ୍ୱୀକୃତି ମିଳିଛି । ବିଶ୍ୱର ୨୨୦ଟି ଦେଶରେ ଯୁଦ୍ଧକ୍ଷେତ୍ର ବ୍ୟାପିଛି । ଭାରତ ଏହି ଯୁଦ୍ଧର ଏକ ମହାରଥୀ । ଆମେରିକା, ଇଟାଲୀ, ଜର୍ମାନୀ, ଇଂଲଣ୍ଡ, ଫ୍ରାନସ ଭଳି ଶକ୍ତିଶାଳୀ ଦେଶଙ୍କ ସେନାପତିଙ୍କୁ ଧକ୍କା ଲାଗିଛି । ଭାରତ ନିଜର ପୂର୍ବଜ୍ଞାନ ଦ୍ୱାରା ପ୍ରାୟ ୧୩୨ କୋଟି ଜନତାକୁ ନିୟନ୍ତ୍ରଣ କରିଛି । ସମସ୍ତେ ମାନିଛନ୍ତି ଲକ୍‌ଡାଉନ୍, କ୍ୱାରେନ୍‌ଟାଇନ୍, ସାନିଟାଇଜେସନ୍, ମାସ୍କ, ଭେଣ୍ଟିଲେଟର ଭଳି ଇଂରେଜ ଶବ୍ଦକୁ ଗ୍ରହଣ କରିଛନ୍ତି ।

ଅର୍ଥ ଉପରେ ନିର୍ଭରଯୋଗ୍ୟ ଶ୍ରମିକ ମଧ୍ୟ କାର୍ଯ୍ୟ ବନ୍ଦ କରିଛି । ସାଧରଣ ବିମାନ ଚଳାଚଳ, ଟ୍ରେନ୍ ଚଳାଚଳ, ବସ୍ ଓ ଅଟୋ ଟ୍ୟାକ୍ସି ବି ବନ୍ଦ ରହିଛି । ଆଶ୍ଚର୍ଯ୍ୟ ସର୍ବ ଧର୍ମ ସମନ୍ୱୟ ପରି ସମସ୍ତ ଜନତା ଏହି ସ୍ଥିତିରେ ଏକ ହୋଇ ଲଢ଼ିଛନ୍ତି । ସୋସିଆଲ ଡିଷ୍ଟାନସିଙ୍ଗ କହିବା ଭୁଲ ହୋଇଯିବ । ଫିଜିକାଲ ଡିଷ୍ଟାନସିଙ୍ଗ ହିଁ ଠିକ୍ ହେବ । ଜଣ ଜଣଙ୍କ ମଧ୍ୟରେ ଦୂରତା ଦୁଇ ଗଜ ।

ପରିବେଶ ପ୍ରଦୂଷଣ କମିଛି । ସ୍ୱଚ୍ଛତା ବଢ଼ିଛି । ଶିକ୍ଷା ପ୍ରାପ୍ତି ପାଇଁ ଇଲେକ୍ଟ୍ରୋନିକ୍ ମାଧ୍ୟମ ଉପଯୋଗ ହୋଇପାରିଛି । ବିଭିନ୍ନ ଆପ୍ ମାଧ୍ୟମରେ ଆରୋଗ୍ୟ ସେତୁ, ଦୀକ୍ଷାର ଉପଯୋଗ ମଧ୍ୟ ସଫଳ ହେଲାଣି । ଅଯଥା ମେଳିରେ ଯୋଗଦାନ ହେଉନି । ଧର୍ମାନୁଷ୍ଠାନ, ମନ୍ଦିର, ମସ୍‌ଜିଦ୍, ଗୀର୍ଜାରେ ପ୍ରାର୍ଥନାଦି ନିୟନ୍ତ୍ରିତ । ଜଗନ୍ନାଥଙ୍କର ରଥଯାତ୍ରା ଭଳି  କାର୍ଯ୍ୟକ୍ରମରେ ମଧ୍ୟ କୋଭିଡ୍-୧୯ ନିୟମର ପ୍ରଭାବ ଏହି ମହାସମରର ବିଶେଷତା । ପରିବାରର ନିଜ ଲୋକଙ୍କ ସହିତ ଘନିଷ୍ଠତା ଏବଂ ଦୂର ବନ୍ଧୁଙ୍କ ସହ ସମ୍ପର୍କ ଇଲେକ୍ଟ୍ରୋନିକ୍ ମାଧ୍ୟମ ।

*ମନ୍ତ୍ରୀ*
*ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ*

**ଜ୍ଞାନୀମାନେ କେବେ ଆସିଣ ଜ୍ଞାନ ବୁଝାଉଥାନ୍ତି ।**

**ଆମ ସଂସ୍କୃତି ଓ ପରମ୍ପରା**

# ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା

*ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ*

ଖେଳ ଛୁଟି ପରେ ଘଣ୍ଟା ବାଜିଲା । ପଡ଼ିଆରେ ଖେଳୁଥିବା ପିଲାମାନେ ଗୋଡ଼ହାତ ଧୋଇ ଶ୍ରେଣୀକୁ ଆସିଲେ । ଗୁରୁଜୀ ଶ୍ରେଣୀରେ ପ୍ରବେଶ କରିବା ପରେ ପାୟଲ ଠିଆ ହୋଇ ଗୁରୁଜୀଙ୍କ ହାତକୁ ଦରଖାସ୍ତଟିଏ ବଢ଼ାଇ ଦେଲା । ଗୁରୁଜୀ ଦେଖିଲେ ପାୟଲ ଚାରିଦିନ ବିଦ୍ୟାଳୟକୁ ନ ଆସିବା ପାଇଁ ଛୁଟି ଦରଖାସ୍ତ ଦେଇଛି । କାରଣ ପଚାରିବାରୁ ସେ କହିଲା ଯେ ଆସନ୍ତା କାଲି ଜେଜେ ବାପାଙ୍କ ସହିତ ସେ ପୁରୀ ରଥଯାତ୍ରା ଦେଖିବାକୁ ଯିବ । ତାଙ୍କ ଗ୍ରାମର ଆହୁରି ଅନେକ ଲୋକ ରଥଯାତ୍ରା ଦେଖିବାକୁ ଯାଉଛନ୍ତି । ସକାଳୁ ସକାଳୁ ସେମାନେ ବସ୍‌ରେ ବସି କଟକ ଯିବେ । କଟକରୁ ରେଳ ଗାଡ଼ିରେ ବସି ପୁରୀ ଯିବେ । ଆଗରୁ ପାୟଲ କେବେ ରେଳ ଗାଡ଼ିରେ ବସି ନ ଥିଲା । ରେଳ ଗାଡ଼ିରେ ବସିବା କଥା ଶୁଣିବା ପରଠାରୁ ତା’ ମନ ଆନନ୍ଦରେ ନାଚି ଉଠୁଥାଏ ।

ଗୁରୁଜୀ ପିଲାମାନଙ୍କୁ କହିଲେ ଯେ, ଶ୍ରୀଗୁଣ୍ଡିଚା ପାଇଁ ଆସନ୍ତା କାଲି ବିଦ୍ୟାଳୟ ଛୁଟି ଅଛି । ତେବେ ମୁଁ ଆଜି ତୁମମାନଙ୍କୁ ଶ୍ରୀଗୁଣ୍ଡିଚା ଯାତ୍ରା ବିଷୟରେ କିଛି କହୁଛି, ମନ ଦେଇ ଶୁଣ ।

ପିଲାମାନେ, ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଗର୍ବ ଓ ଗୌରବ । ଓଡ଼ିଶାର ଧର୍ମ, ସଂସ୍କୃତି, ପରମ୍ପରା, ଚଳଣି ଆଦି ସବୁକିଛି ପ୍ରଭୁ ଜଗନ୍ନାଥଙ୍କ ସହିତ ଜଡ଼ିତ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିରରେ ପୂଜା ପାଉଥିଲେ ମଧ୍ୟ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ମନ୍ଦିର ମାନଙ୍କରେ ତାଙ୍କର ବିଗ୍ରହ ପୂଜା ପାଉଥିବା ଦେଖାଯାଏ । ବର୍ଷର ବାର ମାସରେ ତେର ଯାତ୍ରା ଶ୍ରୀକ୍ଷେତ୍ରରେ ବହୁ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଥାଏ । ଏହି ଯାତ୍ରାମାନଙ୍କ ମଧ୍ୟରେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ଶ୍ରୀଗୁଣ୍ଡିଚା ଯାତ୍ରା ବା ରଥଯାତ୍ରା ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏକ ଶ୍ରେଷ୍ଠ ଯାତ୍ରା । ଏହା ହିନ୍ଦୁମାନଙ୍କର ଏକ ପ୍ରଧାନ ପର୍ବ ବା ଉତ୍ସବ । ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ଜଗନ୍ନାଥ ବଡ଼ ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଆୟୁଧ ସୁଦର୍ଶନଙ୍କ ସହିତ ତିନୋଟି ରଥରେ ବିଜେ ହୋଇ ବଡ଼ ଦାଣ୍ଡରେ ଭକ୍ତମାନଙ୍କ ଗହଣରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି । ଏହି ଯାତ୍ରା ଦେଖିବା ପାଇଁ ରାଜ୍ୟ ବାହାରୁ ତଥା ଦେଶ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ବଡ଼ ଦାଣ୍ଡରେ ସମବେତ ହେଉଥିବା ଦେଖାଯାଏ ।

ପୁରାଣ ମତ ଅନୁସାରେ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା ଦେବୀ ଏହି ଯାତ୍ରା ପ୍ରଚଳନ କରିଥିବାରୁ ରାଣୀଙ୍କ ନାମ ଅନୁସାରେ ଏହି ଯାତ୍ରାର ନାମ ଶ୍ରୀଗୁଣ୍ଡିଚା ଯାତ୍ରା ବୋଲି କୁହାଯାଏ । ଶ୍ରୀଜଗନ୍ନାଥ ହେଉଛନ୍ତି ଭକ୍ତ ମାନଙ୍କର ଅତି ଆପଣାର । ରଥ ଉପରେ ତିନି ଦିଅଁଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୁଏ ନାହିଁ ବୋଲି ଲୋକମୁଖରେ ଶୁଣାଯାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ ପାଇଁ ପ୍ରତିବର୍ଷ ଶ୍ରୀକ୍ଷେତ୍ରରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ ।

ଗୁରୁଜୀ କହିଲେ ଶ୍ରୀଜଗନ୍ନାଥ, ଶ୍ରୀ ବଳଦେବ ଓ ଦେବୀ ସୁଭଦ୍ରାଙ୍କ ପାଇଁ କାଠରେ ତିନିଗୋଟି ରଥ ତିଆରି କରାଯାଇଥାଏ । ଏହି ରଥ ତିଆରି କାମ ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ତିଥି ବା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥାଏ । ମାତ୍ର ତା ପୂର୍ବରୁ ଶ୍ରୀ ପଞ୍ଚମୀ ଦିନ ଠାରୁ ତିନି ରଥ ପାଇଁ କାଠ ସଂଗ୍ରହ ଆରମ୍ଭ ହୋଇ ଶ୍ରୀରାମ ନବମୀରେ ଏହି କାଠ ଚିରା ହୋଇଥାଏ । ତିନି ରଥ ପାଇଁ ଦରକାର ପଡୁଥିବା ସମସ୍ତ କାଠ ଓଡ଼ିଶା ସରକାରଙ୍କ ବନ ବିଭାଗ ପକ୍ଷରୁ ଯୋଗାଇ ଦିଆ ଯାଇଥାଏ । ପ୍ରାୟ ଦୁଇ ମାସ ଧରି ମହାରଣାମାନେ ଶ୍ରୀନଅର ସାମନା ରଥଖଳାରେ ତିନି ରଥକୁ ନିର୍ମାଣ କରନ୍ତି । ରଥ ତିଆରି ପରେ ରଥ ତିନୋଟିକୁ ନେତ୍ରୋତ୍ସବ ଦିନ ସିଂହଦ୍ୱାର ନିକଟକୁ ଟାଣି ଟାଣି ନିଆ ଯାଇଥାଏ ।

**କର୍ମୀମାନେ ପୁଣି ପହଞ୍ଚ ନାନା କର୍ମ ସାଧନ୍ତି ।।**

ପିଲାମାନେ, ତିନି ଠାକୁରଙ୍କ ପାଇଁ ତିନୋଟି ରଥ ତିଆରି ହେଉଥିବା ବେଳେ ତିନି ରଥର ଗଠନ ସମାନ ହୋଇଥିଲେ ମଧ୍ୟ ସେମାନଙ୍କର ଆକାର ଅଲଗା ଅଲଗା ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ । ଏହାର ଉଚ୍ଚତା ୩୩ ହାତ ୫ ଆଙ୍ଗୁଳି ବା ୪୫ ଫୁଟ ୬ ଇଞ୍ଚ । ଏହି ରଥ ତିଆରିରେ ୮୩୨ ଖଣ୍ଡ କାଠ ବ୍ୟବହାର କରାଯାଇଥାଏ । ନନ୍ଦିଘୋଷ ରଥର ଚକ ସଂଖ୍ୟା ୧୬ ଏବଂ ପ୍ରତ୍ୟେକ ଚକର ପରିଧି ୫ ହାତ । ରଥରେ ହଳଦିଆ ଓ ଲାଲ ରଙ୍ଗର କପଡ଼ା ବ୍ୟବହାର କରାଯାଇଥାଏ । ଏହି ରଥର ସାରଥିଙ୍କ ନାମ ଦାରୁକ ବା ସାତ୍ୟକୀ, ଦ୍ୱାରପାଳଙ୍କ ନାମ ବିଜୟ ଓ ରଥ ଦଉଡ଼ିର ନାମ ଶଙ୍ଖଚୂଡ଼ ଅଟେ ।

ସେହିପରି ବଡ଼ ଭାଇ ବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ । ଏହାର ଉଚ୍ଚତା ୩୨ ହାତ ୧୦ ଆଙ୍ଗୁଳି ବା ୪୫ ଫୁଟ । ଏହି ରଥ ତିଆରିରେ ୭୬୩ ଖଣ୍ଡ କାଠ ବ୍ୟବହାର କରାଯାଇଥାଏ । ତାଳଧ୍ୱଜ ରଥର ଚକ ସଂଖ୍ୟା ୧୪ ଏବଂ ଏହି ଚକର ପରିଧି ସାଢ଼େ ଚାରି ହାତ । ରଥରେ ନୀଳ ଓ ଲାଲ ରଙ୍ଗର କପଡ଼ା ବ୍ୟବହାର କରାଯାଇଥାଏ । ଏହି ରଥର ସାରଥୀଙ୍କ ନାମ ମାତଳି, ଦ୍ୱାରପାଳଙ୍କ ନାମ ନନ୍ଦ ଓ ସୁନନ୍ଦ ଏବଂ ରଥ ଦଉଡ଼ିର ନାମ ବାସୁକି ଅଟେ ।

ଦେବୀ ସୁଭଦ୍ରାଙ୍କ ପାଇଁ ନିର୍ମାଣ କରାଯାଇଥିବା ରଥର ନାମ ହେଉଛି ଦେବଦଳନ ବା ଦର୍ପଦଳନ । ଏହି ରଥର ଉଚ୍ଚତା ୧ ହାତ ବା ୪୪ ଫୁଟ ୬ ଇଞ୍ଚ । ଏହି ରଥ ତିଆରିରେ ୭୧୧ ଖଣ୍ଡ ବା ଆଉ କେତେକଙ୍କ ମତରେ ୫୯୩ ଖଣ୍ଡ କାଠ ବ୍ୟବହାର କରାଯାଇଥାଏ । ଦେବଦଳନ ରଥର ଚକ ସଂଖ୍ୟା ୧୨ ଏବଂ ଏହି ଚକର ପରିଧି ୪ ହାତ ଅଟେ । ରଥରେ କଳା ଓ ଲାଲ ରଙ୍ଗର କପଡ଼ା ବ୍ୟବହାର କରାଯାଇଥାଏ । ଏହି ରଥର ସାରଥିଙ୍କ ନାମ ଅର୍ଜୁନ, ଦ୍ୱାରପାଳଙ୍କ ନାମ ଶ୍ରୀଦେବୀ, ଭୂଦେବୀ ଓ ଅଷ୍ଟ ଭୈରବ । ଏହି ରଥରେ ବ୍ୟବହାର କରାଯାଉଥିବା ଦଉଡ଼ିର ନାମ ସ୍ୱର୍ଣ୍ଣଚୂଡ଼ ଅଟେ ।

ରଥଯାତ୍ରା ପାଇଁ ବଡ଼ ଦାଣ୍ଡର ରଥ ଖଳାରେ ମହାରଣାମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ରଥ ତିନୋଟିକୁ ନେତ୍ରୋତ୍ସବ ଦିନ ଅର୍ଥାତ୍ ଶ୍ରୀଗୁଣ୍ଡିଚା ଯାତ୍ରାର ପୂର୍ବଦିନ ଶ୍ରୀମନ୍ଦିରର ସିଂହଦ୍ୱାରା ସାମନାକୁ ଅଣାଯାଏ । ରଥ ଯାତ୍ରାର ବଡ଼ି ଭୋରରୁ ବଡ଼ ଦେଉଳରେ ତିନି ଠାକୁରଙ୍କ ପୂଜାର୍ଚ୍ଚନା ପରେ ଠାକୁରମାନଙ୍କୁ ଧାଡ଼ି ପହଣ୍ଡିରେ ରଥରେ ବିଜେ କରାଯାଏ । ପହଣ୍ଡି ସମୟରେ ଭକ୍ତମାନଙ୍କ ହରିବୋଲ ହୁଳହୁଳି ଧ୍ୱନି ସହ ଘଣ୍ଟ, ଘଣ୍ଟା, କାହାଳୀ ଓ ତେଲିଙ୍ଗି ବାଜାର ସୁମଧୁର ଧ୍ୱନିରେ ଗଗନ ପବନ ମୁଖରିତ ହୋଇଉଠେ । ଦୂର ଦୂରାନ୍ତରୁ ଆସିଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତ ବଡ଼ ଦାଣ୍ଡରେ ତିନି ରଥରେ ତିନି ଠାକୁରଙ୍କୁ ଦର୍ଶନ କରି ଅପାର ଆନନ୍ଦ ଅନୁଭବ କରିଥାଆନ୍ତି ।

ପହଣ୍ଡି ସମୟରେ ପ୍ରଥମେ ଶ୍ରୀ ସୁଦର୍ଶନଙ୍କୁ ମା' ସୁଭଦ୍ରାଙ୍କ ରଥରେ ବିଜେ କରାଯାଏ । ପରେ ପରେ କ୍ରମ ଅନୁସାରେ ଶ୍ରୀ ବଳଭଦ୍ରଙ୍କୁ ତାଳଧ୍ୱଜ ରଥରେ, ଦେବୀ ସୁଭଦ୍ରାଙ୍କୁ ଦେବଦଳନ ରଥରେ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନନ୍ଦିଘୋଷ ରଥରେ ବିଜେ କରାଯାଇଥାଏ । ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ତିନି ରଥରେ ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ପରେ ପୁରୀର ଗଜପତି ମହାରାଜା ଶ୍ରୀନଅରରୁ ବିମାନରେ ଆସି ତିନି ରଥ ଉପରେ ଛେରା ପହଁରା ନୀତି ସମ୍ପାଦନ କରି ଥାଆନ୍ତି ।

ତିନି ରଥରେ ଛେରା ପହଁରା କାର୍ଯ୍ୟ ସମାପନ ପରେ ରଥରେ ସାରଥି ଓ ଅଶ୍ୱମାନଙ୍କୁ ଯୋଚା ଯାଇ ଚାରମାଳ ଖୋଲି ଦିଆଯାଏ । ତାହାପରେ ତିନି ରଥରେ ଦଉଡ଼ି ବନ୍ଧା ଯାଇ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥାଏ । କ୍ରମ ଅନୁସାରେ ଭକ୍ତମାନେ ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ କିଛିବାଟ ଟାଣି ନେବା ପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥର ଟଣାକାର୍ଯ୍ୟ ଆରମ୍ଭ ହୋଇଥାଏ । ପରିଶେଷରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣି ଟାଣି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟକୁ ନେଇ ଥାଆନ୍ତି ।

ରଥ ଗୁଣ୍ଡିଚା ଘରକୁ ଯିବା ବାଟରେ ମାଉସୀମାଙ୍କ ମନ୍ଦିର ପଡ଼େ । ମାଉସୀ ମା'ଙ୍କୁ ଦର୍ଶନ କରିବା ପାଇଁ କିଛି କ୍ଷଣ ପାଇଁ ରଥ

**ଧାର୍ମିକ ପଣରେ କେହି ବା ଦିଏ ଧର୍ମ ବକ୍ତୃତା ।**

ତିନୋଟିକୁ ଏହି ମନ୍ଦିର ନିକଟରେ ଅଟକା ଯାଇଥାଏ । ତାହାପରେ ତିନି ରଥକୁ ଭକ୍ତମାନେ ଟାଣି ଟାଣି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଥିବା ଶରଧା ବାଲିକୁ ନେଇଥାନ୍ତି । ଶ୍ରୀଗୁଣ୍ଡିଚା ପରଦିନ ତିନି ଦିଅଁଙ୍କୁ ପହଣ୍ଡିରେ ଶ୍ରୀଗୁଣ୍ଡିଚା ମନ୍ଦିରର ମହାବେଦୀକୁ ନିଆ ଯାଇଥାଏ ।

ଗୁଣ୍ଡିଚା ଯାତ୍ରାର ନଅଦିନ ପରେ ଅର୍ଥାତ୍ ବାହୁଡ଼ା ଦଶମୀରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ି ଆସନ୍ତି । ଭକ୍ତମାନେ ପୂର୍ବ ପରି ତିନି ରଥରେ ଦିଅଁମାନଙ୍କୁ ବସାଇ ରଥ ଟାଣି ଟାଣି ଶ୍ରୀମନ୍ଦିର ନିକଟକୁ ଆଣି ଥାଆନ୍ତି । ଏହି ଦିନ ମଧ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାବେଶ ହୋଇଥାଏ । ସିଂହଦ୍ୱାର ସାମନାରେ ବିଭିନ୍ନ ଦିବସରେ ସୁନାବେଶ ଓ ଅଧରପଣା ନୀତି ଅନୁଷ୍ଠିତ ହୋଇଥାଏ । ଶେଷରେ ତିନି ଠାକୁର ପହଣ୍ଡିରେ ଶ୍ରୀମନ୍ଦିରକୁ ନୀଳାଦ୍ରିବିଜେ କରିଥାନ୍ତି । ଘଣ୍ଟ, ଘଣ୍ଟା, କାହାଳୀ ଓ ତେଲିଙ୍ଗି ବାଜାର ସୁମଧୁର ଧ୍ୱନି ଓ ଆତସବାଜି ଶବ୍ଦରେ ଗଗନ ପବନ ମୁଖରିତ ହୋଇ ଉଠେ । ହରିବୋଲ ଓ ହୁଳହୁଳି ଧ୍ୱନି ମଧ୍ୟରେ ତିନି ଦିଅଁଙ୍କୁ ଶ୍ରୀମନ୍ଦିରର ରତ୍ନସିଂହାସନରେ ବିଜେ କରାଯାଇଥାଏ । ଏହିପରି ଭାବେ ପ୍ରତିବର୍ଷ ଶ୍ରୀକ୍ଷେତ୍ରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ।

ପିଲାମାନେ ଗୁରୁଜୀଙ୍କ ଠାରୁ ଶ୍ରୀକ୍ଷେତ୍ରର ରଥଯାତ୍ରା ବିଷୟରେ ଶୁଣୁଶୁଣୁ ଘଣ୍ଟାରେ ଚାରିଟା ବାଜି ଯାଇଥିଲା । ଠନ୍ ଠନ୍ ହୋଇ ଛୁଟି ଘଣ୍ଟା ବାଜିବାରୁ ପିଲାମାନେ ଗୁରୁଜୀଙ୍କ ଠାରୁ ବିଦାୟ ନେଇ ଘରକୁ ବାହୁଡ଼ି ଯାଇଥିଲେ ।

*ଯଦୁ ମାଳତୀ କୃପା ନିବାସ*
*ଶକ୍ତିବିହାର, ବାଲିପଡ଼ା, କଟକ*

## -: କବି ଓ ଲେଖକମାନଙ୍କୁ ନିବେଦନ :-

**ପ୍ରିୟବନ୍ଧୁ !**

ସାରସ୍ୱତ ଅଭିନନ୍ଦନ ଓ ଶୁଭେଚ୍ଛା । ଶିକ୍ଷାସୃଜନୀ ପରିବାରର ଅଭିନ୍ନ ଅଙ୍ଗ, ସମସ୍ତ ଲେଖକଲେଖିକାମାନଙ୍କୁ ସାରସ୍ୱତ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସାରସ୍ୱତ ସାଧନାର ସ୍ୱୀକୃତି ସ୍ୱରୂପ ଶିକ୍ଷାସୃଜନୀ ପତ୍ରିକା ଆଜି ଓଡ଼ିଶାର ସର୍ବାଧିକ ପ୍ରସାରିତ ପତ୍ରିକା ହିସାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏବେ ଏବେ ଟେକ୍ନୋଲୋଜିର ବହୁଳ ବ୍ୟବହାର କାରଣରୁ ଆପଣମାନେ ଲେଖାଗୁଡ଼ିକୁ ଇ-ମେଲ ମାଧ୍ୟମରେ ପଠାଉଛନ୍ତି । ଏହା ସ୍ୱାଗତଯୋଗ୍ୟ, ମାତ୍ର ଲେଖାଗୁଡ଼ିକୁ ଇ-ମେଲ କରିବା ସମୟରେ ନିମ୍ନଲିଖିତ ବିନ୍ଦୁ ପ୍ରତି ଦୃଷ୍ଟି ଦେବାକୁ ବିନୀତ ଅନୁରୋଧ ।

୧) ଯଦି ଲେଖାଗୁଡ଼ିକୁ ଡି.ଟି.ପି. କରି ପଠାଉଛନ୍ତି ତେବେ ତାହାକୁ ଆକୃତି ଓଡ଼ିଆ ଶାରଳା ଫଣ୍ଟ ମାଧ୍ୟମରେ ଡି.ଟି.ପି. କରି ଓରିଜିନାଲ୍ ଫାଇଲ୍ ସହ ପଠାଇବେ ।

୨) ଯଦି ହାତ ଲେଖା ଇ-ମେଲ୍ /ହ୍ୱାଟସ୍ଆପ୍ ମାଧ୍ୟମରେ ପଠାଉଛନ୍ତି ତେବେ କେମ୍ ସ୍କାନରରେ ସ୍କାନ କରି ଇ-ମେଲ ମାଧ୍ୟମରେ ପଠାନ୍ତୁ ଅଥବା ମୋବାଇଲରେ କେମ୍ ସ୍କାନ ଲୋଡ଼ କରି ସେହି ଆପ୍‌ରେ ସ୍କାନ କରି ପଠାନ୍ତୁ ।

୩) ହାତ ଲେଖାକୁ ମୋବାଇଲରେ ଫଟୋ ଉଠାଇ କେବେବି ଇ-ମେଲ୍ /ହ୍ୱାଟସ୍ଆପ୍‌ରେ ପଠାନ୍ତୁ ନାହିଁ । ଏହା ପ୍ରକାଶ ପାଇଁ ଗ୍ରହଣଯୋଗ୍ୟ ହେବ ନାହିଁ ।

୪) ଯଦି କାଗଜରେ ହାତଲେଖା ପଠାଉଛନ୍ତି ତେବେ A4 କାଗଜରେ ଗୋଟିଏ ପାଖରେ ଲେଖି ପଠାନ୍ତୁ । ମାର୍ଜିନ୍ ରହିବା ଆବଶ୍ୟକ ।

ସମ୍ପାଦକ

ବଡ଼ିମା ପଣକୁ ଦେଖାଇ ହୁଏ ବଡ଼ ଲୋକଟା ।।

# ଶିଶୁର ପ୍ରାଥମିକ ଶିକ୍ଷା

✸ ସୁଜାତା ଦାଶ

ମାନବ ସଭ୍ୟତାର ଆଦିମ ଭାଷାର ବର୍ଣ୍ଣିଳ ଆଭା ପ୍ରତିଫଳିତ ହୋଇଥାଏ ଶିକ୍ଷା ମାଧ୍ୟମରେ । ଶିକ୍ଷା ଜୀବନ ବ୍ୟାପୀ ପ୍ରକ୍ରିୟା, ଆରମ୍ଭ ତା'ର ମାତୃଗର୍ଭରୁ ଶେଷ ଜୀବନର ଅନ୍ତିମ ପର୍ଯ୍ୟାୟରେ । ଜୀବନ ଏକ ବୃହତ୍ତର ପାଠଶାଳା, ପ୍ରତି ମୁହୂର୍ତ୍ତରେ ମଣିଷ ଶିକ୍ଷାଲାଭ କରିଥାଏ । ଜୀବନ ସଂଗ୍ରାମରେ ଶିକ୍ଷା ପଥ ପ୍ରଦର୍ଶକ । ଶିକ୍ଷା ହିଁ ଦେଶର ମାନଦଣ୍ଡ । ଶିକ୍ଷା ଯେତିକି ଉନ୍ନତ ଏବଂ ମାର୍ଜିତ ହୁଏ, ଦେଶ ସେତିକି ହୁଏ ଉନ୍ନତ ଏବଂ ମହତ । ଶିକ୍ଷା ପଦ୍ଧତିକୁ ତା'ର ଐତିହ୍ୟ ଏବଂ ସଂସ୍କୃତିର ଆଦର୍ଶମୟ ଭିତ୍ତିଭୂମି ଉପରେ ଗଠନ କରେ ସେ ଦେଶ ଜଗତରେ ହୁଏ ଆଦର୍ଶ ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଶିଶୁର ପ୍ରଥମ ଶିକ୍ଷୟିତ୍ରୀ ହେଉଛନ୍ତି ମାଆ । ଭୂମିଷ୍ଠ ଶିଶୁର ଦରୋଟି ଓଠରେ ଫୁଟି ଉଠୁଥିବା ଆଦ୍ୟ ଅକ୍ଷର ମା' ଶିଶୁର ଶିକ୍ଷା ପୁସ୍ତକରୁ ଆରମ୍ଭ ନୁହେଁ ଆରମ୍ଭ ସେହି ମାଆର ମମତାରୁ ଓ ବାପାଙ୍କ ଆକଟରୁ । ପ୍ରାରମ୍ଭିକ ପର୍ଯ୍ୟାୟରେ ଶିଶୁର ଆନନ୍ଦ ତାକୁ ଶିକ୍ଷାର ପ୍ରଥମ ସୋପାନ ଚଢ଼ିବାରେ ସାହାଯ୍ୟ କରେ । ସେ ସାଗର ଗର୍ଭର ମୁକ୍ତା ଚାହେଁନା, ସେ ଆନନ୍ଦ ଲାଭ କରେ ସାଗର ବେଳା ଭୂମିର ବିକ୍ଷିପ୍ତ ଶାମୁକା ସାଉଁଟିବାରେ, ବାଲିଗରଡ଼ା ଗଣିବାରେ । ମାତୃଗର୍ଭରୁ ଆରମ୍ଭ ଶିକ୍ଷଣ ମାତୃଭାଷାରେ ହେବା ଆବଶ୍ୟକ । ମାତୃଭାଷାର ମନ୍ଦ୍ର ଧ୍ୱନି ତା'ର ପ୍ରାଣରେ ସ୍ପନ୍ଦନ ସୃଷ୍ଟି କରେ । ମାତୃଭାଷା ମାଧ୍ୟମରେ ଶିକ୍ଷା ଜୀବନକୁ ସୁସ୍ଥ ଓ ସୁନ୍ଦର କରି ଗଢ଼ିବା ପାଇଁ ଅଭିପ୍ରେରିତ । ମାତୃଭାଷା ମାଧ୍ୟମରେ ଶିକ୍ଷା ଶିଶୁର ଅନ୍ତର୍ନିହିତ ଶକ୍ତି ଓ ଚେତନାକୁ ଜାଗ୍ରତ କରାଇଥାଏ । ତା'ର ହୃଦୟର ଭାବକୁ ବ୍ୟକ୍ତ କରିପାରେ, ମାତୃଭାଷାର ପ୍ରୟୋଗ ଶିକ୍ଷାକୁ କରେ ପ୍ରାଣସ୍ପର୍ଶୀ ।

ପ୍ରାରମ୍ଭିକ ଶିକ୍ଷା ହିଁ ଶିଶୁ ବା ଶିକ୍ଷାର୍ଥୀ ଜୀବନର ଗୁରୁତ୍ୱପୂର୍ଣ୍ଣ ସମୟ-

ଏହି ପ୍ରାଥମିକ ସ୍ତରରୁ ସେ ତା'ର ଜୀବନର ଲକ୍ଷ୍ୟକୁ ସ୍ଥିର କରିଥାଏ । 'ତୁଳସୀ ଦୁଇ ପତ୍ରରୁ ବାସେ' ଏହି ଉକ୍ତିର ଯଥାର୍ଥତା ହିଁ ପ୍ରାଥମିକ ଶିକ୍ଷା ସ୍ତରରୁ ଜାଣି ହୋଇଥାଏ । କାରଣ ଶିକ୍ଷା ଜୀବନକୁ ସରସ ସୁନ୍ଦର କରି ଗଢ଼ି ତୋଳି ଥାଏ । ବୁଦ୍ଧି, ବିବେକ, ବିଚାର ଶକ୍ତିର ଉତ୍ତମ ରୂପେ ବିକାଶ କରିଥାଏ ପ୍ରାଥମିକ ଶିକ୍ଷା । ସତତ ପ୍ରଜ୍ୱଳିତ ପ୍ରଦୀପ ଯେପରି ଅନ୍ୟର ଜୀବନକୁ ଆଲୋକିତ କରେ ଠିକ୍ ସେହିପରି ପ୍ରାଥମିକ ଶିକ୍ଷା ସମଗ୍ର ଜୀବନକୁ ଆଲୋକିତ କରିଥାଏ । ମୋ ମତରେ ଶିକ୍ଷାକୁ ଶିକ୍ଷାର୍ଥୀ ନିକଟରେ ଉତ୍ତମ ଭାବରେ ଉପସ୍ଥାପନ କରିବା ହିଁ ଶିକ୍ଷଣ ପଦ୍ଧତି । ପ୍ରାଥମିକ ଶିକ୍ଷା ସର୍ବଦା ଆନନ୍ଦଦାୟକ ପରିବେଶରେ ହେବା ଆବଶ୍ୟକ । ମା'କୁ ଭଲ ପାଉଥିବା ଶିଶୁ ଉପରେ ମାତୃଭାଷା ମାଧ୍ୟମରେ ଶିକ୍ଷା ଅଧିକ ପ୍ରଭାବୀ ହୋଇଥାଏ । ପ୍ରାଥମିକ ସ୍ତରରୁ ଶିଶୁକୁ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ କରାଯିବା ଆବଶ୍ୟକ । ପ୍ରାଥମିକ ଶିକ୍ଷା, ଶିକ୍ଷା ପଦ୍ଧତିର ମେରୁଦଣ୍ଡ । ପ୍ରାଥମିକ ଶିକ୍ଷା ଯେତିକି ମାର୍ଜିତ ହେବ, ଉନ୍ନତ ହେବ କୋମଳମତି ଶିଶୁର ଭବିଷ୍ୟତ ଅବସ୍ଥା ସେତିକି ମାର୍ଜିତ ଏବଂ ଉନ୍ନତ ହେବ । ଶିଶୁର ଭବିଷ୍ୟତ ନିର୍ଭର କରେ ପ୍ରାଥମିକ ଶିକ୍ଷା ଉପରେ । ଶିଶୁ ନିଷ୍ପାପର ଓ ସରଳ ତେଣୁ ସେ ଚାହେଁ ଏକ ସୁନ୍ଦର ପରିବେଶ । ସେଠାରେ ସେ ତା'ର ଭବିଷ୍ୟତ ଜୀବନର ସୁନେଲି ସ୍ୱପ୍ନ ପରିକଳ୍ପନା କରେ । ଶିଶୁ ବା ଛାତ୍ରର ହୃଦୟରେ ବ୍ୟକ୍ତିତ୍ୱବୋଧକୁ ଜାଗ୍ରତ କରିବା ଏବଂ ଭବିଷ୍ୟତ ନାଗରିକ ଜୀବନ ସଂଗ୍ରାମର ସମ୍ମୁଖୀନ ହେବା ପାଇଁ ସେମାନଙ୍କୁ ପ୍ରେରଣା ଦେବା ପ୍ରାଥମିକ ଶିକ୍ଷାର ଲକ୍ଷ୍ୟ ହେବା ଆବଶ୍ୟକ । ଯେଉଁ ଶିକ୍ଷା ଏହି ପ୍ରେରଣା ସୃଷ୍ଟି କରି ନ ପାରେ ତାହା ଶିକ୍ଷା ପଦବାଚ୍ୟ ନୁହେଁ । ପ୍ରତ୍ୟେକ ଭାରତୀୟ ଶିଶୁକୁ ଗୋଟିଏ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରର ଯୋଗ୍ୟ ନାଗରିକ ରୂପେ ଗଠନ କରିବା ପ୍ରାଥମିକ ଶିକ୍ଷାର ଉଦ୍ଦେଶ୍ୟ ରହିବା ଆବଶ୍ୟକ । ତେବେ ଯାଇ ଶିକ୍ଷାର ଆକାଶରେ ନୂତନ ଆଲୋକର ସଞ୍ଚାର ହୋଇପାରିବ । ପ୍ରାଥମିକ ଶିକ୍ଷା ସଫଳ ହେଲେ ନବନିର୍ମିତ ଶିକ୍ଷା ଯୋଜନାର ବାସ୍ତବ ରୂପାୟନ ହୋଇପାରିବ । ପ୍ରାଥମିକ ଶିକ୍ଷାର ଭିତ୍ତିକୁ ସୁଦୃଢ଼ କରିବା ପ୍ରଥମ ଏବଂ ପ୍ରଧାନ ଲକ୍ଷ୍ୟ ।

ଆଚାର୍ଯ୍ୟା,
ସ.ଶି.ବି.ମ, ପଟ୍ଟାମୁଣ୍ଡାଇ

ବଇରାଗ ଯଦି ଆସିଣ କେବେ ହୁଏ ପ୍ରବେଶ ।

**ରମ୍ୟ କଥନ**

# ଅତୀତରୁ ଖିଏ : ଠକାଠକି କେତେ ଦିନ

*ଶ୍ରୀ ଭରତ ଚନ୍ଦ୍ର ସାହୁ*

ଏକଦା ଗୋଟିଏ ଗ୍ରାମରେ ରାମ ଲକ୍ଷ୍ମଣ ପରି ଦୁଇ ଭାଇ ଥିଲେ । ଗୋଟିଏ ଥାଳିରେ ଖାଉଥିଲେ, ଗୋଟିଏ ବିଛଣାରେ ଶୋଉଥିଲେ । ହେଲେ ସବୁଦିନ ସମାନ ଯାଏନା । ସମୟର ଆବର୍ତ୍ତ ମଧ୍ୟକୁ ଅଚାନକ ନିର୍ବାଚନ ରଥ ଘୋର ଘର୍ଘର ନାଦ କରି ମାଡ଼ି ଆସିଲା । ଏଇ ନିର୍ବାଚନକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହେଲା । ମତାନ୍ତରରୁ ମନାନ୍ତର । ଯେନେତେନ ଉପାୟେଣ ନିର୍ବାଚନ ସରିଗଲା ପରେ ଦୁଇ ଭାଇ ରାବଣ-ବିଭୀଷଣ ଅଥବା ବାଳୀ-ସୁଗ୍ରୀବ ବନିଗଲେ । ସାନ ଭାଇର ଜୀବନଟା ଅତି ମାତ୍ରାରେ ତିକ୍ତ ହୋଇଗଲା । ଅଗତ୍ୟା ଦିନେ ନିଶାର୍ଦ୍ଧରେ ମହାତ୍ମା ବୁଦ୍ଧଙ୍କ ପରି ଗୃହତ୍ୟାଗୀ ହୋଇଗଲେ ।

ଅନେକ ଗ୍ରାମ, ନଗର, ଜନପଥ ଘୂରି ଘୂରି ସାନ ଭାଇ ଲକ୍ଷ୍ମଣ ଶେଷରେ ଗୋଟିଏ ଗ୍ରାମରେ ପହଞ୍ଚିଲେ । ଗ୍ରାମବାସୀଙ୍କ ଦୁର୍ଭାଗ୍ୟକୁ ତଥା ଲକ୍ଷ୍ମଣଙ୍କ ସୌଭାଗ୍ୟକୁ ଉକ୍ତ ଗ୍ରାମ ଚାଟଶାଳୀର ଅବଧାନ ମାରା ପଡ଼ି ଯାଇଥାନ୍ତି । ଅବଧାନ ଖୋଜା ଚାଲିଥାଏ । ଏହିପରି ଏକ ସମୟରେ ଗାଁ ମୁଣ୍ଡ ତେନ୍ତୁଳି ଗଛ ମୂଳେ ଥକ୍କା ମାରୁଥିବା ସୌମ୍ୟଦର୍ଶନ ଲକ୍ଷ୍ମଣଙ୍କୁ ଦେଖି କତିପୟ ଲୋକ ଗାଁ ମୁଖିଆଙ୍କ ପାଖରେ ପହଞ୍ଚି ଲକ୍ଷ୍ମଣଙ୍କ ବିଷୟରେ କହନ୍ତେ ମୁଖିଆ ମହୋଦୟ ୧୫/୨୫ ଲୋକ ଧରି ଲକ୍ଷ୍ମଣଙ୍କ ପାଖରେ ପହଞ୍ଚି ତାଙ୍କ ଉପରେ ଅବଧାନ ଦାୟିତ୍ୱ ନ୍ୟସ୍ତ କଲେ । ବିଲେଇ କପାଳକୁ ଶିକା ଛିଡ଼ିବା ନ୍ୟାୟରେ ଲକ୍ଷ୍ମଣ ସୁଯୋଗଟିକୁ ହାତଛଡ଼ା ନ କରି ଗ୍ରାମବାସୀଙ୍କ ଅନୁରୋଧକୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ପୂର୍ବକ ଅବଧାନ ବନିଗଲେ । କହିବା ବାହୁଲ୍ୟ ଲକ୍ଷ୍ମଣ ସିନା ହସ୍ତୀ ମୂର୍ଖ ଥିଲେ ମାତ୍ର ଚତୁରତା ଗୁଣରେ ଧୁରନ୍ଧର ଥିଲେ । ଏଣୁ ପିଲାଙ୍କୁ ପୂର୍ବ ଅବଧାନଙ୍କ ପାଠ ସବୁ ପୁନରାବୃତ୍ତି କରିବାକୁ ନିର୍ଦ୍ଦେଶ ଦେଲେ । ଏବେ ପିଲାମାନେ ପାଠକୁ ଏପରି ମୁଖସ୍ଥ, କଣ୍ଠସ୍ଥ କରି ପକାଇଲେ ଯେ ଗାଧୋଇବା ବେଳେ ପାଠ ତ ଖାଇଲା ଶୋଇଲା ବେଳେ ପାଠ ସବୁ ବାନ୍ତି କରି ପକାଇଲେ । ପିଲାମାନଙ୍କର ପାଠର ଚର୍ଚ୍ଚାରେ ବାପା ମାଆମାନେ ଅବଧାନଙ୍କ ଉପରେ ଅତ୍ୟନ୍ତ ଖୁସି ।

ତେଣେ କିଛିଦିନ ପରେ ବଡ଼ ଭାଇଙ୍କ କ୍ରୋଧ ଶାନ୍ତ ହୋଇ ଯାଆନ୍ତେ ଲକ୍ଷ୍ମଣର ଅନୁପସ୍ଥିତିକୁ ମର୍ମେ ମର୍ମେ ଅନୁଭବ କରି ବିଳାପ କରିବାକୁ ଲାଗିଲେ । ସମୟ ନଷ୍ଟ ନ କରି ଚୁଡ଼ା ଚାଉଳ ଧରି ଲକ୍ଷ୍ମଣର ଅନୁସନ୍ଧାନରେ ବାହାରି ଯାଇ ତା'ର ସନ୍ଧାନ ପାଇ ଚାଟଶାଳି ଦିଗରେ ମାଡ଼ି ଚାଲିଲେ । ଦୂରରୁ ଅଗ୍ରଜଙ୍କୁ ଆସୁଥିବାର ଦେଖି ଲକ୍ଷ୍ମଣ ପୋଖରୀପାଣି ବାହାରି ଗଲେ ଯେ ଆଉ ଫେରିବାର ନାଁ ଧରିଲେନି । ଢେର ସମୟ ଅପେକ୍ଷା କରି ରାମଚନ୍ଦ୍ର ଚିନ୍ତାକଲେ ଅଭିମାନୀଟା ନ ଆସୁ, ବଞ୍ଚି ଯାଇଛି ତ । ମନକୁ ସାନ୍ତ୍ୱନା ଦେଇ ଘର ବାହୁଡ଼ା ପାଇଁ ଉଦ୍ୟମ କରୁଥିବା ଅବସରରେ ଗୋଟେ ଉଦ୍ଭଟିଆ ଚିନ୍ତାଧାରା ତାଙ୍କ ମଗଜ ଭିତରକୁ ଅନୁପ୍ରବେଶ କଲା, 'ମୂର୍ଖଟା କି ଅବଧାନ ହୋଇଛି ? ଛୁଆଗୁଡ଼ାଙ୍କ ଜୀବନ ସିନା ନଷ୍ଟ କରୁଛି ।' ମନ କଥା ମନରେ ମାରି କଳାପଟାରେ ଲେଖିଦେଇ ଗଲେ 'ଠକାଠକି କେତେ ଦିନ ?'

ବୁଦା ଆଢୁଆଳରୁ ଅଗ୍ରଜଙ୍କ ବାହୁଡ଼ିବା ଦେଖି ଅବଧାନେ ଅତି ସନ୍ତର୍ପଣରେ ଚାଟଶାଳିରେ ପହଞ୍ଚୁ ନ ପହଞ୍ଚୁଣୁ ଛାତ୍ରମାନେ ଏକ ସ୍ୱରରେ ଚିତ୍କାର କଲେ - ଗୁରୁଜୀ ଆପଣଙ୍କ ବଡ଼ ଭାଇ ଆପଣଙ୍କ ପାଇଁ ବାର୍ତ୍ତା ରଖି ଯାଇଛନ୍ତି । ତହୁଁ ଗୁରୁଜୀ ଜଣୈକ ଛାତ୍ରକୁ ନିର୍ଦ୍ଦେଶ ଦେଲେ 'ପଢ଼ବେ କ'ଣ ସେ ବାର୍ତ୍ତା ।' ଛାତ୍ର ଜଣକ ଉଚ୍ଚ ସ୍ୱରରେ ବାର୍ତ୍ତାଟିକୁ ପଠନ କରନ୍ତେ ଗୁରୁଜୀ ତତ୍‌କ୍ଷଣାତ ବଡ଼ ଚାଟକୁ ନିର୍ଦ୍ଦେଶ ଦେଲେ - ଅଗ୍ରଜଙ୍କ ବାର୍ତ୍ତା ତଳକୁ ଅନୁଜଙ୍କ ବାର୍ତ୍ତା ଲେଖିଦେ - 'ପେଲି ପେଲି ଯେତେ ଦିନ ।'

*ପାଟଣା, କେନ୍ଦୁଝର*

**ସକଳ ପଦାର୍ଥ ବର୍ଜନ ହୁଏ ଯେସନେ ବିଷ ।।**

**ଜୀବନ ମୂଲ୍ୟ**

# ଇନ୍ଦ୍ର ଓ ବିରୋଚନଙ୍କର ଜ୍ଞାନାର୍ଜନ

✸ ଶ୍ରୀ ନରେନ୍ଦ୍ରକୁମାର ରାଉଳ

ଏକଦା ଦେବତାମାନଙ୍କର ରାଜା ଇନ୍ଦ୍ର ଓ ଦୈତ୍ୟମାନଙ୍କର ରାଜା ବିରୋଚନ ଉଭୟେ ହାତରେ ସମିଧା ନେଇ ଆତ୍ମଜ୍ଞାନ ପାଇଁ ଗୁରୁ ପ୍ରଜାପତି ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ । ସେ ଦୁହେଁ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ପ୍ରଜାପତିଙ୍କ ପାଖରେ ୩୨ ବର୍ଷ ପର୍ଯ୍ୟନ୍ତ ଅବସ୍ଥାନ କଲେ । ପ୍ରଜାପତି ସେ ଦୁହିଁଙ୍କୁ ଶେଷରେ ପରୀକ୍ଷାପୂର୍ବକ କହିଲେ, 'ତୁମେ ଦୁହେଁ ଜଳପୂର୍ଣ୍ଣ ପାତ୍ରରେ ନିଜେ ନିଜକୁ ଦେଖି ଆତ୍ମା ସମ୍ବନ୍ଧରେ ଯାହା ଜାଣିପାରୁଛ ତାହା ମୋତେ କୁହ ।' ପ୍ରତି ଉତ୍ତରରେ ସେ ଦୁହେଁ ନିଜ ନିଜ ଶରୀରର କେବଳ ଅବିକଳ ପ୍ରତିବିମ୍ବ ଦେଖୁଛୁ ବୋଲି କହିଲେ । ଏହାପରେ ପ୍ରଜାପତି ଦୁହିଁଙ୍କୁ ନିଜ ନିଜ ଶରୀରକୁ ସୁନ୍ଦର ବସ୍ତ୍ର ଓ ଆଭୂଷଣ ଦ୍ୱାରା ସଜାଇ ହୋଇ ପୁଣି ଥରେ ଜଳପୂର୍ଣ୍ଣ ପାତ୍ରକୁ ଦେଖିବାକୁ କହିଲେ । ପ୍ରତି ଉତ୍ତରରେ ସେ ଦୁହେଁ ନିଜ ନିଜ ସୁସଜ୍ଜିତ ଶରୀରର ଅବିକଳ ପ୍ରତିବିମ୍ବ ଦେଖି ପାରୁଛୁ ବୋଲି କହିଲେ । ଏହାପରେ ପ୍ରଜାପତି କହିଲେ, 'ତାହା ହିଁ ଆତ୍ମା, ତାହା ଅମୃତ, ଅଭୟ ଓ ତାହା ବ୍ରହ୍ମ ।' ଏହା ଶୁଣି ସେ ଦୁହେଁ ଶାନ୍ତ ଚିତ୍ତ ହୋଇ ପ୍ରତ୍ୟାବର୍ତ୍ତନ କଲେ ।

ବିରୋଚନ ଆନନ୍ଦ ମନରେ ଅସୁରଙ୍କ ନିକଟକୁ ଯାଇ ପ୍ରଜାପତିଙ୍କ ଠାରୁ ବୁଝିଥିବା ଆତ୍ମବିଦ୍ୟା ସମ୍ବନ୍ଧରେ ଶୁଣାଇଲେ । ସେ ଅସୁରମାନଙ୍କୁ କହିଲେ, ଏହି ଲୋକରେ, ଏହି ଦେହ ହେଉଛି ଆତ୍ମା ଏବଂ ତାହା ହିଁ ସେବାର ଯୋଗ୍ୟ । ଏହି ଶରୀରର ସେବା ଓ ପରିଚର୍ଯ୍ୟା କରୁଥିବା ପୁରୁଷ ଇହଲୋକ ଓ ପରଲୋକ ଉଭୟ ଲାଭ କରିଥାଏ ।

ଇନ୍ଦ୍ରଙ୍କ ମନରେ ଫେରିବା ପରେ ଅନେକ ପ୍ରଶ୍ନ ଓ ସନ୍ଦେହ ଉଙ୍କି ମାରିଲା । ତେଣୁ ଇନ୍ଦ୍ରଦେବ ପୁଣି ସମିଧା ହାତରେ ନେଇ ପ୍ରଜାପତିଙ୍କ ନିକଟକୁ ଗଲେ । ଇନ୍ଦ୍ର ପ୍ରଜାପତିଙ୍କୁ ନିଜ ସନ୍ଦେହ ସମ୍ବନ୍ଧରେ କହିଲେ, ଶରୀର ସୁନ୍ଦର ହେଲେ ପ୍ରତିବିମ୍ବ ମଧ୍ୟ ସୁନ୍ଦର ଦେଖାଯାଉଛି, ଶରୀର ଅନ୍ଧ, ପଙ୍ଗୁ ହେଲେ ପ୍ରତିବିମ୍ବ ମଧ୍ୟ ସେହିଭଳି ଦେଖାଯିବ । ତେଣୁ ଶରୀର କିପରି ଆତ୍ମା ହେବ ? ପ୍ରଜାପତି କହିଲେ ଏହାର ଉତ୍ତର ଜାଣିବାକୁ ହେଲେ ତୁମକୁ ଏଠାରେ ପୁଣି ୩୨ ବର୍ଷ ବାସ କରିବାକୁ ପଡ଼ିବ । ଇନ୍ଦ୍ରଦେବ ସେଠାରେ ପୁନଃ ୩୨ ବର୍ଷ ଅବସ୍ଥାନ କଲେ । ଏହାପରେ ପ୍ରଜାପତି ଇନ୍ଦ୍ରଙ୍କୁ ଉପଦେଶ ଦେଇ କହିଲେ ଯାହା ସ୍ୱପ୍ନରେ ମଧ୍ୟ ବିଚରଣଶୀଳ ତତ୍ତ୍ୱ, ତାହା ଅବିନାଶୀ ଆତ୍ମା । ସେହି ବଚନ ଦ୍ୱାରା ସନ୍ତୁଷ୍ଟ ହୋଇ ଇନ୍ଦ୍ରଦେବ ଚାଲିଗଲେ । କିନ୍ତୁ ଦେବତାମାନଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ତାଙ୍କ ମନରେ ସନ୍ଦେହ ହେଲା ଓ ପ୍ରଶ୍ନ ଉଙ୍କି ମାରିଲା । କାରଣ ସ୍ୱପ୍ନରେ ଅନୁଭୂତ ହୁଏ ଯେ, କେହି କାହାକୁ ମାରୁଛି, ତିରସ୍କାର କରୁଛି, ଶୋକ କରୁଛି, କାନ୍ଦୁଛି, ହସୁଛି ଅଥବା କଷ୍ଟ ଭୋଗ କରୁଛି । ଆତ୍ମା କ'ଣ ସେହିଭଳି ଭୋଗ କରୁଛି ? ତେଣୁ ସେ ପୁନଃ ହାତରେ ସମିଧା ନେଇ ପ୍ରଜାପତିଙ୍କ ନିକଟରେ ପହଞ୍ଚିଲେ । ପ୍ରଜାପତି ଇନ୍ଦ୍ରଙ୍କ ସନ୍ଦେହର ପ୍ରଶ୍ନକୁ ଶୁଣି କହିଲେ, ଏହାର ଉତ୍ତର ପାଇବାକୁ ହେଲେ ତୁମକୁ ଆଉ ୩୨ ବର୍ଷ ରହିବାକୁ ପଡ଼ିବ । ତେଣୁ ଇନ୍ଦ୍ରଦେବ ସେଠାରେ ପୁନଃ ୩୨ ବର୍ଷ କଟାଇଲେ । ଗୁରୁ ପ୍ରଜାପତି ଏହାପରେ ତାଙ୍କୁ ଉପଦେଶ ଦେଇ ସୁଷୁପ୍ତି ଅବସ୍ଥା କଥା କହିଲେ, ଯେଉଁଥିରେ ମନ ଆନନ୍ଦିତ ଓ ଶାନ୍ତ ରହେ । କିନ୍ତୁ ଇନ୍ଦ୍ର ଦେବତାଙ୍କ ନିକଟକୁ ଫେରିବା ପୂର୍ବରୁ ପୁନଃ ସମିଧା ହାତରେ ନେଇ ପ୍ରଜାପତିଙ୍କ ନିକଟରେ ପହଞ୍ଚିଲେ ଓ କହିଲେ, 'ହେ ଗୁରୁଦେବ ! ଏହି ସୁଷୁପ୍ତି ସ୍ଥିତିରେ ଜାଣି ହେଉନାହିଁ ଯେ ସ୍ୱୟଂ ମୁଁ ହିଁ ତାହା ।' କାରଣ ମୁଁ ତ ନିଶ୍ଚେ କେବେ ନଷ୍ଟ ହୋଇଯିବି । ପ୍ରଜାପତି ଇନ୍ଦ୍ରଙ୍କର ଏହି ପ୍ରଶ୍ନର ଉତ୍ତରରେ କହିଲେ, ଏବେ ତୁମକୁ ଏହି ପ୍ରଶ୍ନର ଉତ୍ତର ପାଇବା ପାଇଁ ଆଉ ପାଞ୍ଚ ବର୍ଷ ଏଠାରେ ବାସ କରିବାକୁ ପଡ଼ିବ । ଦେବରାଜ ଇନ୍ଦ୍ର ସେଠାରେ ପୁନଃ ପାଞ୍ଚ ବର୍ଷ ଅବସ୍ଥାନ କଲେ । ଅର୍ଥାତ୍ ଆତ୍ମଜ୍ଞାନ ପ୍ରାପ୍ତି ପାଇଁ ଇନ୍ଦ୍ରଙ୍କୁ ଗୁରୁଙ୍କ ପାଖରେ ମୋଟ ୧୦୧ (ଏକ ଶହ ଏକ) ବର୍ଷ ରହିବାକୁ ପଡ଼ିଲା ।

ପରିଶେଷରେ ଗୁରୁ ପ୍ରଜାପତି ଇନ୍ଦ୍ରଙ୍କୁ ଉପଦେଶ ଦେଇ କହିଲେ, ହେ ଇନ୍ଦ୍ର ! ଏ ଶରୀର ମରଣଧର୍ମୀ ଓ ସର୍ବଦା ମୃତ୍ୟୁ ଦ୍ୱାରା ଆଚ୍ଛାଦିତ । ଏହି ଶରୀର ଅବିନାଶୀ ଓ ଅଶରୀରୀ ଆତ୍ମାର ଅବସ୍ଥାନ କ୍ଷେତ୍ର । ସଶରୀର ଆତ୍ମା ନିଶ୍ଚିତ ରୂପେ ପ୍ରିୟ ଓ ଅପ୍ରିୟ ଦ୍ୱାରା ପରିବେଷ୍ଟିତ । କିନ୍ତୁ ଆତ୍ମା ଅଶରୀରୀ ହୋଇଥିବାରୁ ପ୍ରିୟ ବା ଅପ୍ରିୟ ତାହାକୁ ତିଳେମାତ୍ର ସ୍ପର୍ଶ କରି ପାରେ ନାହିଁ । ଏହା ଜାଗ୍ରତ ଅବସ୍ଥାରେ ଚକ୍ଷୁରେ ରହୁଥିବା ପୁରୁଷ । ତାହା ଜ୍ଞାନର ସାଧନ ନେତ୍ର । ଯିଏ ଘ୍ରାଣ କରିବା ବା ଗ୍ରହଣ କରିବା ଭଳି ଅନୁଭବ କରେ ସେ ଆତ୍ମା । ମୁଁ ଏହି ଶବ୍ଦ ଉଚ୍ଚାରଣ କରୁଛି ବୋଲି ଯିଏ ଜାଣେ ସେ ଆତ୍ମା । ସେ ଶ୍ରବଣ କରୁଛି ବୋଲି , ଯେ ବୁଝିପାରେ ସେ ମଧ୍ୟ ଆତ୍ମା ଏବଂ ଯିଏ ଏହା ଅନୁଭବ କରେ ଯେ ମୁଁ ମନନ କରିବି, ସେ ଆତ୍ମା । ମନ ହିଁ ଏହାର ଦିବ୍ୟ ଚକ୍ଷୁ । ଆତ୍ମା ମନର ଏହି ଦିବ୍ୟ ଚକ୍ଷୁଦ୍ୱାରା ଭୋଗର ଦର୍ଶନ କରି ରମଣ କରିଥାଏ । ତେଣୁ ଶରୀର ଆତ୍ମା ନୁହେଁ । ଶରୀର ଆତ୍ମା ଅବସ୍ଥାନର କ୍ଷେତ୍ର ଓ ମାଧ୍ୟମ ଅଟେ । ଆତ୍ମା ଏହି ଶରୀର ମଧ୍ୟରେ ଥିବା ଚେତନା ପୁରୁଷ ଅଟେ ।

ଅତଏବ ଆମେ ବିରୋଚନ ଓ ଇନ୍ଦ୍ରଙ୍କ ମଧ୍ୟରୁ ଇନ୍ଦ୍ରଙ୍କ ପରି ଜିଜ୍ଞାସୁ ହୋଇପାରିଲେ ପ୍ରକୃତ ଜ୍ଞାନ ପ୍ରାପ୍ତି କରିପାରିବା ।

*ପ୍ରାନ୍ତ ପ୍ରଶିକ୍ଷଣ ସଂଯୋଜକ,*
*ଶି.ବି.ସ. ଓଡ଼ିଶା*

**ପୁଣି କେବେ କେବେ ସଂସାରୀ ତାଙ୍କ ସଂସାର କଥା**

**ମହାନ ନାରୀ**

# ବିଦୁଷୀ ଲୀଳାବତୀ

❋ ସୁଶ୍ରୀ ମମତା ମୁନି

ବହୁତ ଦିନ ତଳର କଥା । ସେତେବେଳେ ଭାରତର ପ୍ରତ୍ୟେକ ବିଦ୍ୟାର୍ଥୀ ଏବଂ ଆଚାର୍ଯ୍ୟଙ୍କ ମୁହଁରେ ସାଧ୍ୱୀ ଲୀଳାବତୀଙ୍କ ନାମ ରହୁଥିଲା । ଲୀଳାବତୀ ଗଣିତ ବିଦ୍ୟାର ଆଚାର୍ଯ୍ୟା ଥିଲେ । ଯେଉଁ ସମୟରେ ବିଦେଶୀମାନେ ଗଣିତର ଅନେକ ତଥ୍ୟ ବିଷୟରେ ଅନଭିଜ୍ଞ ଥିଲେ ସେହି ସମୟରେ ଲୀଳାବତୀ ଗଣିତର ଅନେକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ବାହାର କରିଥିଲେ ।

ଦଶମ ଶତାବ୍ଦୀର କଥା । ଦକ୍ଷିଣ ଭାରତରେ ଭାସ୍କରାଚାର୍ଯ୍ୟ ନାମକ ଗଣିତ ଓ ଜ୍ୟୋତିଷ ବିଦ୍ୟାର ଜଣେ ମହାନ ପଣ୍ଡିତ ଥିଲେ । ତାଙ୍କ କନ୍ୟାର ନାମ ଥିଲା ଲୀଳାବତୀ । ସେ ତାଙ୍କର ଏକମାତ୍ର ସନ୍ତାନ ଥିଲେ । ଭାସ୍କରାଚାର୍ଯ୍ୟ ଜ୍ୟୋତିଷ ଗଣନା କରି ଜାଣି ଦେଇଥିଲେ ଯେ ତାଙ୍କ କନ୍ୟା ବିବାହର ଅଳ୍ପ ଦିନରେ ହିଁ ବିଧବା ହୋଇଯିବ । ତେଣୁ ସେ ବହୁତ ଭାବିଚିନ୍ତି ଏପରି ଏକ ଶୁଭ ଲଗ୍ନ ଖୋଜିଲେ, ଯେଉଁ ଲଗ୍ନରେ ବିବାହ କଲେ କନ୍ୟାର ବିଧବା ଯୋଗ କଟିଯିବ । ବିବାହ ତିଥି ସ୍ଥିର ହେଲା । ସେ ସମୟରେ ସମୟ ଜାଣିବା ପାଇଁ ଜଳଘଡ଼ି ବ୍ୟବହାର କରାଯାଉଥିଲା । ଗୋଟିଏ ବଡ଼ ପାତ୍ରରେ ଛିଦ୍ରଟିଏ କରି ପାଣି କଳସୀରେ ଛାଡ଼ି ଦିଆଯାଉଥିଲା । ଛିଦ୍ର ଦେଇ ପାଣି ଆସି ଯେତେବେଳେ ପାତ୍ରଟି ଭରି ଯାଉଥିଲା ସେତେବେଳେ ଗୋଟିଏ ଘଡ଼ି ହେଲା ବୋଲି ସମୟ ଗଣନା କରାଯାଉଥିଲା । ହେଲେ ବିଧାତାଙ୍କ ବିଚାର ଅନ୍ୟ ପ୍ରକାର ଥିଲା । ଲୀଳାବତୀ ବିଭିନ୍ନ ଅଳଙ୍କାର ମଣ୍ଡିତା ହୋଇ ବସିଥାନ୍ତି । ସମସ୍ତେ ବିବାହ ନିମନ୍ତେ ଶୁଭ ଲଗ୍ନ ପାଇଁ ଅପେକ୍ଷା କରିଥାନ୍ତି । ଏହି ସମୟରେ ସମସ୍ତଙ୍କ ଅଜାଣତରେ ଲୀଳାବତୀଙ୍କ ଅଳଙ୍କାରରୁ ମୋତିଟିଏ ଝଡ଼ି ପାଣି ପାତ୍ରରେ ପଡ଼ିଗଲା ଏବଂ ଛିଦ୍ରଟି ବନ୍ଦ ହୋଇଗଲା । ଶୁଭ ଲଗ୍ନ ଗଡ଼ିଗଲା । କେହି ଜାଣି ମଧ୍ୟ ପାରିଲେନି । ବିବାହ ଅନ୍ୟ ଲଗ୍ନରେ ହିଁ କରିବାକୁ ପଡ଼ିଲା । ସତକୁ ସତ ଲୀଳାବତୀ ଅଳ୍ପ ଦିନରେ ହିଁ ବିଧବା ହୋଇଗଲେ । ପିତା ଓ ପୁତ୍ରୀଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା ।

ଝିଅର ବୈଧବ୍ୟ ଦୁଃଖ ଦୂର କରିବା ପାଇଁ ଭାସ୍କରାଚାର୍ଯ୍ୟ ତାଙ୍କୁ ଗଣିତ ପଢ଼ାଇବା ଆରମ୍ଭ କଲେ । ଲୀଳାବତୀ ମଧ୍ୟ ନିଜ ଜୀବନର ଅବଲମ୍ବନ ରୂପେ ଗଣିତ ବିଷୟକୁ ହିଁ ଗ୍ରହଣ କରିନେଲେ । ଅଳ୍ପ ଦିନରେ ସେ ଗଣିତ ବିଷୟରେ ପ୍ରବୀଣା ହୋଇଗଲେ । ପାଟି ଗଣିତ, ବୀଜ ଗଣିତ ଏବଂ ଜ୍ୟୋତିଷ ବିଷୟରେ ସେ ଏତେ ସିଦ୍ଧହସ୍ତା ହୋଇଗଲେ ଯେ ପିତାଙ୍କ ଦ୍ୱାରା ରଚିତ 'ସିଦ୍ଧାନ୍ତ ଶିରୋମଣି' ଗ୍ରନ୍ଥର ଅନେକ ଭାଗ ଲୀଳାବତୀ ହିଁ ରଚନା କଲେ । ନିଜ କନ୍ୟାଙ୍କ ନାମକୁ ଅମର କରିବା ପାଇଁ ଭାସ୍କରାଚାର୍ଯ୍ୟ ପାଟିଗଣିତରେ 'ଅଂଶକା' ଭାଗକୁ 'ଲୀଳାବତୀ' ଭାଗ ବୋଲି ନାମିତ କଲେ । ଭାରତୀୟ ଗଣିତକୁ ଲୀଳାବତୀଙ୍କ ଦାନ ଅତୁଳନୀୟ । ଗଣିତର ଜଟିଳରୁ ଜଟିଳତମ ସିଦ୍ଧାନ୍ତକୁ ଅତି ସରଳ ଭାବରେ ଉପସ୍ଥାପନା କରିବା ଏହି ବିଦୁଷୀ ନାରୀଙ୍କ ଦ୍ୱାରା ହିଁ ସମ୍ଭବ ଥିଲା । ବୈଧବ୍ୟର ଯନ୍ତ୍ରଣାକୁ ଭୁଲି ଜଗତର କଲ୍ୟାଣ ନିମନ୍ତେ ଗଣିତର ଯେଉଁ ସିଦ୍ଧାନ୍ତମାନ ସେ ରଚନା କଲେ ବାସ୍ତବରେ ତାହା ବିଶ୍ୱ ଗଣିତ ଜଗତକୁ ଏକ ନୂତନ ପଥ ପ୍ରଦର୍ଶନ କରାଇଲା ।

ଭାରତୀୟ ରମଣୀମାନେ ଯେ ସର୍ବଗୁଣସମ୍ପନ୍ନା ଏବଂ ସେମାନେ ଯେକୌଣସି କ୍ଷେତ୍ରରେ ନିଜ ପାରଦର୍ଶିତା ଦେଖାଇ ପାରନ୍ତି ଏହା ପ୍ରମାଣିତ କରି ଦେଇଛନ୍ତି ବିଦୁଷୀ ଲୀଳାବତୀ । ଧନ୍ୟ ଲୀଳାବତୀ ଧନ୍ୟ ତୁମ ଦାନ ।

*ଶିକ୍ଷୟିତ୍ରୀ*

*ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୁଡ଼ିଆପଲ୍ଲୀ*

ବଡ଼ ଟେକ କରି କହନ୍ତି ରଙ୍ଗେ ହଲାଇ ମଥା ॥

ଭାଷା ବିଭବ

# ସୁହାସିନୀ ସୁମଧୁର ଭାଷିଣୀ

*ଶ୍ରୀ ପ୍ରସନ୍ନକୁମାର ବିଶ୍ୱାଳ*

ଶୀର୍ଷକଟି ଭାରତର ଜଣେ ପ୍ରଖ୍ୟାତ ରାଷ୍ଟ୍ରଭକ୍ତ ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ (ଚାଟାର୍ଜୀ) ବିଖ୍ୟାତ ପୁସ୍ତକ 'ଆନନ୍ଦମଠ' ଅନ୍ତର୍ଗତ 'ବନ୍ଦେ ମାତରମ୍' କବିତାର ଏକ କ୍ଷୁଦ୍ର ଅଂଶ ମାତ୍ର । 'ବନ୍ଦେ ମାତରମ୍' ରେ ସେ ଭାରତମାତାଙ୍କର ରୂପ, ଗୁଣ ଓ ମହିମା ବର୍ଣ୍ଣନା କରିବା ସହ ପ୍ରତ୍ୟେକ ଭାରତବାସୀଙ୍କ ନିମନ୍ତେ ସେହି ଜୀବନଦାତ୍ରୀ କିପରି ନିତ୍ୟ ଆରାଧ୍ୟା ତାହା ବର୍ଣ୍ଣନା କରି ସମସ୍ତଙ୍କ ମନରେ ଦେଶଭକ୍ତିର ଉନ୍ମାଦନା ସୃଷ୍ଟି କରି ପାରିଛନ୍ତି । ବଳିଦାନୀମାନେ ସେ ଦେଶଭକ୍ତି ଗୀତକୁ ଦେଶଭକ୍ତି ଗୀତାରେ ପରିଣତ କରି ଆମକୁ ସ୍ୱତନ୍ତ୍ରତା ପ୍ରଦାନ କରିଛନ୍ତି । ବର୍ତ୍ତମାନ ଯୁଗରେ ମଧ୍ୟ ଏହା ଦେଶଭକ୍ତମାନଙ୍କ କଣ୍ଠରେ ଉଦ୍‌ଘୋଷିତ ହେବା ଦ୍ୱାରା ସାଧାରଣ ଜନମାନସରେ ରାଷ୍ଟ୍ରଭକ୍ତି ଓ ଜାତୀୟତା ଭାବ ଶାଣିତ ହେଉଛି । 'ବନ୍ଦେ ମାତରମ୍'ରେ ବଙ୍କିମଚନ୍ଦ୍ର ଭାରତମାତାଙ୍କର ବର୍ଣ୍ଣନା ଅତି ନିଖୁଣ ଭାବରେ କରିଛନ୍ତି । ଭାରତମାତାଙ୍କ ଗୁଣ ବର୍ଣ୍ଣନାରେ ସଂଯୋଜିତ 'ସୁହାସିନୀ' ଓ 'ସୁମଧୁର ଭାଷିଣୀ' ଶବ୍ଦ ଦୁଇଟି ମାତୃତ୍ୱର ଭାବକୁ ସାର୍ଥକ କରିଛି ।

ସୁହାସିନୀ ଓ ସୁମଧୁର ଭାଷିଣୀ ଦୁଇଟି ସ୍ତ୍ରୀଲିଙ୍ଗବାଚକ ଶବ୍ଦ । ମୂଳ ଶବ୍ଦ 'ହାସିନୀ' ଓ 'ଭାଷିଣୀ' ସହିତ ଯଥାକ୍ରମେ ସୁ ଓ ସୁମଧୁର ଯୋଡ଼ି ହୋଇ ଶବ୍ଦ ଦୁଇଟି ଗଠିତ ହୋଇଛି । 'ହାସୀ'ର(ହାସ୍+ଈ) ସ୍ତ୍ରୀଲିଙ୍ଗ ହାସିନୀ ଏବଂ 'ଭାଷୀ'ର(ଭାଷ୍+ଈ) ସ୍ତ୍ରୀଲିଙ୍ଗ ଭାଷିଣୀ । 'ହାସୀ'ର ସ୍ତ୍ରୀଲିଙ୍ଗ ହାସିନୀ ହେଲା ପରି 'ଭାଷୀ'ର ସ୍ତ୍ରୀଲିଙ୍ଗ ଭାଷିନୀ ହେବା କଥା, କିନ୍ତୁ ତାହା ନ ହୋଇ ଭାଷିଣୀ ହୋଇଛି । ତାହା ବ୍ୟାକରଣର ଣତ୍ୱବିଧି ନିୟମ କାରଣରୁ ହୋଇଥାଏ । ନିୟମଟି ହେଉଛି ପଦ ମଧ୍ୟରେ ଋ, ର୍ , ଷ୍ ପରେ ନ୍ ଥିଲେ ନ୍ ସ୍ଥାନରେ ଣ୍ ହୁଏ । 'ଷ୍'ର ଉପସ୍ଥିତି କାରଣରୁ 'ନ' କିପରି 'ଣ'ରେ ପରିଣତ ହୁଏ ନିମ୍ନ ଉଦାହରଣଗୁଡ଼ିକରୁ ଆମକୁ ଅଧିକ ଧାରଣା ମିଳି ପାରିବ ।

ଭାଷ୍+ଅନ = ଭାଷଣ, ସମ୍+ଭାଷ୍+ଅନ = ସମ୍ଭାଷଣ, ସମ୍+ଭାଷ୍+ଅନୀୟ = ସମ୍ଭାଷଣୀୟ, କୃଷ୍+ଅନ = କର୍ଷଣ, କୃଷ୍+ଅନୀୟ = କର୍ଷଣୀୟ,ଆ+କୃଷ୍+ଅନ = ଆକର୍ଷଣ, ଆ+କୃଷ୍+ଅନୀୟ = ଆକର୍ଷଣୀୟ, ଆ+କୃଷ୍+ଅନ+ଈ = ଆକର୍ଷଣୀ(ଆଙ୍କୁଡ଼ି), ଆ+କୃଷ୍+ମାନ = ଆକୃଷ୍ୟମାଣ ( ଅନ୍ୟ ଉଦାହରଣଗୁଡ଼ିକରେ କେବଳ ଅ ବ୍ୟବଧାନ ଥିଲା, ମାତ୍ର 'ଆକୃଷ୍ୟମାଣ' ଶବ୍ଦରେ ଷ ଓ ନ୍ ମଧ୍ୟରେ ୟ, ମ୍ ଓ ଆ ବ୍ୟବଧାନ ରହିଛି କିନ୍ତୁ ଆଉ ଏକ ନିୟମ ରହିଛି - ଋ, ର୍, ଷ୍ ଓ ନ୍ ମଧ୍ୟରେ ସ୍ୱରବର୍ଣ୍ଣ, 'କ'ବର୍ଗର ବର୍ଣ୍ଣ, 'ପ'ବର୍ଗର ବର୍ଣ୍ଣ ଯ୍, ବ୍, ହ୍ ଓ ଅନୁସ୍ୱାର ମଧ୍ୟରୁ ଏକ ବା ଏକାଧିକ ବର୍ଣ୍ଣର ବ୍ୟବଧାନ ଥିଲେ ମଧ୍ୟ ନ୍, ଣ୍ ରେ ପରିଣତ ହୋଇଥାଏ) , ଭୂଷ୍+ ଅନ = ଭୂଷଣ, ବି+ଭୂଷ୍+ ଅନ = ବିଭୂଷଣ, ଆ+ଭୂଷ୍+ ଅନ = ଆଭୂଷଣ, ଭୂଷ୍+ ଅନୀୟ=ଭୂଷଣୀୟ, ଭୀଷି+ଅନ = ଭୀଷଣ, ବି+ଭୀଷି+ଅନ = ବିଭୀଷଣ, ଭୂଷ୍+ଅନ = ଭୂଷଣ, ବି+ଭୂଷ୍+ଅନ = ବିଭୂଷଣ, ଆ+ଭୂଷ୍+ଅନ = ଆଭୂଷଣ, ଶିରଃ+ଭୂଷ୍+ଅନ = ଶିରୋଭୂଷଣ, ଶିକ୍ଷ୍+ଶାନଚ୍ = ଶିକ୍ଷମାଣ, ଈକ୍ଷ୍+ଅନ = ଈକ୍ଷଣ (ଦେଖିବା),ନିର୍+ଈକ୍ଷ୍+ଅନ = ନିରୀକ୍ଷଣ, ପରି+ଈକ୍ଷ୍+ଅନ = ପରୀକ୍ଷଣ, ପରି+ଈକ୍ଷ୍+ଶାନଚ୍ = ପରୀକ୍ଷମାଣ, କ୍ଷୁଦ୍+ତ = କ୍ଷୁଣ୍ଣ, ଅ+କ୍ଷୁଦ୍+ତ = ଅକ୍ଷୁଣ୍ଣ, କୃଷ୍+ତ = କୃଷ୍ଣ, ତୃଷ୍+ନ+ଆ = ତୃଷ୍ଣା ଇତ୍ୟାଦି ।

ବଙ୍କିମଚନ୍ଦ୍ର ଭାରତମାତାଙ୍କୁ ବାଣୀ ଓ ବିଦ୍ୟାଦାୟିନୀ ନାମରେ ସମ୍ବୋଧନ କରିଛନ୍ତି । ତେଣୁ ଆମେ ମା' ସରସ୍ୱତୀଙ୍କ ନୀରାଜନା କରି ମାତୃଭାଷାର ଶୁଦ୍ଧତା ଓ ଅକ୍ଷୁଣ୍ଣତା ରକ୍ଷା କରିବା ସହ ତା'ର ସଂରକ୍ଷଣ ଏବଂ ସଂବର୍ଦ୍ଧନ କରିପାରିଲେ କବି ଚିନ୍ତାମଣି ମହାନ୍ତିଙ୍କ ନିମ୍ନ ଉକ୍ତି ସାର୍ଥକ ହେବ ।

''ମାଆ ମାତୃଭୂମି ମାତୃଭାଷା ତିନି, ସ୍ୱର୍ଗୁଁ ଗରୀୟସୀ ଗୌରବଗର୍ବଦାୟିନୀ ।''

*ପ୍ରାନ୍ତ ନିରୀକ୍ଷକ,*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

କବିତା ପସରା

## ପ୍ରକୃତି ରଚୁଛି ଲୀଳା

■ ଶ୍ରୀ ସୌମ୍ୟପ୍ରକାଶ ମହାରଣା

ପାହିଲାଣି ରାତି ହେଲାଣି ସକାଳ
ଉଠ ହେ ମାନବ ଉଠ
କର୍ମକ୍ଷେତ୍ରେ ଯିବ କାର୍ଯ୍ୟ କରି ପୁଣି
ଆଉ ତ ନ କର ମଠ ।
ସକାଳରୁ ସଞ୍ଜ ସଞ୍ଜରୁ ସକାଳ
ସର୍ବଦା କାର୍ଯ୍ୟରେ ଲିପ୍ତ
ପ୍ରକୃତି ଯେବେରେ ରଚିଥାଏ ଲୀଳା
କାହିଁ ହେଉ ଅସ୍ତବ୍ୟସ୍ତ ।
ଥିଲୁ ଯେ ଅଜ୍ଞାନ ନ ଥିଲା ତ ଜ୍ଞାନ
ଜାଣି ତ ନ ଥିଲୁ କିଛି
ବିଜ୍ଞାନର ପଥେ ପାଦ ତୁ ଥାପିଲୁ
କରୁ ପୁଣି ନାନା ଯୁକ୍ତି ।
ଦିନ ପରେ ଦିନ ବିତି ତ ଚାଲିଲା
ନିଜେ କହୁ ନିଜେ ଜ୍ଞାନୀ
ପ୍ରକୃତିର ଲୀଳା ଆରମ୍ଭ ହୋଇଲେ
ସବୁ ଜାଣିବ ଅଜ୍ଞାନୀ ।
ଅଦିନରେ ଘୋର ବିପଦ ଗ୍ରାସିଲା
ଟାଳି ପାରିଲେନି କେହି
ନାମ ଯେ ତାହାର କରୋନା ଅଟଇ
ଶତ ଶତ ପ୍ରାଣ ନେଇ ।
ମହା ଶକ୍ତିଶାଳୀ ଆମେରିକା ଆଉ
ଇଟାଲି ସଙ୍ଗେ ଭାରତ
ମହାମାରୀ ଭୟେ ସ୍ତବ୍ଧ ହୋଇଯାଏ
ସମଗ୍ର ବିଶ୍ୱ ବିବ୍ରତ ।

*ପ୍ରକାଶନ ବିଭାଗ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

## ମୋ ଓଡ଼ିଶା

*ଶ୍ରୀ ଦେବେନ୍ଦ୍ର ଚୌଧୁରୀ*

ଏତେ ବଡ଼ ଏଇ ଦୁନିଆ ଭିତରେ
ତୁଳନା ଯାହାର ନାହିଁ
ସିଏ ମୋ ଓଡ଼ିଶା ମରତ ଭୂଇଁରେ
ସରଗଟେ ମୋର ପାଇଁ ।
ତାହାରି କୋଳରେ ଜନମ ମୋହର
ତାହାରି କୋଳରେ ବାସ
ମନଲୋଭା ତା'ର ରୂପ ବଇଭବ
ଅଭୁଲା ତା' ଇତିହାସ ।
ତା ଭାଷା ଓଡ଼ିଆ ସବୁଠୁ ବଢ଼ିଆ
ସତେ ଅବା ମହୁ ଝରେ
ଓଡ଼ିଆ ବୋଲି ମୁଁ ଭାବିଲେ ନିଜକୁ
ମନରେ ଗରବ ଭରେ ।
ତାହାରି ପବନ ପାଣି ମୋ ଦେହରେ
ବହୁଛି ରକତ ହୋଇ
ଏ ମନ ପରାଣ ପୁଲକିତ ହୁଏ
ତା' କଥା କାହାଣୀ କହି ।
ତା' କଳା ସାହିତ୍ୟ କାରିଗରୀ ନୃତ୍ୟ
ସବୁରି ଆଦର ପ୍ରିୟ
ହାତ ଟେକିଦେଲେ କୋଳେଇ ନିଅଇ
ତାହାର ସେ କଳା ଦିଅଁ ।
ଯୁଆଡ଼େ ଯାଏ ମୁଁ ଯେଉଁଠାରେ ରୁହେ
ତା' ପାଖରେ ଥାଏ ମନ
ଛାତି ତଳେ ଶୁଭୁଥାଏ ଡାକ ତା'ର
ଆ'ରେ ଆ' ମୋ ଧନ ।
ଜୀବନେ ମୁଁ କେବେ ଭୁଲିବିନି ତାକୁ
ମାଟି ମାଆ ସିଏ ମୋର
ଲୁହା ଶିକୁଳିଠୁ ଆହୁରି ଶକତ
ତା'ର ସେ ସେନେହ ଡୋର ।

*କୋଏଲ ନଗର, ରାଉରକେଲା*

ଦେଖାଇ ଲୋକଙ୍କୁ ଭଣ୍ଡାଏ କରି ନାନା ଅନୀତି ॥

# ବରଷା ରାଣୀ ଆସେ

ବିନୀତା ପ୍ରଧାନ

ନିଦାଘ ଶେଷେ ଆକାଶ ବୁକେ ବଉଦମାଳା ଭାସେ
ଶୀତଳ ବାଆ ପିଠିରେ ବସି ବରଷା ରାଣୀ ଆସେ ।
ପାଲିଙ୍କି ଚଢ଼ି ମେଘ ରାଜାଟା ଆସେ ସାଥୀଙ୍କ ମେଳେ
ବିଜୁଳି ରାଣୀ ଆକାଶ ଦେଶେ ଥାଇ ରୋଷଣୀ ଜାଳେ ।
ବେଙ୍ଗୁଲି ନାନୀ ଫୁଲାଇ ଛାତି ବିଜୟ ଗୀତି ଗାଏ
ବେଙ୍ଗ ରଜାଟା ଦେଖିବ ବୋଲି ବିଲମାଳକୁ ଧାଏଁ ।
କଳାମେଘକୁ ଅନାଇ ଦେଇ ମୟୂର ନାଚେ ଛନ୍ଦେ
ସପନି ମାଆ ଶୁଖାଇ ଧାନ ମେଘ ପାଗକୁ ନିନ୍ଦେ ।
ଘାସ ଗାଲିଚା ଉପରେ ଧୀରେ ସାଧବ ବୋହୂ ଆସେ
ନାଲି ଓଢ଼ଣୀ ଦେଇଣ ଟାଣି ମୁରୁକି ହସା ହସେ ।
ଓଳିରୁ ପଡ଼ି ପାଣି ଫୋଟକା ମିଳାଇ ଯାଏ ବେଗେ
ଝୁଲି ଝୁଲିକା କାଗଜ ଡଙ୍ଗା ଭାସଇ କେତେ ବାଗେ ।
ନଦୀ ପୋଖରୀ ବିଲ ଗାଡ଼ିଆ ହୁଏ ପାଣିରେ ଭରା
କୃଷକ ଭାଇ କୃଷି କ୍ଷେତ୍ରରେ ଲାଗଇ ଦିନ ସାରା ।
ଜଗା ବଳିଆ ସୁଭଦ୍ରା ରଥେ ଯାନ୍ତି ମାଉସୀ ଘର
ଧାଆନ୍ତି ଜନେ ଦେଖିବା ପାଇଁ ଚତୁର୍ଦ୍ଧା ମୂର୍ତ୍ତି ତା'ର ।
ଗହ୍ମା ପୁନେଇଁ ଆସିବ ବୋଲି ସଭିଏଁ ସଜବାଜ
ରାକ୍ଷୀ ବାନ୍ଧିବେ ଗାଇ ପୂଜିବେ ଖାଇବେ କେତେ ଚିଜ ।
ଲୋଡ଼ା ପଡ଼ିବ ଛତା ବର୍ଷାତି ଯିବାକୁ ବିଦ୍ୟାଳୟ
ନ ଡରି ବର୍ଷା ପଢ଼ିବା ପାଠ ଲଘିଂବା ହିମାଳୟ ।

*ଆଚାର୍ଯ୍ୟା*
*ସ.ଶି.ବି.ମ., ବଇଣ୍ଡା*

# ନୀରବ ସାଧକ

*ଶ୍ରୀ ସନ୍ତୋଷକୁମାର ପଣ୍ଡା*

ନୀରବ ସାଧକ ଶୋଇଗଲ ଚିର ନିଦ୍ରାରେ
ଶୁଭିବନି ଆଉ ବୁକୁ ଫଟା ହସ ଏଇ କେଶବଧାମରେ
କା ମୁଖେ ନନା କା ମୁଖେ ଗୁରୁଜୀ କା ମୁଖେ ଭାଇର ଡାକ
ସବୁରି ଭିତରେ ଆପଣ ଥିଲେ ଛାତ୍ରଙ୍କ ମନର ଲୋକ
ନାମ ଚକ୍ରଧର ଗତି ଚକ୍ର ପରି ଅଟନ୍ତି କର୍ମଯୋଗୀ
ସବୁରି କ୍ଷେତ୍ରରେ ଧୁରୀଣ ଆପଣ ଥିଲେ ବିଦ୍ୟାନୁରାଗୀ
ଯୋଗ୍ୟତା ବଳେ ସରକାରୀ ସେବା ପାରିଥାନ୍ତେ ଆପଣାଇ
ବ୍ରହ୍ମଚାରୀ ହୋଇ ରାଷ୍ଟ୍ର ସେବା ପାଇଁ ଦେଲେ ନିଜକୁ ଜଳାଇ
ଶ୍ରଦ୍ଧାର ସୁମନ ଅର୍ପଣ କରୁ ଆମେ ସବୁ ଅନ୍ତେବାସୀ
ସ୍ୱର୍ଗରେ ଥାଇ ଦିଅ ହେ ଆଶିଷ ହୃଦୟ ଗରଭୁ ନ ଲିଭୁ ତୁମର ଛବି ।

*ପ୍ରଧାନ ଆଚାର୍ଯ୍ୟ ଓ ପ୍ରକଳ୍ପ ପ୍ରମୁଖ*
*ସ.ବି.ମ., କେଶବଧାମ*

# କରୋନା

*ଜ୍ୟୋତ୍ସ୍ନାରାଣୀ ପଣ୍ଡା*

ମଣିଷ ଜୀବନେ ଅଦିନିଆ ଝଡ଼
ଅଦେଖାରେ ମାଡ଼ି ଆସେ
ସେହି ଝଡ଼ ଦିନେ ଆମ ଜୀବନରେ
କୋଳାହଳ କରି ପଶେ ।
ମଣିଷ ବୁଝେନା ସମ୍ପର୍କର ମାନେ
ଅମୂଲ୍ୟ ଅଟେ ଯେ ସେହି
ଅଚିହ୍ନା ରୋଗ ଯେ ମାଡ଼ି ଆସେ ପୁଣି
କରୋନା ନାମଟି ହୋଇ ।
ଏହି ରୋଗଟିର ଲକ୍ଷଣ ଅଟଇ
ଥଣ୍ଡା ଜ୍ୱର ଛିଙ୍କ କାଶ
ଚୀନ ଦେଶରୁ ମାଡ଼ି ସେ ଗଲାଣି
ଅନେକ ଦେଶ ବିଦେଶ

*ରାମଦାଶ ପୁର*
*ବାରଙ୍ଗ, କଟକ*

କାଳବଳେ ସବୁ ପହଞ୍ଚ ତାଙ୍କ ଦାଉ ସାଧନ୍ତି ।

# କରୋନା କରାଳ

ଶ୍ରୀ ଗୋବିନ୍ଦ ଚନ୍ଦ୍ର ପ୍ରଧାନ

ଭୟଙ୍କର ଦୃଶ୍ୟ ମୋର ନୟନରେ ନାଚେ
କରୋନା କରାଳ ରୂପ ଏ ଧରାରେ ରଚେ ।
ବିଧ୍ୱଂସୀ ସାମ୍ରାଜ୍ୟ ଦିନୁ ଦିନ ବଢ଼ି ଚାଲେ
ଶ୍ମଶାନ ପାଲଟେ ଧରା ପଡ଼ି ତା'ର ଜାଲେ ।
କେତେ ଦିନ ଗୃହବନ୍ଦୀ ରହିବ ମଣିଷ
ଭୋକର ଦାଉରେ ନିଶ୍ଚେ ବଢ଼ିବ ତା ରୋଷ ।
ମାନିବେନି ସରକାରୀ ନୀତି ଓ ନିୟମ
ପଦାକୁ ଆସିବ ପଛେ ପ୍ରାଣ ନେଉ ଯମ ।
ଅପେକ୍ଷା କରିଛି ରହି କରୋନା ରାକ୍ଷସ
ଅଟ୍ଟହାସ୍ୟ କରେ ଆଜି କରିବାକୁ ଗ୍ରାସ ।
ଜିହ୍ୱା ଲାଳସାରେ ଦିନେ ହେବେ ପଥଭ୍ରମ
ଝାସ ଦେବେ ଅନଳରେ ମୂଢ଼ କୀଟ ସମ ।
ଖଟିଖିଆ ମଜୁରିଆ ମନରେ ଦରଦ
ଧୂପବତୀ ସମ ସରେ ସାଇତା ସମ୍ପଦ ।
ସରକାର ସହାୟତା ସମୁଦ୍ରକୁ ଶଙ୍ଖେ
ସବୁକଥା ସ୍ମରି ସିଏ ଭାଳି ହୁଏ ଦୁଃଖେ ।
ସରକାରୀ ଗଣନାର ବହୁତ ଦୂରରେ
ରହିଛନ୍ତି ବହୁ ଦୁଃଖୀ ବିନା ତାଲିକାରେ ।
ଏ ଭୀଷଣ ସମୟରେ କେ ଚିହ୍ନେ କାହାକୁ
ଆପଣା ବି ସାତ ପର ମଣେ ସ୍ୱଜନକୁ ।
ଚେତୁ ନାହିଁ ମୂଢ଼ଜନ ବିଷମ ସମୟେ
ସ୍ୱାର୍ଥପର ହୋଇ ଦିନ କାଟେ ସେ ଅନ୍ୟାୟେ ।
ଏକମାତ୍ର ପଥ ଦିଶେ ଏଥୁ ବଞ୍ଚିବାର
ଏକତାର ମନ୍ତ୍ର ମାତ୍ର ଯୁଦ୍ଧ ଜିଣିବାର ।
ଭୁଲି ଛୋଟବଡ଼ ଉଚ୍ଚନୀଚର ଭାବନା
ଏକାକାର ହୋଇଯିବା ତେଜି ଦୁର୍ଭାବନା ।
ସହଯୋଗ ହାତ ଆମେ ବଢ଼ାଇ ଆଗକୁ
ପରାସ୍ତ କରିବା ଯୁଦ୍ଧେ ନିଶ୍ଚେ କରୋନାକୁ ।
ମୋଦୀଜୀଙ୍କ କଥାମାନି ରହିବା ଗୃହରେ
ଦୁଃଖୀ ମୁଖେ ଦେବା ଅନ୍ନ ସହାସ୍ୟ ମୁଖରେ ।
ଡାକ୍ତର ଯା କହିଛନ୍ତି ନିଶ୍ଚେ ତା ମାନିବା
ଶାରୀରିକ ଦୂରତ୍ୱକୁ ନିଶ୍ଚୟ ରଖିବା ।
ମଣିଷ ଧରମ ଆଜି ପାଳିବା ସମୟ
ଧର୍ମ ପଥେ ଚଳୁଥିଲେ କି ଅଛି ଦୁର୍ଜୟ ?

ପ୍ରଧାନାଚାର୍ଯ୍ୟ
ସ.ଶି.ବି.ମ., ମୂଳାପାଳ, ଯାଜପୁର

# ଅରଣ୍ୟ ହିଁ ପ୍ରାଣ

ଶ୍ରୀ ସୁନୀଲ କୁମାର ଗୌଡ଼

ଅରଣ୍ୟ ହିଁ ପ୍ରାଣକେନ୍ଦ୍ର ଭାରତୀୟ ସଂସ୍କୃତିର
ସୃଷ୍ଟି ସ୍ଥିତି ବିଲୟ ସେ ଏଇ ଜୀବ ଜଗତର ।
ତା' ଲାଗି ପାଉଛୁ ଆମେ ବନୌଷଧି ଜୀବନ ରକ୍ଷାର
ଖାଦ୍ୟ ବସ୍ତ୍ର ବାୟୁ ନୀର ଯୋଗାଏ ସେ ନିରନ୍ତର ।
ବନଭୂମି ଥିଲା ଦିନେ ତପୋଭୂମି ଜ୍ଞାନଭୂମି
ତ୍ରିକାଳଦର୍ଶୀ ବିଶ୍ୱ ହିତୈଷୀ ମନ୍ତ୍ରଦ୍ରଷ୍ଟା ସାଧୁ ସନ୍ନ୍ୟାସୀର ।
ବନ ପରା ଅଟେ ଉପଜୀବ୍ୟ ଚିତ୍ତ ବିନୋଦନର
କାଳେ କାଳେ କବି ଭାବୁକ ଓ ଦାର୍ଶନିକର ।
ପଶୁପକ୍ଷୀ କୀଟ ତରୁଲତା ଘାସ ଗୁଳ୍ମ ବିହଙ୍ଗ ପତଙ୍ଗ
ନିର୍ବିଘ୍ନରେ ରହୁଥିଲେ ସର୍ବେ ହୋଇ ସାଙ୍ଗ ।
ତା' ଲାଗି ବୃକ୍ଷ ବନସ୍ପତି ସୃଷ୍ଟି ହୁଏ ପରା ତେଣୁ ବୃଷ୍ଟି
ଅମୃତ ସମ ବାରିଦାନ ଦିଏ ପୁଣି ଅମ୍ଳଜାନ ।
ନେଇ ଦୂଷିତ ଅଙ୍ଗାରକାମ୍ଳ କରେ ପରିବେଶ ସନ୍ତୁଳନ
ତେଣୁ ପରା ବିଶ୍ୱ ପାଇଁ ତା'ଦାନ ଅଟେ ମହାନ ।
ଆରଣ୍ୟକ ସଂସ୍କୃତିର ଆମେରେ ଦାୟାଦ
ତା'ଶୋଷଣ କରିବାକୁ ହେଉ ନାହୁଁ ପଶ୍ଚାଦ୍‌ପଦ ।

ପ୍ରଧାନାଚାର୍ଯ୍ୟ
ସ.ଶି.ବି.ମ., ଗଜପତିନଗର

ବୋହୂ ସହୁଥାଏ ଗଞ୍ଜଣା କୁଆ ଧାନ ଖାଆନ୍ତି ।।

## ସୁସ୍ଥ ପରିବେଶ ଆମରି ହାତେ

*ଶ୍ରୀ କିଶୋର ଚନ୍ଦ୍ର ତ୍ରିପାଠୀ*

ପ୍ରକୃତିର ଦାନ କେତେ ଯେ ମହାନ
ତା ମଧ୍ୟେ ବୃକ୍ଷକୁ ଦେଖ
ଜୀବନଟା ତା'ର ପର ଉପକାର
କେତେ କଥା ତା'ଠୁ ଶିଖ ।
ପତ୍ର ଫୁଲ ଫଳ ଶାଖା କାଣ୍ଡ ଚେର
ସବୁ ତ କାମରେ ଲାଗେ
ସବୁ ଦାନ କରି ପ୍ରତି ବଦଳରେ
କେବେ କିଛି ସିଏ ମାଗେ ?
ବୃକ୍ଷ ଛାଇ ତଳେ ପଥିକ ବିଚରା
ଘଡ଼ିଏ ବିଶ୍ରାମ ନିଏ
ଯାହାକୁ ଦେଖିବ ଟାଣ ଖରାବେଳେ
ବୃକ୍ଷଠୁ ଆଶ୍ରୟ ପାଏ ।
ଶୀତ ବର୍ଷା ଖରା ସହିଯାଏ ସଦା
କାହାକୁ କିଛି ନ କହି
ପ୍ରାଣୀଙ୍କ ହିତରେ ସମର୍ପଣ କରି
ପର ଉପକାରୀ ହୋଇ ।
ଔଷଧ ରୂପରେ ତା'ର ସବୁ ଅଂଶ
ଜୀବନ ବଞ୍ଚାଇ ଥାଏ
ଅତି ଦରକାରୀ ସବୁ ପ୍ରାଣୀଙ୍କର
ଅମ୍ଳଜାନ ଦେଇଥାଏ ।
ବୃକ୍ଷରୁ ଅନେକ ଉପକାର ପାଇ
ମଣିଷ ଆରାମ କରେ
କାହିଁକି କେଜାଣି ମଣିଷ ଜାଣୁନି
ଭାବି ପାରୁନାହିଁ ଥରେ ।
ଯାହାଠୁ ଏତିକି ଉପକାର ପାଉ
ସୁରକ୍ଷା କରିବା ସର୍ବେ
ତେବେ ଯାଇ ବିଶ୍ୱ ଶାନ୍ତି ପାଉଥିବ
ଅଭାବ ହେବନି କେବେ ।
ଗଛ ଲଗାଇବା ଯତନ କରିବା
ନିଜର ମଙ୍ଗଳ ପାଇଁ
ସୁସ୍ଥ ପରିବେଶ ଆମରି ହାତରେ
ସବୁଜ ସୁନ୍ଦର ମହୀ ।

*ପ୍ରଧାନାଚାର୍ଯ୍ୟ*
*ସ.ଶି.ବି.ମ., ବାଲାଜୀବିହାର, ଭବାନୀପାଟଣା*

## ହସି ଉଠିବ ଏ ବିଶ୍ୱ

*ନଳିନୀପ୍ରଭା ଦେଇ*

ସୂରୁଜ ଉଇଁଲେ ନାନା ରଙ୍ଗ ଫୁଲ
ମନକୁ ଯାଆନ୍ତି ଫୁଟି
ଛୁଇଁ ଦେବା କ୍ଷଣି ଲାଜକୁଳି ଲତା
ଲାଜରେ ତ ଯାଏ ଲୋଟି ।
ତେଲଗୁଣି ପୋକ ଦେହରେ ବାଜିଲେ
ହୁଏ ସେ ପଇସା ପରି
ଗେଣ୍ଡା ଓ କଇଁଛ ନିଜ ଖୋଳପାରେ
ନିଜକୁ ଦିଅନ୍ତି ଭରି ।
ଚଢ଼େଇ ପାଖକୁ ଚାଲିଗଲେ ଆମେ
ଦୂରକୁ ଯାଆନ୍ତି ଉଡ଼ି
ପଶୁପକ୍ଷୀମାନେ ଡରି ଯାଇଥାନ୍ତି
ଥିଲେ ଆମ ହାତେ ବାଡ଼ି ।
ଚୁ ଚୁ କରି ଡାକିଲେ କୁକୁର
ଲାଙ୍ଗୁଡ଼କୁ ଜାକି ଆସେ
ଅତି ସରାଗରେ କୁଁ କୁଁ ହୋଇ
ମାଲିକ ପାଖରେ ବସେ ।
ସାପ ଦେହେ ଟିକେ ଆଘାତ ଲାଗିଲେ
ଫଣା ଟେକି ମାରେ ଚୋଟ
ଦରକାର ବେଳେ ଦୀର୍ଘଶ୍ୱାସ ନେଇ
ସରୁଆରୁ ହୁଏ ମୋଟ ।
ଯୂପକାଠ ଆଡ଼େ ମଣିଷଟି ଯେବେ
ଛେଳି ମେଣ୍ଢା ନିଏ ଟାଣି
ଘୋଷାଡ଼ିବା ବେଳେ ରଡ଼ି ପକାଇଣ
ଆଖିରୁ ଝରାନ୍ତି ପାଣି ।
ସଜୀବମାନଙ୍କ ପ୍ରତିକ୍ରିୟା ଦେଖି
ବୁଝି ପାରଇ ମଣିଷ
ସେମାନଙ୍କ ପ୍ରତି ସଦୟ ହୋଇଲେ
ହସି ଉଠିବ ଏ ବିଶ୍ୱ ।

*ଅବସରପ୍ରାପ୍ତ ଶିକ୍ଷୟିତ୍ରୀ*
*ଗଜପତିନଗର, ଭୁବନେଶ୍ୱର*

**ସରବଦା ତ୍ୟାଗ କରିଣ ବ୍ୟଭିଚାର ନରର ।**

**ଗୀତା ଜ୍ଞାନ**

# ଓଁ ଶ୍ରୀ ପରମାତ୍ମନେ ନମଃ

* ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ



କ୍ଷତ୍ରୀୟୋଚିତ କର୍ତ୍ତବ୍ୟ ରୂପରେ ସ୍ୱତଃ ପ୍ରାପ୍ତ ହୋଇଥିବାରୁ ଅର୍ଜୁନ ଯୁଦ୍ଧ କରିବାକୁ ନିଶ୍ଚୟ କରିଥିଲେ । ମାତ୍ର ସେହି ବିଚାରକୁ ନିଜସ୍ୱ ବୁଦ୍ଧିରେ ଅନିଷ୍ଟକାରକ ମନେ କରି ଯୁଦ୍ଧରୁ ବିମୁଖ ହୋଇ କର୍ତ୍ତବ୍ୟ ପାଳନରୁ ନିବୃତ୍ତ ହେବା ଉଚିତ ମଣିଲେ ଓ ନିଜ ନିଷ୍ପତ୍ତି ସପକ୍ଷରେ ବିଭିନ୍ନ ଯୁକ୍ତି ଉପସ୍ଥାପନ କରି ପରିଶେଷରେ ଧନୁର୍ବାଣ ତ୍ୟାଗ କରି ଶୋକାକୁଳ ଅବସ୍ଥାରେ ରଥ ଉପରେ ବସି ପଡ଼ିଲେ । ଏଠାରେ ମୁଁ ଯୁଦ୍ଧ କରିବି ନାହିଁ । ଏ ପ୍ରକାରର ସ୍ୱଘୋଷିତ ନିର୍ଣ୍ଣୟ ଅର୍ଜୁନ ନେଉଛନ୍ତି ।

ଶ୍ରୀମଦ୍ ଭଗବତ୍ ଗୀତାର ଦ୍ୱିତୀୟ ଅଧ୍ୟାୟର ପ୍ରଥମ ଶ୍ଳୋକରେ ସଂଜୟ କହୁଛନ୍ତି ଯେ କାତରତା ବିଜଡ଼ିତ ବିଷାଦଗ୍ରସ୍ତ ତଥା ଅଶ୍ରୁରେ ଭରି ରହିଥିବା ଚକ୍ଷୁ କାରଣରୁ ଦୃଷ୍ଟି ଅବରୁଦ୍ଧ ହୋଇଥିବା ଅର୍ଜୁନଙ୍କ ଉଦ୍ଦେଶ୍ୟରେ ମଧୁସୂଦନ ଏହିପରି କହିଲେ । (ମଧୁନାମକ ଦୈତ୍ୟର ସଂହାର କରି ଭଗବାନ ଶ୍ରୀକୃଷ୍ଣ ମଧୁସୂଦନ ନାମ ଧାରଣ କରିଥିଲେ ।)

ସଞ୍ଜୟ ଉବାଚ -

ତଂ ତଥା କୃପୟାବିଷ୍ଟମଶ୍ରୁପୂର୍ଣ୍ଣାକୁଳେକ୍ଷଣମ୍ ।
ବିଷୀଦନ୍ତମ୍ ଇଦଂ ବାକ୍ୟମ୍ ଉବାଚ ମଧୁସୂଦନ ॥

ଉପର୍ଯ୍ୟୁକ୍ତ ଶ୍ଳୋକରେ ତମ୍ ପଦ ସେହି ଅର୍ଜୁନଙ୍କ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଛି, ଯିଏ କି ବୀରତ୍ୱର ସହ ଯୁଦ୍ଧ କରିବାକୁ ପ୍ରବୃତ୍ତ ହୋଇ ପରବର୍ତ୍ତୀ ପରିସ୍ଥିତିରେ କୌଟୁମ୍ବିକ ମୋହାବେଶରେ ଦୁର୍ବଳତାର ଶିକାର ହୋଇଛନ୍ତି । ପ୍ରଥମ ଅଧ୍ୟାୟର ୨୭ତମ ଶ୍ଳୋକରେ 'ସକୌନ୍ତେୟ' ପଦଟି ମଧ୍ୟ ସମାନ ଉଦ୍ଦେଶ୍ୟରେ ଅର୍ଜୁନଙ୍କ ପ୍ରତି ପ୍ରଯୁକ୍ତି ହୋଇଛି । ଏହି ଦୁଇଟି ପଦର ପ୍ରୟୋଗ ମାଧ୍ୟମରେ ଗୀତାକାର ସୁଚିତ କରିବାକୁ ଚାହାନ୍ତି ଯେ ଅର୍ଜୁନ ସ୍ୱଭାବତଃ ଶୂରବୀର କ୍ଷତ୍ରୀୟ ଅଟନ୍ତି ଓ କୁନ୍ତି ସଦୃଶ କ୍ଷତ୍ରାଣୀଙ୍କ ସନ୍ତାନ ଅଟନ୍ତି ।

ପ୍ରଥମ ଅଧ୍ୟାୟର ୨୮ତମ ଶ୍ଳୋକରେ କୃପୟା ପରୟା ପଦର ପ୍ରୟୋଗ ତଥା ଦ୍ୱିତୀୟ ଅଧ୍ୟାୟରେ କୃପୟା ଆବିଷ୍ଟମ୍ ପରେ ଉଲ୍ଲେଖ ଉଭୟ ଅର୍ଜୁନଙ୍କ ସେହି ମାନସିକ ସ୍ଥିତିକୁ ଜାହିର କରେ ଯେଉଁ ଦୁର୍ବଳତା (ମାନସିକତା) କାରଣରୁ ମଧ୍ୟମ ପାଣ୍ଡବ ଭଳି ଅଜେୟ ଯୋଦ୍ଧାଙ୍କ ମୋହ ବିଜଡ଼ିତ ନେତ୍ର ଯୁଗଳ ଲୋତକପୂର୍ଣ୍ଣ ହୋଇଗଲା ଓ ସେ ଅସ୍ତ୍ର ତ୍ୟାଗ କଲେ ।

ଶ୍ରୀମଦ୍ ଭଗବତ୍ ଗୀତାର ପ୍ରଥମ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା କଥିତ ଶ୍ଳୋକର (ଶ୍ରୀଭଗବାନ ଉବାଚ)ର ଉଲ୍ଲେଖ ନାହିଁ । କେବଳ ୨୫ତମ ଶ୍ଳୋକରେ ସଂଜୟ ବର୍ଣ୍ଣନା କରୁଛନ୍ତି ଯେ ଦୁଇ ସେନାଙ୍କ ମଧ୍ୟରେ କପିଧ୍ୱଜ ରଥକୁ ସ୍ଥାପନା କରି ଭଗବାନ କହୁଛନ୍ତି ହେ ପାର୍ଥ ଏଠାରେ ଉପସ୍ଥିତ ଥିବା କୁରୁବଂଶୀମାନଙ୍କୁ ଦେଖ (ଉବାଚ ପାର୍ଥ ପଶ୍ୟୈତାନ ସମବେତାନ୍ କରୁନିତି) ଏଠାରେ

**ଆପଣା ପକ୍ଷରେ କରମ କର ହୋଇ ସୁସ୍ଥିର ॥**

ବିଚାରଯୋଗ୍ୟ ଯେ କୁରୁକ୍ଷେତ୍ରରେ ଉପସ୍ଥିତ ବନ୍ଧୁ ତଥା ନିକଟ ସମ୍ପର୍କୀୟମାନଙ୍କୁ ଦେଖି ମୋହଗ୍ରସ୍ତ ବ୍ୟାକୁଳ ଅର୍ଜୁନ ସାରଥି ଶ୍ରୀକୃଷ୍ଣଙ୍କ ଉପସ୍ଥିତିରେ ଯେଉଁ ସବୁ ବକ୍ତବ୍ୟ ରଖିଲେ, ଭଗବାନ ଧୈର୍ଯ୍ୟର ସହ ସେଗୁଡ଼ିକୁ କେବଳ ଶୁଣିଛନ୍ତି କିନ୍ତୁ କୌଣସି ମନ୍ତବ୍ୟ ଦେଇ ନାହାନ୍ତି । ପ୍ରିୟ ସଖା ଅର୍ଜୁନଙ୍କୁ ନିଜ ପକ୍ଷ ରଖିବାକୁ ଚତୁରତାର ସହ ସୁଯୋଗ ଦେଇଛନ୍ତି, ଯାହାର ଆଧାରରେ ସେ (ଭଗବାନ) ପରମ ମଙ୍ଗଳକାରୀ ତଥା ଅମୃତମୟ ବାଣୀ ମାଧ୍ୟମରେ ଅର୍ଜୁନଙ୍କୁ ପାଥେୟ କରି ସମଗ୍ର ମାନବ ସମାଜର ମାର୍ଗଦର୍ଶନ କରିପାରିବେ ।

ଆଲୋଚ୍ୟ ଅଧ୍ୟାୟର ଦ୍ୱିତୀୟ ଶ୍ଳୋକରୁ ଶ୍ରୀ ଭଗବାନ ଉବାଚର ଆରମ୍ଭ । ଶ୍ରୀକୃଷ୍ଣ କହୁଛନ୍ତି ହେ ଅର୍ଜୁନ ! ଏହି ବିଷମ ପରିସ୍ଥିତିରେ ଏହିପରି କାପୁରୁଷତା (କଶ୍ମଳମ୍) ତୁମକୁ କେଉଁଠାରୁ ପ୍ରାପ୍ତ ହେଲା, ଯାହାକି ଶ୍ରେଷ୍ଠ ପୁରୁଷ ନିମନ୍ତେ ଗ୍ରହଣଯୋଗ୍ୟ ନୁହେଁ । ତୁମର ଏହି ଆଚରଣ ସ୍ୱର୍ଗ ପ୍ରଦାୟକ ନୁହେଁ ଏବଂ କୀର୍ତ୍ତି ଦାୟକ ମଧ୍ୟ ନୁହେଁ ।

କୁତଃ ତ୍ୱା କଶ୍ମଳମ ଇଦମ୍ ବିଷମେ ସମୁପସ୍ଥିତମ୍ ।
ଅନାର୍ଯ୍ୟଜୁଷ୍ଟମ୍ ଅସ୍ୱର୍ଗ୍ୟମ୍ ଅକୀର୍ତ୍ତିକରମ୍ ଅର୍ଜୁନ ॥

ଶ୍ରୀ ଭଗବାନ ଏଠାରେ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି ଯେ ଅର୍ଜୁନ ନିକଟରେ ଏହି ଚିତ୍ତମାଳିନ୍ୟ (ମୋହ ଓ ଦୁର୍ବଳତା) କେଉଁଠାରୁ ଆସି ପହଞ୍ଚିଲା (କୁତଃ ସମୁପସ୍ଥିତମ୍) । ଶ୍ରୀକୃଷ୍ଣ ଭଲଭାବରେ ଜାଣିଥିଲେ ଯେ ଶୂରବୀରତା ଅର୍ଜୁନଙ୍କର ସ୍ୱଭାବ ଏବଂ କାତରତା ରୂପକ ଏହି ଦୁର୍ବଳତା ଟିକକ ଆଗନ୍ତୁକ ଦୋଷ ଭାବରେ ତାଙ୍କ ନିକଟରେ ଉପସ୍ଥିତ ହୋଇଛି ଯାହା କି ଚିରସ୍ଥାୟୀ ନୁହେଁ । ଅର୍ଜୁନଙ୍କ ହୃଦୟରେ ହିଂସା ତ୍ୟାଗ ରୂପକ ସଦ୍‌ଗୁଣ ଛଦ୍ମବେଶରେ କର୍ତ୍ତବ୍ୟ ତ୍ୟାଗ ରୂପକ ଦୋଷ ଭାବରେ ଉଭା ହୋଇଛି । ତେଣୁ ଭଗବାନ ପ୍ରାଥମିକ ସ୍ତରରେ ତତ୍ତ୍ୱ ଭିତରକୁ ନ ଯାଇ ସହଜ ଭାବରେ ଅର୍ଜୁନଙ୍କୁ ସାବଧାନ କରିବା ସହ ଏହିପରି ଦୁର୍ବଳ ମାନସିକତାର ଲୌକିକ ପରିଣାମ ଦିଗକୁ ଅର୍ଜୁନଙ୍କ ଦୃଷ୍ଟି ଆକର୍ଷଣ କରି ତାଙ୍କର ପରିବର୍ତ୍ତନ ପାଇଁ ଚେଷ୍ଟା କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦ୍ୱିତୀୟ ଅଧ୍ୟାୟର ୧୧ତମ ଶ୍ଳୋକରୁ ୩୦ତମ ଶ୍ଳୋକ ମଧ୍ୟରେ ଭଗବାନ ଶରୀର ଓ ଶରୀର ସମ୍ବନ୍ଧୀୟ ଆତ୍ମତତ୍ତ୍ୱର ଉପଦେଶ ପ୍ରଦାନ କରିବା ସ୍ଥଳେ ପରବର୍ତ୍ତୀ ଶ୍ଳୋକମାନଙ୍କରେ ସ୍ୱଧର୍ମ ପାଳନର ପ୍ରୟୋଜନିୟତା ଓ କର୍ମଯୋଗ ସିଦ୍ଧାନ୍ତ ଆଧାରିତ ଅମୃତବାଣୀ ପ୍ରଦାନ କରିଛନ୍ତି ।

ଉପର୍ଯ୍ୟୁକ୍ତ ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ମୋହ ନିବାରଣ ନିମନ୍ତେ ତିନି ପ୍ରକାରର ଶ୍ରେୟ ଅର୍ଜୁନଙ୍କ ନିକଟରେ ଉପସ୍ଥାପନ କରିଛନ୍ତି ।

୧) ଅନାର୍ଯ୍ୟଜୁଷ୍ଟମ୍ - ନ ଆର୍ଯ୍ୟ ଜୁଷ୍ଟମ୍ - ଯାହା ଶ୍ରେଷ୍ଠ ପୁରୁଷଙ୍କର ଗ୍ରହଣଯୋଗ୍ୟ ନୁହେଁ । ଆର୍ଯ୍ୟ ଏକ ଗୁଣବାଚକ ଶବ୍ଦ ଯାହାର ଅର୍ଥ ଶ୍ରେଷ୍ଠ । ଅର୍ଜୁନ ତ ଶ୍ରେଷ୍ଠ ଥିଲେ । ଶ୍ରେଷ୍ଠ ପୁରୁଷ ସର୍ବଦା ନିଜର କଲ୍ୟାଣ କାମନା କରିଥାଆନ୍ତି ଏବଂ ନିଜର ଆଚରଣ ଦ୍ୱାରା ସଂସାରରେ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇ ଯାଆନ୍ତି । ଅର୍ଜୁନଙ୍କ ପକ୍ଷରେ ଏତାଦୃଶ କାପୁରୁଷତା କଲ୍ୟାଣକର ନୁହେଁ । ଏହି ଅଧ୍ୟାୟର ୩୧ତମ ଶ୍ଳୋକରେ ମଧ୍ୟ ଭଗବାନ କହୁଛନ୍ତି ଯେ ଧର୍ମଯୁଦ୍ଧରୁ ବଳି କ୍ଷତ୍ରୀୟମାନଙ୍କ ନିମନ୍ତେ କଲ୍ୟାଣକର ଅନ୍ୟ କିଛି ନ ଥାଏ (ଧର୍ମ୍ୟାତ୍ ଯୁଦ୍ଧାତ୍ ଶ୍ରେୟଃ ଅନ୍ୟତ୍ କ୍ଷତ୍ରୀୟସ୍ୟ ନ ବିଦ୍ୟତେ) ।

୨) ଅସ୍ୱର୍ଗମ୍ - ସାଂସାରିକ ଦୃଷ୍ଟିରୁ ବିବେଚନା କଲେ ସ୍ୱର୍ଗଲୋକ ହିଁ ସବୁଠାରୁ ଉଚ୍ଚ ଓ ମନୁଷ୍ୟର କାମ୍ୟ । ଭୀରୁତା ଓ କାତରତା ନରକ ମାର୍ଗ ଉନ୍ମୋଚନକାରୀ । ତେଣୁ ଯୁଦ୍ଧରୁ ନିବୃତ୍ତ ହେବା କ୍ଷତ୍ରୀୟଙ୍କ ପକ୍ଷରେ ସ୍ୱର୍ଗଦାୟକ ନୁହେଁ । ଆଲୋଚ୍ୟ ଅଧ୍ୟାୟର ୩୨ତମ ଶ୍ଳୋକରେ ମଧ୍ୟ ଭଗବାନ କହିଛନ୍ତି ଯେ 'ହେ ଅର୍ଜୁନ ତୁମକୁ ପ୍ରାପ୍ତ ହୋଇଥିବା ଏହି ଯୁଦ୍ଧ ତୁମ ପାଇଁ ସ୍ୱର୍ଗର ଦ୍ୱାର ଉନ୍ମୁକ୍ତ କରିବ ପୁନଶ୍ଚ ତୁମେ ନିହତ ହେଲେ ମଧ୍ୟ ସ୍ୱର୍ଗଲାଭ କରିବ । ତେଣୁ

ଯେହୁ ପଥେ ଯେବା ଗମନ କରେ ଅଟେ ସେ ପଥ ।

ଯୁଦ୍ଧ ହି ତୁମର କର୍ତ୍ତବ୍ୟ ଅଟେ । (ଯଦୃଚ୍ଛୟା ଚ ପପନ୍ନମ ସ୍ୱର୍ଗଦ୍ୱାରମ୍ ଅପାବୃତମ୍)

୩) ଅକୀର୍ତ୍ତିକରମ୍ – ଅର୍ଜୁନଙ୍କ ଏହିପରି ଆଚରଣ ଓ ବ୍ୟବହାର କୀର୍ତ୍ତିଦାୟକ ମଧ୍ୟ ନୁହେଁ, କାରଣ ବୀର ପୁରୁଷ କୁତ୍ରାପି ଅପଯଶ ଇଚ୍ଛା କରନ୍ତି ନାହିଁ । ଯଶ ଓ କୀର୍ତ୍ତି ସେମାନଙ୍କ ଅଭିଳଷିତ ଓ ଧେୟ । ଅପଯଶ ବୀର ପୁରୁଷମାନଙ୍କ ନିମନ୍ତେ ମୃତ୍ୟୁ ସହ ସମାନ । ତେଣୁ ଏହି ବିଷମ ସ୍ଥିତିରେ ଯୁଦ୍ଧ ତ୍ୟାଗ ଅର୍ଜୁନଙ୍କ ପାଇଁ ଅପଯଶ ତଥା ଅପକୀର୍ତ୍ତିର କାରଣ କେବଳ ହିଁ ସାବ୍ୟସ୍ତ ହେବ ।

ଉପର୍ଯ୍ୟୁକ୍ତ ପ୍ରକାରେ ଶ୍ରୀଭଗବାନ ଅର୍ଜୁନଙ୍କୁ ବୁଝାଇବାକୁ ଚେଷ୍ଟା କରିବା ସହ ପରବର୍ତ୍ତୀ ୩ୟ ଶ୍ଳୋକରେ କିଛି କଠୋର ଶବ୍ଦ ପ୍ରୟୋଗ କରି ଅର୍ଜୁନଙ୍କ ପୌରୁଷ ଜାଗ୍ରତ କରିବା ନିମନ୍ତେ ପ୍ରୟାସ କରିଛନ୍ତି ।

କ୍ଲୈବ୍ୟମ୍ ମା ସ୍ମ ଗମଃ ପାର୍ଥ ନ ଏତତ୍ ତ୍ୱୟି ଉପପଦ୍ୟତେ ।
କ୍ଷୁଦ୍ରମ୍ ହୃଦୟଦୌର୍ବଲ୍ୟମ୍ ତ୍ୟକ୍ତ୍ୟା ଉତ୍ତିଷ୍ଠ ପରନ୍ତପ ॥

ହେ ପୃଥାନନ୍ଦନ ନପୁଂସକତାକୁ ପ୍ରାପ୍ତ ହୁଅ ନାହିଁ, କାରଣ ଏହା ତୁମର କ୍ଷତ୍ରୀୟ ସ୍ୱଭାବର ପ୍ରତିକୂଳ ଅଟେ । ତେଣୁ ହୃଦୟର ଏହି ନଗଣ୍ୟ ଦୁର୍ବଳତା ତ୍ୟାଗ କରି ଉଠ ଓ ଯୁଦ୍ଧ ପାଇଁ ଦଣ୍ଡାୟମାନ ହୁଅ ।

ଯଦିଓ ଭଗବାନ ଏଠାରେ କ୍ଲୈବ୍ୟମ୍ (ନପୁଂସକତା) ସଦୃଶ୍ୟ କଠୋର ଶବ୍ଦ କୁଶଳତାର ସହ ଅର୍ଜୁନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରୟୋଗ କରିଛନ୍ତି, ପାର୍ଥ ସମ୍ବୋଧନ କରି ସେ ଦର୍ଶାଇଛନ୍ତି ଯେ ସେ ଶ୍ରୀକୃଷ୍ଣଙ୍କର ଅତ୍ୟନ୍ତ ପ୍ରିୟ । କୁନ୍ତିଙ୍କ ଅନ୍ୟ ନାମ ପୃଥା, ତେଣୁ ଅର୍ଜୁନଙ୍କ ନାମ ପାର୍ଥ ଓ କୁନ୍ତି ଶ୍ରୀକୃଷ୍ଣଙ୍କ ପିଉସୀ ଅଟନ୍ତି । ଏହି ଶ୍ଳୋକରେ ଅର୍ଜୁନଙ୍କ ନିମନ୍ତେ ପରନ୍ତପ ସମ୍ବୋଧନ ପ୍ରଯୁକ୍ତ ହୋଇଛି । ଭଗବାନ କହିବାକୁ ଚାହାନ୍ତି ଯେ ଶତ୍ରୁଗଣଙ୍କୁ ସନ୍ତାପିତ ତଥା ଭୀତତ୍ରସ୍ତ କରିବା କ୍ଷମତା ବୀର ଅର୍ଜୁନଙ୍କର ରହିଛି । ଭଗବାନ ଆହ୍ୱାନ ଦେଇଛନ୍ତି ଯେ ହେ ଅର୍ଜୁନ ତୁମର ଏହି ଭାବପ୍ରବଣତା ତଥା ଆଚରଣ ଶୋଭନୀୟ ନୁହେଁ । ତେଣୁ ଦୁର୍ବଳତା ତ୍ୟାଗ କରି ଉଠ ଓ ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅ (ତ୍ୟକ୍ତ୍ୱା ଉତ୍ତିଷ୍ଠ ପରନ୍ତପ) ।

ଭଗବାନ ଶ୍ରୀକୃଷ୍ଣଙ୍କ ଏହି ଆହ୍ୱାନ ଆମ ସମସ୍ତଙ୍କ ପାଇଁ । ହୃଦୟର ଦୁର୍ବଳତା ଓ କ୍ଷୁଦ୍ରତା ପ୍ରତ୍ୟେକ ମାନବ ଜୀବର ଉନ୍ନତି ମାର୍ଗରେ ପ୍ରତିବନ୍ଧକ ରୂପରେ ଉଭା ହୁଏ । ତେଣୁ ଭାବପ୍ରବଣତାପୂର୍ଣ୍ଣ କ୍ଷୁଦ୍ରତାକୁ ତ୍ୟାଗ କରି, କର୍ତ୍ତବ୍ୟର ସଠିକ ନିରୂପଣ କରି ଅଗ୍ରଗାମୀ ହେବା ପାଇଁ ଭଗବାନ ଆମକୁ ଏହି ଶ୍ଳୋକ ମାଧ୍ୟମରେ ଉପଦେଶ ପ୍ରଦାନ କରିଛନ୍ତି ।

ଶାରୀରିକ ତଥା ମାନସିକ ଦୁର୍ବଳତା ସଂପନ୍ନ ବ୍ୟକ୍ତି ଦ୍ୱାରା ଆତ୍ମାର ଉପଲବ୍ଧି (ଭଗବତ୍ ପ୍ରାପ୍ତି) ସମ୍ଭବ ନୁହେଁ । ଉପନିଷଦ୍ କହନ୍ତି ନାୟମାତ୍ମା ବଳହୀନେନ ଲଭ୍ୟା । ସ୍ୱାମୀ ବିବେକାନନ୍ଦ ଦୃଢ଼ ଭାବରେ କହିଛନ୍ତି ଯେ 'ଦୁର୍ବଳତା ହିଁ ମୃତ୍ୟୁ, ଦୁଃଖର ଏକମାତ୍ର କାରଣ ଦୁର୍ବଳତା ।' ତେଣୁ ସାହସୀ ହୁଅ ଶକ୍ତିମାନ ହୁଅ । ଶ୍ରୀମଦ୍ ଭାଗବତରେ ମଧ୍ୟ ନିର୍ଦ୍ଦେଶ ଅଛି ଯେ ଅନ୍ତର ମଧ୍ୟରେ ଥିବା ଭୟ ଶୋକ ଓ ମୋହକୁ ତତ୍ତ୍ୱଜ୍ଞାନ ଦ୍ୱାରା ଓ ମହତ ଜନଙ୍କ ସେବା ମାଧ୍ୟମରେ ଆତ୍ମଜ୍ଞାନକୁ ଜାଗ୍ରତ କରିବା ସମସ୍ତଙ୍କର ଧେୟ ହେବା ଉଚିତ ।

ଭୟକୁ ଜିଣେ ତତ୍ତ୍ୱ ଜ୍ଞାନେ, ଶୋକ ମୋହକୁ ଜିଣି ଜ୍ଞାନେ ।
ମହାନ୍ତ ସେବା ଦମ୍ଭନାଶେ, ଯେ ଭାବେ କୈବଲ୍ୟ ପ୍ରକାଶେ ॥

ଓମ୍ ନମଃ ଭଗବତେ ବାସୁଦେବାୟ

*କୋଷାଧ୍ୟକ୍ଷ*
*ଶିକ୍ଷା ବିକାଶ ସମିତି, ପୂର୍ବ ସମ୍ଭାଗ*

**-: ଗୀତା ମାହାତ୍ମ୍ୟମ୍ :-**

*ଗୀତାସାରମିଦଂ ପୁଣ୍ୟଂ ଯଃ ପଠେତ୍ ସୁସମାହିତଃ ।*
*ବିଷ୍ଣୁଲୋକମବାପ୍ନୋତି ଭୟଶୋକ ବିନାଶନମ୍ ।*

*ଯେଉଁ ଲୋକ ଏହି ପବିତ୍ର ଗୀତାସାରକୁ ଏକାଗ୍ର ଚିତ୍ତରେ ପାଠ କରିଥାଏ ସେ ଲୋକ ଭୟ, ଶୋକ, ଜନ୍ମ ଓ ମରଣ ରହିତ ହୋଇ ବିଷ୍ଣୁଲୋକକୁ ପ୍ରାପ୍ତି କରିଥାଏ ।*

**ଆମ ଦର୍ଶନ**

# ସର୍ଜନ ଶକ୍ତିର ଜାଗରଣ

✸ ଶ୍ରୀ ଚିନ୍ମୟରଞ୍ଜନ ଶତପଥୀ

'ଜଗତ ସରସେ ଭାରତ କମଳ
ତା ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।।'

ସତରେ ସାରା ଭାରତରେ ଅନନ୍ୟ ଆମ ଭାରତବର୍ଷର ପରିଚୟ ପୁଣି ଅନନ୍ୟ ଆମ ଓଡ଼ିଶାର ପରିଚୟ । ସେ ସାରା ବିଶ୍ୱ ହେଉ କି ଭାରତବର୍ଷ ହେଉ ସବୁଠି ଆମେ ଓଡ଼ିଶାବାସୀ ପରିଚିତ ହେଉ ଆମ ଠାକୁର ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଇଁ । ସେ ଦାରୁବ୍ରହ୍ମ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପାଖରୁ ଆରମ୍ଭ ହୁଏ ସାଧାରଣ ଓଡ଼ିଆଟିର ପରିଚୟ । ପୁଣି ତାଙ୍କରି ପାଖରେ ଶେଷ ହୁଏ ତା' ପରିଚୟର ପର୍ବ । କାହିଁକି ବା ନ ହେବ ? ଜଗତର ନାଥ ଜଗନ୍ନାଥ ତ ଆମ ପାଇଁ ଆମ ପ୍ରିୟ ଜଗା କାଳିଆ, ସେ ଆମ ପାଇଁ ଭାଇ, ବନ୍ଧୁ, କୁଟୁମ୍ବ, ସବୁ କିଛି । ସେଇ ଭାବନା ପାଇଁ ସେ ବି ବାନ୍ଧି ହୋଇଥାନ୍ତି ସାଧାରଣ ଭକ୍ତଟି ସହିତ ଆଉ କରି ବସନ୍ତି ଅନନ୍ୟ ମାନବୀୟ ଲୀଳା ସବୁ । କେତେବେଳେ କଳାଘୋଡ଼ା ଧଳାଘୋଡ଼ା ଚଢ଼ି ଏ ମାଟିର ସମ୍ମାନ ରକ୍ଷା ପାଇଁ ଯୁଦ୍ଧ ଭୂମିରେ ଠିଆ ହୁଅନ୍ତି ତ କେତେବେଳେ ବନ୍ଧୁ ମହାନ୍ତିର ବନ୍ଧୁ ବନି ଯାଆନ୍ତି । ପୁଣି କେତେବେଳେ ବାଲିଗାଁ ଦାସିଆ ଠାରୁ ହାତ ବଢ଼ାଇ ନଡ଼ିଆ ନେଇ ଯାଆନ୍ତି ଏମିତି ଅନେକ କିଛି । ଆଉ ସେହି ମାନବୀୟ ଲୀଳା ଆଧାରରେ ହିଁ ପାଳିତ ହୋଇଥାଏ ଶ୍ରୀଜଗନ୍ନାଥଙ୍କର ନିତ୍ୟ ନୈମିତ୍ତିକ ନୀତି କାନ୍ତି । ପରଂବ୍ରହ୍ମ ଜଗତର କର୍ତ୍ତା ନିର୍ଗୁଣ ନିରାକାରରୁ ସଗୁଣ ସାକାର ରୂପେ ପୁଣି ସାଧାରଣ ମଣିଷଟିଏ ପରି ସ୍ନାନ କରନ୍ତି । ଜ୍ୱରରେ ପଡ଼ନ୍ତି ଅସୁସ୍ଥ ହୁଅନ୍ତି । ଔଷଧ ସେବନ କରି ସୁସ୍ଥ ହୁଅନ୍ତି । ରଥରେ ବୁଲି ବାହାରନ୍ତି ପୁଣି ସାଙ୍ଗରେ ନ ନେଇ ଥିବାରୁ ରସଗୋଲା ଦେଇ ମା' ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରନ୍ତି । ଏମିତି ଅନେକ କିଛି । ସେଇ ଲୀଳା ମଧ୍ୟରୁ ସର୍ବଶ୍ରେଷ୍ଠ ଲୀଳା ରଥଯାତ୍ରା ।

ଏହି ଅନନ୍ୟ ଯାତ୍ରାଟିକୁ ଦେଖିବା ପାଇଁ ଖାଲି ଆମ ରାଜ୍ୟ ନା ଦେଶ ନୁହେଁ ବରଂ ସାରା ବିଶ୍ୱବାସୀ ଅପେକ୍ଷା କରିଥାନ୍ତି । ସାଧାରଣ ଜନତାର ସେହି ଆକୁଳତା, ବ୍ୟାକୁଳତା କାରଣରୁ ଶ୍ରୀମନ୍ଦିରର ରତ୍ନ ସିଂହାସନରୁ ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ ଆଉ ସତେ ଯେମିତି ଭକ୍ତ ତାଙ୍କୁ ନୁହେଁ ବରଂ ସେ ଭକ୍ତକୁ ଦେଖିବାକୁ ବ୍ୟାକୁଳ । ଅନେକ ବର୍ଷ ଧରି ଚାଲି ଆସୁଥିବା ଏ ଯାତ୍ରା କାଳକ୍ରମେ ପରମ୍ପରା ନୁହେଁ ବରଂ ବିଧି ରୂପେ ସ୍ୱୀକୃତ ।

ଏ ବର୍ଷ ମହାମାରୀ କରୋନାକୁ ନେଇ ବିଶ୍ୱ ବ୍ୟାପି ସୃଷ୍ଟି ହୋଇଥିବା ଅଭାବନୀୟ ପରିସ୍ଥିତି ଭିତରେ ଆମ ପବିତ୍ର ରଥଯାତ୍ରାକୁ ନେଇ ମଧ୍ୟ ସୃଷ୍ଟି ହୋଇଥିଲା ଏକ ବିଚିତ୍ର ପରିସ୍ଥିତି । 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା'ରେ ବିଶ୍ୱାସ ରଖୁଥିବା ହିନ୍ଦୁ ସମାଜ ଜନତାର ହିତ ଦୃଷ୍ଟିରୁ ବଡ଼ ସମାଗମ ହେଉଥିବା ଜଗନ୍ନାଥଙ୍କ ସ୍ନାନ ଯାତ୍ରାକୁ ଭକ୍ତଶୂନ୍ୟ କରି ବଡ଼ ଶୃଙ୍ଖଳିତ ଭାବେ ମନ୍ଦିର ପ୍ରଶାସନଦ୍ୱାରା ପାଳନ କରାଯାଇଥିଲା । ତେଣୁ କୋଟି କୋଟି ସାଧାରଣ ଜନତା ଆଶା ଓ ବିଶ୍ୱାସ କରିଥିଲେ ଯେ ରଥଯାତ୍ରା ମଧ୍ୟ ଏହିଭଳି ପାଳନ କରାଯିବ । ମାତ୍ର ପରିସ୍ଥିତିର ଫାଇଦା ନେଇ କିଛି ପରମ୍ପରା ବିରୋଧୀ ବ୍ୟକ୍ତି ବିନା କାରଣରେ ଏ ଘଟଣାକୁ ନେଇ ପ୍ରଥମେ ଉଚ୍ଚ ନ୍ୟାୟାଳୟ ଓ ପରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଯାଇଥିଲେ । ସେମାନଙ୍କ ଲକ୍ଷ୍ୟ ଥିଲା ଯେକୌଣସି ପ୍ରକାର ରଥଯାତ୍ରାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଉ । ସେମାନେ କେଉଁ କାରଣରୁ ଯୋଜନା କରୁଥିଲେ ଏବଂ କେଉଁମାନଙ୍କ ସାହସ ପାଇ ସେମାନେ ଲକ୍ଷ ଲକ୍ଷ ଓଡ଼ିଆ ତଥା ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ

ନାନା ଦେଶ ଯେବୁ ଫେରଇ ନାନା ନୀତି ଶିଖଇ ।

ନେଇ ଖେଳିବାକୁ ଦୁଃସାହସ କରିଥିଲେ ତାହା ତଦନ୍ତ ସାପେକ୍ଷ । ସେ ଯାହାହେଉ ସେହି ଅଳ୍ପ ସଂଖ୍ୟକ ଦୁର୍ବଳ ରାଜ୍ୟସରକାରଙ୍କ ନୀରବତାର ସୁଯୋଗ ନେଇ କିଛି ସମୟ ପାଇଁ ଓ କେତେକାଂଶରେ ସେମାନଙ୍କ ପ୍ରଚେଷ୍ଟାରେ ସଫଳ ମଧ୍ୟ ହୋଇଥିଲେ । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ସେମାନଙ୍କ ଯୁକ୍ତିକୁ ଗ୍ରହଣ କରି ରଥଯାତ୍ରା ଉପରେ ରୋକ ଲଗାଇଥିଲେ । ମାତ୍ର ତତ୍ ପରବର୍ତ୍ତୀ ପରିସ୍ଥିତି କିଛି ଭିନ୍ନ ଧରଣର ଥିଲା । ମାନ୍ୟବର ନ୍ୟାୟାଳୟଙ୍କ ଏହି ଆଦେଶକୁ ପୁନର୍ବିଚାର କରିବା ତଥା ହିନ୍ଦୁ ସମାଜକୁ ଉଚିତ ନ୍ୟାୟ ପ୍ରଦାନ ନୀତିରେ ଜନ ସମାଜର ଜାଗରଣ ସୃଷ୍ଟି ହେଲା । ଅନେକ ସାମାଜିକ କାର୍ଯ୍ୟକର୍ତ୍ତା, ସାଧୁ ସନ୍ନ୍ୟାସୀ, ବୁଦ୍ଧିଜୀବୀ, ନେତା, ସାମ୍ବାଦିକ, ଛାତ୍ର ଆଦି ସମାଜର ପ୍ରତ୍ୟେକ ସ୍ତରର ବ୍ୟକ୍ତି ସେମାନଙ୍କ ସ୍ତରରେ ତୁରନ୍ତ ପ୍ରଚେଷ୍ଟା ଆରମ୍ଭ କଲେ । ଜଗା କାଳିଆକୁ ଭଲ ପାଉଥିବା ବ୍ୟକ୍ତି, ଶ୍ରୀଜଗନ୍ନାଥଙ୍କୁ ଦେଖି ନ ଥିବା କୋଟି କୋଟି ଓଡ଼ିଆର ଆଖିର ଲୁହ, ହୃଦୟର କୋହ, ଅନ୍ତରର ଭକ୍ତି, ରତ୍ନ ସିଂହାସନ ଦୋହଲାଇ ଦେଲା, ଦୋହଲାଇ ଦେଲା ସର୍ବୋଚ୍ଚ ନ୍ୟାୟାଳୟର ବିଚାର ମଧ୍ୟ ବଦଳି ଗଲା । ଏଥିରେ ସାରା ସଜ୍ଜନ ସମାଜ ସ୍ତବ୍ଧ ହୋଇଗଲା । ଯାହାକି ପରିସ୍ଥିତିକୁ ବଦଳାଇ ଦେଇଥିଲା । ଏକ ସମୟରେ ରଥଯାତ୍ରା ସପକ୍ଷରେ ଅନେକ ଆବେଦନ ଉଚ୍ଚତମ ନ୍ୟାୟାଳୟରେ ପହଞ୍ଚିଲା । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ମଧ୍ୟ ହଠାତ୍ ସେମାନଙ୍କ ତରଫରୁ ରଥଯାତ୍ରା ସପକ୍ଷରେ ଯୁକ୍ତି ରଖିଲେ । ଯାହା ହେଉ ଶେଷ ମୁହୂର୍ତ୍ତରେ ମାନ୍ୟବର ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମତେ କରୋନାକୁ ଆଖି ଆଗରେ ରଖି ଭକ୍ତ ଶୂନ୍ୟ ରଥଯାତ୍ରା ପାଳନ କରାଗଲା । ଯାହା ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ପାଇଁ ଏକ ଖୁସି ଖବର ଥିଲା କି ଏ ଧର୍ମଯୁଦ୍ଧରେ ଆମ ଶିଶୁ ମନ୍ଦିର ଯୋଜନାର ଜଣେ ପୂର୍ବଛାତ୍ର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଇଟାମାଟି, ନୟାଗଡ଼ (ପ୍ରାରମ୍ଭରୁ ଦଶମ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା) ଭାଇ ଆଫତାଲ ହୁସେନ ମଧ୍ୟ ସାମିଲ ହୋଇ ମହାପ୍ରଭୁଙ୍କ ରଥଯାତ୍ରା ସପକ୍ଷରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରିଥିଲେ । ମହାପ୍ରଭୁଙ୍କ ନିର୍ଦ୍ଦେଶ, ଭକ୍ତର ବ୍ୟାକୁଳତା, ସମସ୍ତଙ୍କ ପ୍ରଚେଷ୍ଟା, ସାଧୁ ସନ୍ନ୍ୟାସୀଙ୍କ ଆଶୀର୍ବାଦ ଆଦି କାରଣରୁ ଏତେ ଘାତ ପ୍ରତିଘାତ ସତ୍ତ୍ୱେ ମଧ୍ୟ ମହାପ୍ରଭୁଙ୍କ ଦିବ୍ୟ ଲୀଳା ରଥଯାତ୍ରା ସୁରୁଖୁରୁରେ ଶେଷ ହୋଇଛି । କିନ୍ତୁ ଏବେ ସମୟ ଆସିଛି ଆମେ ସମ୍ପୂର୍ଣ୍ଣ ଘଟଣା କ୍ରମକୁ ଟିକେ ଠିକ୍ ଭବରେ ..... କରିବା । ଏଇଠି ମନରେ ପ୍ରଶ୍ନଉଠେ ସମାଜର ଅଳ୍ପ କିଛି ଦୁର୍ଜନ ଏହି ବିଧି ବ୍ୟବସ୍ଥାକୁ ବନ୍ଦ କରିବାକୁ ଚେଷ୍ଟା କରୁଥିଲେ ଯାହାପାଇଁ ଖାଲି କ'ଣ ସରକାର ଦାୟୀ ? ସେଥିପାଇଁ ସମାଜର ବହୁ ସଂଖ୍ୟକ ସଜ୍ଜନଙ୍କର ନୀରବତା ଦାୟୀ ନୁହେଁ କି ? କେତେ ଦିନ ବହୁ ସଂଖ୍ୟକ ସଜ୍ଜନଙ୍କ ମଧ୍ୟରେ ଏକତାର ଅଭାବ ଓ ନୀରବତାର ସୁଯୋଗ ନେଇ ଖୁବ୍ ଅଳ୍ପ ସଂଖ୍ୟକ ଦୁର୍ଜନ ଆମର ଭାଗ୍ୟ ନିର୍ଦ୍ଧାରଣ କରିବେ ? କେତେ ଦିନ ସେମାନେ ଶାବରୀମାଳା, ଜାଲିକାଟୁ ଓ ରଥଯାତ୍ରା ଭଳି ଆମ ପରମ୍ପରା ସଂସ୍କୃତି ଓ ବିଶ୍ୱାସକୁ ଆମ ଆଖି ଆଗରେ ଦଳି ଚକଟି ନଷ୍ଟ କରିବେ ? ଆମେ କ'ଣ ଏ ଦୁର୍ଜନ ଶକ୍ତିର ମୁକାବିଲା କରି ପାରିବା ନାହିଁ ? ଏହାର ବିନାଶ କ'ଣ ସମ୍ଭବ ନୁହେଁ ?

ଏ ସମ୍ପୂର୍ଣ୍ଣ ଘଟଣା ଆମକୁ ଏହା ହିଁ ସନ୍ଦେଶ ଦିଏ କି ସମାଜରେ ସଜ୍ଜନ ଶକ୍ତିର ଜାଗରଣ ଓ ଏକତ୍ରୀକରଣ ହିଁ ଦୁର୍ଜନ ଶକ୍ତିର ବିନାଶର ବୋଧ ହୁଏ ଏକମାତ୍ର ଉପାୟ । ଏହା ହିଁ ବର୍ତ୍ତମାନ ସମୟରେ ଆମ ସମସ୍ତଙ୍କ ଧ୍ୟେୟ ହେଉ -

ସଜ୍ଜନ ଶକ୍ତିର ଜାଗରଣେ ଘୋର
ଦୁର୍ଜନତା ଚିର ମୃତ୍ୟୁ ଲଭେ ।

*ପ୍ରକାଶନ ବିଭାଗ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

**ବିଜ୍ଞାନ ବିଭବ**

# କରୋନା ଭାଇରସ୍‌ର ଜନ୍ମ ରହସ୍ୟ

*✸ ଶ୍ରୀ ନିକୁଞ୍ଜ ବିହାରୀ ସାହୁ*

କରୋନା ଭାଇରସ୍ ଜନ୍ମକୁ ନେଇ ଅନେକ ରହସ୍ୟ ଘେରି ରହିଛି । ଏହି ସମ୍ପର୍କରେ ମୁଖ୍ୟତଃ ଦୁଇଟି ମତବାଦ ଉପସ୍ଥାପନା କରାଯାଇଥାଏ । ପ୍ରଥମ ମତବାଦ ଅନୁସାରେ, ଚାଇନା କୁଆଡ଼େ ବିଶ୍ୱ ଅର୍ଥନୀତିକୁ ଦୁର୍ବଳ କରିବା ପାଇଁ ଏହି ଭାଇରସ୍‌କୁ ଏକ ଜୈବିକ ଅସ୍ତ୍ର ରୂପେ ନିଜ ପ୍ରୟୋଗଶାଳାରେ ବିକଶିତ କରିଥିଲା । ଦ୍ୱିତୀୟ ମତବାଦ ଅନୁସାରେ, ଏହି ଭାଇରସ୍ ମନୁଷ୍ୟ ସୃଷ୍ଟ ନ ହୋଇ ଚାଇନାର କୌଣସି ଏକ ଗବେଷଣାଗାରରୁ ଆକସ୍ମିକ ରୂପେ ପଦାକୁ ନିଷ୍କ୍ରାନ୍ତ ହୋଇଥିଲା । ତେବେ ଆଗାମୀ ଦିନରେ ପରବର୍ତ୍ତୀ ଗବେଷଣା ଏ ସଂକ୍ରାନ୍ତରେ ଅଧିକ ଆଲୋକପାତ କରିବ ବୋଲି ବିଶ୍ୱାସ କରାଯାଏ ।

ଏବେ କିଛି ଗବେଷକ କରୋନା ଭାଇରସର ଜିନୋମ୍ ଅନୁକ୍ରମକୁ ଅନୁଧ୍ୟାନ କରି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ଏହି ଭାଇରସ ମନୁଷ୍ୟକୃତ ନ ହୋଇ ପ୍ରାକୃତିକ । ଏଥିପାଇଁ ମୁଖ୍ୟତଃ ଦୁଇଟି କାରଣକୁ ଉଲ୍ଲେଖ କରାଯାଉଛି । ପ୍ରଥମତଃ ଭାଇରସ ରିସେପ୍ଟର ବାଇଣ୍ଡିଙ୍ଗ ଡୋମେନ (Receptor Binding Domain - RBD, ଅର୍ଥାତ୍ ଭାଇରସ ଜୀବକୋଷର ଯେଉଁ ସ୍ଥାନ ଜରିଆରେ ଏହା ଗ୍ରାହକ କୋଷରେ ସଂଯୁକ୍ତ ହୋଇଥାଏ) ରୂପେ ଜଣାଥିବା ଏହାର ସ୍ପାଇକ୍ ପ୍ରୋଟିନ୍ (Spike Protein) ସମୟକ୍ରମେ ବିବର୍ତ୍ତିତ ହୋଇ ଏଭଳି ରୂପରେଖରେ ପହଞ୍ଚିଛି ଯେ ଏହା ମନୁଷ୍ୟ ଜୀବକୋଷର ବାହାର ପୃଷ୍ଠରେ ଥିବା ତଥା ଶରୀରର ରକ୍ତଚାପ ନିୟନ୍ତ୍ରଣରେ ସହାୟକ ହେଉଥିବା ACE 2 ନାମକ ଏକ ଏନଜାଇମ୍ ସହିତ ସଂଯୋଗ ହୋଇପାରେ । ଭାଇରସ୍‌ର ଏହି ସ୍ପାଇକ୍ ପ୍ରୋଟିନ୍ ଏତେ ସହଜରେ ମନୁଷ୍ୟ ଜୀବକୋଷ ସହିତ ସଂଯୋଗ ହୋଇପାରେ ଯେ ଏହା କେବଳ ପ୍ରାକୃତିକ ବିବର୍ତ୍ତନ ଦ୍ୱାରା ହିଁ ସମ୍ଭବପର । ଦ୍ୱିତୀୟତଃ ଏହି ଭାଇରସ୍‌ର ଆଣବିକ ଗଠନ ମନୁଷ୍ୟ ଶରୀରରେ ରୋଗ ସୃଷ୍ଟିକାରୀ ଅନ୍ୟ ଭାଇରସର ଗଠନ ସହିତ ମେଳ ନ ଖାଇ ବରଂ ଏହାର ବାଦୁଡ଼ି ଓ ପାଂଗୋଲିନ୍ ଠାରେ ମିଳୁଥିବା ଭାଇରସର ଗଠନ ସହିତ ଘନିଷ୍ଠ ସାମଞ୍ଜସ୍ୟତା ରହି ଥିବାର ଲକ୍ଷ୍ୟ କରାଯାଏ । ଯଦି ଏହା ପ୍ରକୃତିସୃଷ୍ଟ ତେବେ ଏହା ସମ୍ଭବତଃ ବାଦୁଡ଼ି କିମ୍ବା ପାଂଗୋଲିନ୍ ଭଳି ଏକ ଜୀବନ ଉତ୍ସରୁ ଆସିଛି ବୋଲି ବିଶ୍ୱାସ କରାଯାଏ ।

ଦ୍ୱିତୀୟ ମତବାଦ ଅନୁସାରେ, ଏହି ଭାଇରସ୍ କୁଆଡ଼େ ଚାଇନାର ୟୁହାନ୍ ସହର ସ୍ଥିତ କୌଣସି ଜୈବିକ ପ୍ରୟୋଗଶାଳାରୁ ଦୁର୍ଘଟଣାବଶତଃ ପଦାକୁ ନିଷ୍କ୍ରାନ୍ତ ହୋଇଛି । ଏହାକୁ ଯୁକ୍ତରାଷ୍ଟ୍ର ଆମେରିକା ଦୃଢ଼ ଭାବେ ସମର୍ଥନ କରିଥାଏ । ୟୁହାନ୍ ସହରରେ ମୁଖ୍ୟତଃ ଦୁଇଟି ଜୈବିକ ପ୍ରୟୋଗଶାଳା କାର୍ଯ୍ୟକାରୀ ରହିଛି । ସେଥିରୁ ଗୋଟିଏ ହେଲା ୟୁହାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି (Wuhan Institute of Virology - WIV) ଯାହା ବିଗତ ୨୦୦୨ ମସିହାରେ ଫ୍ରାନ୍ସ ସହାୟତାରେ ପ୍ରତିଷ୍ଠିତ ହୋଇଥିଲା । ଏହା ଦେଶରେ ସମୁଦାୟ ୨୦ଟି ଜୈବିକ ପ୍ରୟୋଗଶାଳା ମଧ୍ୟରୁ ଭାଇରସ୍ ବିଜ୍ଞାନ ଅଧ୍ୟୟନ କ୍ଷେତ୍ରରେ ପ୍ରତିଷ୍ଠିତ ଏକମାତ୍ର ଅନୁଷ୍ଠାନ । ଏହି ଅନୁଷ୍ଠାନରେ ମନୁଷ୍ୟ ଶରୀରରେ ରୋଗ ସୃଷ୍ଟି କରୁଥିବା ଅନେକ ଭାଇରସର ନମୁନା ମୁଖ୍ୟତଃ ଗବେଷଣା ପାଇଁ ସଂଗୃହୀତ କରି ରଖାଯାଇଛି । ସେହିପରି ସେହି ୟୁହାନ ସହରରେ ଜୈବିକ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ଦ୍ୱିତୀୟ ପ୍ରତିଷ୍ଠାନ ଯଥା ୟୁହାନ ବିଧି ନିୟନ୍ତ୍ରଣ କେନ୍ଦ୍ର (Wuhan Centre for Disease Control WCDC) ଅବସ୍ଥିତ ଯାହା ଚାଇନା ସ୍ୱୀକାର କରୁଥିବା କରୋନା ପ୍ରଥମେ ବ୍ୟାପି ଥିବା ମାଂସ ବଜାର ଠାରୁ ମାତ୍ର ତିନି କି.ମି. ଦୂରରେ ଅବସ୍ଥିତ । ଏହି ଅନୁଷ୍ଠାନ ମଧ୍ୟ ବାଦୁଡ଼ିମାନଙ୍କ ଉପରେ କରୋନା ଭାଇରସ୍‌ର ସଂକ୍ରମଣ ଉପରେ ଗବେଷଣା କରି ଆସୁଥିବା ସନ୍ଦେହ କରାଯାଏ । ବିଗତ ୨୦୧୮ ମସିହାଠାରୁ ଯୁକ୍ତରାଷ୍ଟ୍ର ଆମେରିକା ଏହି ଦୁଇ ଅନୁଷ୍ଠାନରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଉପଲବ୍ଧ ନ ଥିବା ନେଇ ଘୋର ଅଭିଯୋଗ କରିଆସୁଛି । ଆମେରିକା ମତରେ ସୁରକ୍ଷାର ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ଏହି ଦୁଇ ଅନୁଷ୍ଠାନରେ ମାରାତ୍ମକ ଭାଇରସମାନଙ୍କୁ ବିନା ନିର୍ଦ୍ଧାରିତ ଜୈବିକ ସୁରକ୍ଷା ସ୍ତର (Bio Safety Level - BSL) - 4 ପରିବର୍ତ୍ତେ ଜୈବିକ ସୁରକ୍ଷା ସ୍ତର - ୨ ଅନୁସାରେ ଅଧ୍ୟୟନ କରାଯାଉଥିଲା । କରୋନା ସଂକ୍ରମଣର ଶିକାର ହୋଇଥିବା ପ୍ରଥମ ରୋଗୀ ସମ୍ଭବତଃ ଏହି

**ସବୁ ଦେଶ ଯଦି ସମାନ ଚିତ୍ରପଟେ ଥାଆନ୍ତା ।**

ଦୁଇଟି ପ୍ରୟୋଗଶାଳା ମଧ୍ୟରୁ ଗୋଟିକର ଜଣେ କର୍ମଚାରୀ ଥିଲେ । ସେ ସମ୍ଭବତଃ କାର୍ଯ୍ୟ ସମୟରେ ଦୁର୍ଘଟଣାବଶତଃ ଉପର୍ଯ୍ୟୁକ୍ତ ଅନୁଷ୍ଠାନରେ ସଂରକ୍ଷିତ ଥିବା ଭାଇରସର କୌଣସି ନମୁନା ସଂସ୍ପର୍ଶରେ ଆସି ପରବର୍ତ୍ତୀ ସମୟରେ ନିକଟସ୍ଥ ମାଂସ ବଜାରକୁ ଯାଇଥିବା ସମୟରେ ଦୁନିଆରେ ଏହି ଭାଇରସ୍‌ର ସଂକ୍ରମଣକୁ ବ୍ୟାପକ କରିଥିଲେ ।

କରୋନା ଭାଇରସ୍‌ର ସଫଳ ମୁକାବିଲା କରିବା ନିମନ୍ତେ ପ୍ରତିଷେଧକ ଟୀକା ହିଁ ଏକମାତ୍ର ଫଳପ୍ରଦ ବ୍ୟବସ୍ଥା । ଏହି ଭାଇରସ ଆବିର୍ଭାବର ମାତ୍ର କେଇ ମାସ ବିତି ଯାଇଥିଲେ ସୁଦ୍ଧା ବିଭିନ୍ନ ଦେଶର ବୈଜ୍ଞାନିକମାନେ ପ୍ରତିଷେଧକ ଟୀକା ବିକାଶ କରିବା ନିମନ୍ତେ ଅପ୍ରାଣ ଉଦ୍ୟମ ଚଳେଇ ଆସିଛନ୍ତି । ମାତ୍ର ପ୍ରତିଷେଧକ ଟୀକାର ବିକାଶ ଏକ ସମୟ ସାପେକ୍ଷ ପ୍ରକ୍ରିୟା ହୋଇଥିବାରୁ ଏଥିପାଇଁ ହୁଏତ ଆମକୁ ଆଉ କିଛିଦିନ ଅପେକ୍ଷା କରିବାକୁ ପଡ଼ିବ ।

*ଏଜୁକେଶନ ଅଫିସର*
*ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ*

# ମାଧ୍ୟାକର୍ଷଣ ଶକ୍ତିର ଜ୍ଞାନ ଆସିଛି ଭାରତରୁ

*ଶ୍ରୀ ଦେବାଶିଷ ବିଷୋୟୀ*

ପୃଥିବୀର ମହାନତମ ଆବିଷ୍କାର ହେଉଛି ମାଧ୍ୟାକର୍ଷଣ ଶକ୍ତି । ଏହି ଆବିଷ୍କାର ହିଁ ଭୂଗୋଳ, ଖଗୋଳ ତଥା ଭୌତିକ ବିଜ୍ଞାନର ଅନେକ ପରବର୍ତ୍ତୀ ଗବେଷଣା ନିମନ୍ତେ ବାଟ ଫିଟେଇଲା । ଆମ ମାନଙ୍କ ଜ୍ଞାତ ଅନୁସାରେ ଏହି ଆବିଷ୍କାରକୁ ସାର ଆଇଜାକ ନିଉଟନ୍ ଆବିଷ୍କାର କରିଥିଲେ କିନ୍ତୁ ଏହି ବୈଜ୍ଞାନିକ ଅନୁସିଦ୍ଧାନ୍ତ ପଛରେ ହୋଇଛି ଏକ ବିଭ୍ରାନ୍ତି । ପଦାରେ ପଡ଼ିଯାଇଛି ପାଶ୍ଚାତ୍ୟର ପ୍ରତାରଣା । ଏହି ମାଧ୍ୟାକର୍ଷଣ ଶକ୍ତିକୁ ନେଇ ହୋଇଛି ମସ୍ତବଡ଼ ଭୁଲ ।

ଇଂଲଣ୍ଡର ପ୍ରସିଦ୍ଧ ମଞ୍ଚେଷ୍ଟର ବିଶ୍ୱ ବିଦ୍ୟାଳୟର ପ୍ରଫେସର ଜର୍ଜ୍ ଘେଁଭେର୍ଘେସର ଜୋସେଫ (George Ghevergheser Joseph) ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରିଛନ୍ତି । ତାଙ୍କ ଲିଖିତ “The Crest of the Peacok : Non-European Roots of Mathematics” ରେ ସେ ପାଶ୍ଚାତ୍ୟ ଅନୁସନ୍ଧାନର ଅନେକ ଭିତିରି କଥା ଲେଖିଛନ୍ତି । ଏ ପୁସ୍ତକର ଦ୍ୱିତୀୟ ଭାଗ ପ୍ରିନଷ୍ଟନ ୟୁନିଭର୍ସିଟି ପ୍ରେସ୍ ଦ୍ୱାରା ପ୍ରକାଶ ପାଇଛି । ଜୋସେଫ କହିଛନ୍ତି ଯେଉଁ ଆଧାରରେ ନିଉଟନ୍ ମାଧ୍ୟାକର୍ଷଣ ଶକ୍ତି ଗଣନା କରିଛନ୍ତି ତାହା ଆସିଛି ଭାରତରୁ । ତାଙ୍କ କହିବା କଥା ଆଜି ପର୍ଯ୍ୟନ୍ତ ବଶ୍ୱ ଜାଣିଛି ଆଧୁନିକ ଗଣିତ ଇଉରୋପରେ ହିଁ ଆବିଷ୍କୃତ ହୋଇଛି କିନ୍ତୁ ଏ ଦିଗରେ ଭାରତୀୟମାନେ ଅନେକ ଆଗରୁ ଦକ୍ଷତା ହାସଲ କରି ସାରିଛନ୍ତି । ଜାଣିଶୁଣି ଭାରତୀୟମାନଙ୍କ ଅବଦାନକୁ ଉପେକ୍ଷା କରାଯାଉଛି । ନିଉଟନଙ୍କ ମାଧ୍ୟାକର୍ଷଣ ଶକ୍ତି ଗଣନା ବା F = ma ପଛରେ ରହିଛି ଭାରତୀୟ ଗାଣିତିକ ସୂତ୍ର । ସପ୍ତଦଶ ଶତାବ୍ଦୀରେ ଏହି ଅବଗଣନା କରିଥିଲେ ନିଉଟନ୍ । କିନ୍ତୁ ତାହାର ଶହ ଶହ ବର୍ଷ ପୂର୍ବରୁ ଅନ୍ତତଃ ୧୩୫୦ ମସିହାରେ ଭାରତୀୟମାନେ ଏ ସମ୍ପର୍କିତ ସୂତ୍ର ଜାଣିଥିଲେ । କେରଳର ଏକ ଗୁରୁକୁଳରେ ବ୍ୟବହାର ହେଉଥିବା Infinite Seriesବା ଅନିର୍ଦ୍ଦିଷ୍ଟ ଅବଗଣନା ସୂତ୍ର । ଏ ସୂତ୍ରକୁ ଭାରତୀୟମାନଙ୍କ ଠାରୁ ଇଉରୋପୀୟ ଖ୍ରୀଷ୍ଟିଆନମାନେ ନେଇ ଯାଇଥିଲେ । ସେମାନେ ହିଁ ଏହାକୁ ନିଉଟନଙ୍କୁ ଦେଇଥାଇ ପାରନ୍ତି । ଜୋସେଫ କହିଛନ୍ତି ଯେ ଉପନିବେଶବାଦ ମନୋଭାବ ଯୋଗୁଁ ଇଉରୋପୀୟମାନେ ଏହାକୁ ସ୍ୱୀକାର କରୁ ନାହାନ୍ତି । ତା’ ଛଡ଼ା ଭାରତୀୟ ଗବେଷଣା ଲବ୍ଧ ଜ୍ଞାନ ସବୁ ସ୍ଥାନୀୟ ଭାଷାରେ ଲିପିବଦ୍ଧ ହେଉଥିବାରୁ ଏହାକୁ କୌଶଳପୂର୍ବକ ଏଡ଼ାଇ ଦେବା ସହଜ ଥିଲା । ଯେପରିକି ଅନେକ ଗାଣିତିକ ସୂତ୍ରର ଉତ୍ସ କେରଳର ଯୁକ୍ତି ଭାଷା ମାଲାୟାଲମରେ ଲିଖିତ । ପାଞ୍ଚଶହ ବର୍ଷ ପୂର୍ବରୁ ଭାରତରୁ ପାଶ୍ଚାତ୍ୟ ଜଗତକୁ ଜ୍ଞାନ ପ୍ରବାହ ଜାରି ରହିଥିଲା । ଉପନିବେଶବାଦର ଆରମ୍ଭ ହେବା ପରେ ଏହାକୁ ଜାଣିଶୁଣି ଖଣ୍ଡନ କରାଯାଇଛି ।

ଜୋସେଫଙ୍କ କହିବା କଥା ନିଉଟନଙ୍କ ଦ୍ୱାରା ଆବିଷ୍କୃତ ଗଣନା ପଦ୍ଧତିରେ ତାଙ୍କ ଅବଦାନ ତ ନିଶ୍ଚୟ ରହିଛି କିନ୍ତୁ ଏହି ଅବଗଣନାର ପ୍ରକୃତ ଆବିଷ୍କାରକ ମାଧବ ଏବଂ ନୀଳକଣ୍ଠଙ୍କୁ ମଧ୍ୟ ସମାନ ଶ୍ରେୟ ଏବଂ ସମ୍ମାନ ମିଳିବା ଆବଶ୍ୟକ ।

*ପୂର୍ବଛାତ୍ର*
*ସ.ଶି.ବି.ମ., ନବରଙ୍ଗପୁର*

ଗଣିତ ବିଭବ

# ବର୍ଗ

*ଶ୍ରୀ ପ୍ରସନ୍ନ କୁମାର ସାହୁ*

ସୂତ୍ର - ଯାବଦୂନଂ ତାବଦୂନୀକୃତ୍ୟ ବର୍ଗଂ ଚ ଯୋଜୟେତ୍ - ଏହାର ଅର୍ଥ ଦତ୍ତ ସଂଖ୍ୟାଟି ଆଧାର ଠାରୁ ଯେତିକି କମ୍ ସେତିକି ବିୟୋଗ କରିଲେ ବାମ ପାର୍ଶ୍ୱ ଉତ୍ତର ପ୍ରାପ୍ତ ହେବ । ଯେତିକି ବିୟୋଗ କରିଥିଲେ ସେହି ସଂଖ୍ୟାର ବର୍ଗ ସଂଖ୍ୟାଟି ଡାହାଣ ପାର୍ଶ୍ୱ ଉତ୍ତର ହେବ ।

**ଉଦାହରଣ - ୦୧ -** ୮ର ବର୍ଗ ନିର୍ଣ୍ଣୟ କର ।

**ସମାଧାନ -** ୮ର ନିକଟତମ ଆଧାର ସଂଖ୍ୟା ୧୦ ଅଟେ ।

୮, ୧୦ ଠାରୁ ୨ କମ୍ ଅଟେ ।

ତେଣୁ ୮ - ୨ = ୬ (ବାମ ପାର୍ଶ୍ୱ)

୨ ର ବର୍ଗ = $(୨)^{୨}$ = ୪ (ଡାହାଣ ପାର୍ଶ୍ୱ)

ଅତଏବ ୮ର ବର୍ଗ = ୬/୪ = ୬୪ (ଉତ୍ତର) ହେବ ।

**ଉଦାହରଣ - ୦୨ -** ୭ର ବର୍ଗ ନିର୍ଣ୍ଣୟ କର ।

**ସମାଧାନ -** ୭ର ନିକଟତମ ଆଧାର ସଂଖ୍ୟା ୧୦ ଅଟେ ।

୭, ୧୦ ଠାରୁ ୩ କମ୍ ଅଟେ ।

ଅର୍ଥାତ୍ ୭ - ୩ = ୪ (ବାମ ପାର୍ଶ୍ୱ)

୩ର ବର୍ଗ = $(୩)^{୨}$ = ୯ (ଡାହାଣ ପାର୍ଶ୍ୱ)

ଅତଏବ ୭ର ବର୍ଗ = $(୭)^{୨}$ = ୪ / ୯ = ୪୯ (ଉତ୍ତର)

**ଉଦାହରଣ - ୦୩ -** ୯ର ବର୍ଗ ନିର୍ଣ୍ଣୟ କର ।

**ସମାଧାନ -** ୯ର ନିକଟତମ ଆଧାର ସଂଖ୍ୟା ୧୦ ଅଟେ ।

୯, ୧୦ ଠାରୁ ୧ କମ୍ ଅଧିକ ଅଟେ ।

ତେଣୁ ୯ - ୧ = ୮ (ବାମ ପାର୍ଶ୍ୱ)

୧ କମ୍‌ର ବର୍ଗ = $(୧)^{୨}$ = ୧ (ଡାହାଣ ପାର୍ଶ୍ୱ)

ଅତଏବ ୯ର ବର୍ଗ = $(୯)^{୨}$ = ୮/୧ = ୮୧ (ଉତ୍ତର)

**ଉଦାହରଣ ୦୪ -** ୯୬ର ବର୍ଗ ନିର୍ଣ୍ଣୟ କର ।

**ସମାଧାନ -** ୯୬ର ନିକଟତମ ଆଧାର ସଂଖ୍ୟା ୧୦୦ ଅଟେ ।

୯୬, ୧୦୦ ଠାରୁ ୪ କମ୍ ଅଟେ ।

ଅର୍ଥାତ୍ ୯୬ - ୪ = ୯୨ (ବାମ ପାର୍ଶ୍ୱ)

୦୪ର ବର୍ଗ = $(୦୪)^{୨}$ = ୧୬ (ଡାହାଣ ପାର୍ଶ୍ୱ)

ଅତଏବ ୯୬ର ବର୍ଗ =$(୯୬)^{୨}$=୯୨/୧୬ = ୯୨୧୬ (ଉତ୍ତର)

**ଉଦାହରଣ ୦୫ -** ୯୨ର ବର୍ଗ ନିର୍ଣ୍ଣୟ କର ।

**ସମାଧାନ -** ୯୨ର ନିକଟତମ ଆଧାର ସଂଖ୍ୟା ୧୦୦ ଅଟେ ।

୯୨, ୧୦୦ ଠାରୁ ୮ କମ୍ ଅଟେ ।

ଅର୍ଥାତ୍ ୯୨ - ୮ = ୮୪ (ବାମ ପାର୍ଶ୍ୱ)

୮ର ବର୍ଗ = $(୮)^{୨}$ = ୬୪ (ଡାହାଣ ପାର୍ଶ୍ୱ)

ଅତଏବ୍ ୯୨ର ବର୍ଗ = $(୯୨)^{୨}$=୮୪/୬୪=୮୪୬୪ (ଉତ୍ତର)

***ଆସ ଆମେ ଅଭ୍ୟାସ କରିବା :-***

୬, ୯୮, ୯୧, ୮୮, ୭, ୯୭

ଆଧାର ୧୦୦୦ ୧୦୦୦୦ରୁ ଅଧିକ ସଂଖ୍ୟାର ଉଦାହରଣ ନିଆଯାଉ ।

**ଉଦାହରଣ ୦୧ -** ୯୯୧ର ବର୍ଗ ନିର୍ଣ୍ଣୟ କର ।

**ସମାଧାନ -** ୯୯୧ର ନିକଟତମ ଆଧାର ସଂଖ୍ୟା ୧୦୦୦ ଅଟେ ।

୯୯୧, ୧୦୦୦ ଠାରୁ ୦୦୯ କମ୍ ଅଟେ ।

ଅର୍ଥାତ୍ ୯୯୧ - ୦୦୯ = ୯୮୨ (ବାମ ପାର୍ଶ୍ୱ)

୦୦୯ର ବର୍ଗ = $(୦୦୯)^{୨}$ = ୦୮୧ (ଡାହାଣ ପାର୍ଶ୍ୱ)

**ସବୁ ନଦୀ ଯେବେ ସମାନ ଭାବେ ଗତି କରନ୍ତେ ।**

ଅତଏବ୍ ୯୯୧ର ବର୍ଗ = ୯୮୨/୦୮୧ = ୯୮୨୦୮୧ (ଉତ୍ତର)

**ଉଦାହରଣ ୦୨ -** ୯୭୯ର ବର୍ଗ ନିର୍ଣ୍ଣୟ କର ।

ସମାଧାନ - ୯୭୯ର ନିକଟତମ ଆଧାର ସଂଖ୍ୟା ୧୦୦୦ ଅଟେ ।

ଅର୍ଥାତ୍ ୯୭୯, ୧୦୦୦ଠାରୁ ୦୨୧ କମ୍ ତେଣୁ

୯୭୯ - ୦୨୧ = ୯୫୮ (ବାମ ପାର୍ଶ୍ୱ)

୦୨୧ର ବର୍ଗ = $(୦୨୧)^2$ = ୪୪୧ (ଡାହାଣ ପାର୍ଶ୍ୱ)

ଅତଏବ୍ ୯୭୯ର ବର୍ଗ = $(୯୭୯)^2$ = ୯୫୮/୪୪୧ = ୯୫୮୪୪୧ (ଉତ୍ତର) ହେବ ।

**ଉଦାହରଣ - ୦୩ -** ୯୮୮୯ର ବର୍ଗ ନିର୍ଣ୍ଣୟ କର ।

ସମାଧାନ - ୯୮୮୯ର ନିକଟତମ ଆଧାର ସଂଖ୍ୟା ୧୦୦୦୦ ଅଟେ ।

ତେଣୁ ୯୮୮୯, ୧୦୦୦୦ ଠାରୁ ୦୧୧୧ କମ୍

ତେଣୁ ୯୮୮୯ - ୦୧୧୧ = ୯୭୭୮ (ବାମ ପାର୍ଶ୍ୱ)

୦୧୧୧ର ବର୍ଗ = $(୦୧୧୧)^2$ = ୧୨୩୨୧ (ଡାହାଣ ପାର୍ଶ୍ୱ)

ଏଠାରେ ଦକ୍ଷିଣ ପାର୍ଶ୍ୱ ସଂଖ୍ୟା ତିନିଅଙ୍କ ହୋଇଥିବରୁ ଏହା ୨୩୨୧ ଦକ୍ଷିଣ ପାର୍ଶ୍ୱରେ ରହିବ, ୧ କୁ ୯୭୭୮ ପାର୍ଶ୍ୱରେ ଯୋଗ କରାଯିବ ।

ଅତଏବ୍ ୯୮୮୯ର ବର୍ଗ = $୯୭୭୮_୧$/୧୨୩୨୧ = ୯୭୭୯୨୩୨୧ (ଉତ୍ତର) ହେବ ।

**ଉଦାହରଣ ୦୪ -** ୯୯୭୯୯ର ବର୍ଗ ନିର୍ଣ୍ଣୟ କର ।

ସମାଧାନ - ୯୯୭୯୯ର ନିକଟତମ ଆଧାର ସଂଖ୍ୟା ୧୦୦,୦୦୦ ଅଟେ ।

୯୯୭୯୯, ୧୦୦,୦୦୦ ଠାରୁ ୦୦୨୦୧ କମ୍ ।

ଅର୍ଥାତ୍ ୯୯୭୯୯ - ୦୦୨୦୧ = ୯୯୫୯୮ (ବାମ ପାର୍ଶ୍ୱ)

୦୦୨୦୧ର ବର୍ଗ = $(୦୦୨୦୧)^2$ = ୪୦୪୦୧ (ଡାହାଣ ପାର୍ଶ୍ୱ)

ଅତଏବ୍ ୯୯୭୯୯ର ବର୍ଗ = ୯୯୫୯୮/୪୦୪୦୧ = ୯୯୫୯୮୪୦୪୦୧ (ଉତ୍ତର) ହେବ ।

**ଉଦାହରଣ ୫ -** ୯୯୯୮୭୫ର ବର୍ଗ ନିର୍ଣ୍ଣୟ କର ।

ସମାଧାନ - ୯୯୯୮୭୫ର ନିକଟତମ ଆଧାର ସଂଖ୍ୟା ୧୦,୦୦,୦୦୦ ଅଟେ ।

୯୯୯୮୭୫, ୧୦,୦୦,୦୦୦ ଠାରୁ ୦୦୦୧୨୫ କମ୍ ।

ଅର୍ଥାତ୍ ୯୯୯୮୭୫ - ୦୦୦୧୨୫ = ୯୯୯୭୫୦ (ବାମ ପାର୍ଶ୍ୱ)

୦୦୦୧୨୫ର ବର୍ଗ = $(୦୦୦୧୨୫)^2$ = ୦୧୫୬୨୫ (ଡାହାଣ ପାର୍ଶ୍ୱ)

ଅତଏବ୍ ୯୯୯୮୭୫ର ବର୍ଗ = ୯୯୯୭୫୦/୦୧୫୬୨୫ = ୯୯୯୭୫୦୦୧୫୬୨୫ (ଉତ୍ତର) ହେବ ।

**ଆସ ଆମେ ଅଭ୍ୟାସ କରିବା :-**

**ନିମ୍ନ ସଂଖ୍ୟାର ବର୍ଗ ନିର୍ଣ୍ଣୟ କର ।**

୧) ୯୮୮
୨) ୯୯୮୯
୩) ୯୯୮
୪) ୯୯୯୨
୫) ୯୮୮୯
୬) ୯୮୮୮୮୯
୭) ୯୯୯୯୮୮୯
୮) ୯୯୯୯୮୮୮୮
୯) ୯୯୮୮୯
୧୦) ୭୭୭୯

*ଅଖିଳ ଭାରତୀୟ ସହ ଗଣିତ ପ୍ରମୁଖ*
*ବିଦ୍ୟା ଭାରତୀ*

ଭିନ୍ନ ଭିନ୍ନ ନାମ କେବେହେଁ କାଳେ ସେ ନ ବହନ୍ତେ ॥

**ଆମ ସ୍ୱାସ୍ଥ୍ୟ**

# ଶ୍ୱାସ ରୋଗ

*ଡାକ୍ତର ପୁଷ୍ପଲତା ମହାନ୍ତ*

ଶ୍ୱାସ ଶବ୍ଦର ଶାବ୍ଦିକ ଅର୍ଥ ଜୀବନ ବ୍ୟାପାର । ଯେଉଁ ରୋଗରେ ଜୀବନବ୍ୟାପୀ କଷ୍ଟ ହୋଇଥାଏ ତାହାକୁ ଶ୍ୱାସ ରୋଗ କୁହାଯାଏ । ଶ୍ୱାସ ରୋଗ ମୁଖ୍ୟତଃ ପ୍ରାଣବାହୀ ସ୍ରୋତ / ନଳୀ ବ୍ୟାଧି କିନ୍ତୁ ଏଥିରେ ଅନ୍ନବାହୀ ସ୍ରୋତ / ନଳୀ ଏବଂ ଉଦକବାହୀ ନଳୀ ମଧ୍ୟ ଦୃଷ୍ଟିଗୋଚର ହୋଇଥାଏ । ଶ୍ୱାସ ରୋଗ ବାତ କଫ ଦୋଷଯୁକ୍ତ ତଥା ପିତ୍ତ ସ୍ଥାନରୁ ଉତ୍ପନ୍ନ ବ୍ୟାଧି ଅଟେ ।

'କଫ ବାତତ୍ମକୌବେତେ ପିତ୍ତ ସ୍ଥାନ ସମୁଦ୍ଭବଃ' ।

ଶ୍ୱାସ ରୋଗର ଗମ୍ଭୀରତାକୁ ଦର୍ଶାଇ ଚରକ କହିଛନ୍ତି ଯେ ଅନେକ ରୋଗ ପ୍ରାଣ ହାରକା/ନାଶକ ଅଟେ କିନ୍ତୁ ସେତିକି ତୀବ୍ରତାରେ ପ୍ରାଣ ନାଶକ ହୋଇ ନ ଥାଏ ଯେତିକି ଶ୍ୱାସ ଏବଂ ହିକ୍କାରେ ହୋଇଥାଏ । ପ୍ରାଣବାୟୁର କାର୍ଯ୍ୟ ଶ୍ୱାସକ୍ରିୟାକୁ ସଂଚାଳିତ କରିବା । ଯେତେବେଳେ ପ୍ରାଣବାୟୁର ଗତି ଅବରୋଧ ହୋଇଥାଏ, ସେତେବେଳେ ଶ୍ୱାସ ରୋଗ ମଧ୍ୟ ବାତ, କଫ, କନ୍ୟ ଓ ପିତ୍ତ ସ୍ଥାନରୁ ଉତ୍ପନ୍ନ ବ୍ୟାଧି ଅଟେ । ଏହାର ତାତ୍ପର୍ଯ୍ୟ ଶ୍ୱାସ ରୋଗୀ ଅଧିକ ପରିମାଣରେ ଶୀତ ଋତୁରେ ହିଁ ମିଳିଥାନ୍ତି ଏବଂ କଷ୍ଟ ପାଇଥାନ୍ତି । ଶ୍ୱାସ ରୋଗରେ ମୁଖ୍ୟ ରୂପରେ ତମକ ଶ୍ୱାସ ଯାହା ସାଧାରଣତଃ ହିନ୍ଦୀରେ ଦମା ନାମରେ ପରିଚିତ । ଆୟୁର୍ବେଦରେ ତମକ ଶ୍ୱାସ ଯାପ୍ୟ ବ୍ୟାଧି କୁହାଯାଇଛି କିନ୍ତୁ ପ୍ରାରମ୍ଭିକ ଅବସ୍ଥାରେ ଉପଚାର କରିବା ତଥା ପଞ୍ଚକର୍ମ ଚିକିତ୍ସା ମାଧ୍ୟମରେ ପୂର୍ଣ୍ଣ ରୂପରେ ମଧ୍ୟ ଉପଶମ ହେବା ଦେଖାଯାଇଛି ।

କାରଣ ବା ନିଦାନ :-

୧) ଧୂଳି ବା ଧୂଆଁଯୁକ୍ତ ବାତାବରଣରେ ରହିବା ।
୨) ଅତ୍ୟଧିକ ବ୍ୟାୟାମ ବା ମୈଥୁନ ।
୩) ଶୀତଳ ଜଳର ଅତ୍ୟଧିକ ସେବନ ।
୪) ରୁକ୍ଷ ଅନ୍ନ ଅନିୟମିତ ସମୟରେ ଭୋଜନ କରିବା ।
୫) ଆମଦୋଷ ବୃଦ୍ଧି ହେବା ଦ୍ୱାରା ।
୬) ବମନ ଓ ବିରେଚନର ଅତିଯୋଗ ଦ୍ୱାରା ।
୭) ଶୀତ, ଉଷ୍ମ ଏକତ୍ର ଶରୀରରେ ଲାଗିବା ଦ୍ୱାରା ।
୮) ପ୍ରତିଶ୍ୟାୟ, ଉରଃକ୍ଷତ, ଅତିସାର, ଜ୍ୱର, ଧାତୁ କ୍ଷୟ, ପାଣ୍ଡୁ ରୋଗ ବ୍ୟତୀତ ଉପଦ୍ରବ ସ୍ୱରୂପ ଶ୍ୱାସରୋଗ ହୋଇଥାଏ ।

ଅପଥ୍ୟ -

ସ୍ନିଗ୍ଧ, ରାଶି ତେଲର ଅତ୍ୟଧିକ ସେବନ, ଚାଉଳର ଅଟା, ଦହି, କଞ୍ଚା କ୍ଷୀର, କାକୁଡ଼ି, ଥଣ୍ଡା ପାନୀୟ, ଖଟା, ବାସି ପଖାଳ ଇତ୍ୟାଦି । ରକ୍ତ ମୋକ୍ଷଣ, ପୂର୍ବ ଦିଗରୁ ହେଉଥିବା ପବନ ଏବଂ ତା ମଧ୍ୟରେ ବସି ଭୋଜନ କରିବା । ମେଣ୍ଢା କ୍ଷୀର, ଘିଅ, ମାଛ, ସୋରିଷ, ରୁକ୍ଷ ଅନ୍ନ, ଗରୁ ପଦାର୍ଥ ସେବ ନିଷେଧ ।

ଶ୍ୱାସ ରୋଗର ଉତ୍ପତ୍ତି ଓ ଲକ୍ଷଣ :-

ଅପଥ୍ୟ ଆହାର ସେବନ ଦ୍ୱାରା ବାୟୁ ବୃଦ୍ଧି ହୋଇ ପ୍ରାଣବାହୀ ସ୍ରୋତରେ ପ୍ରବେଶ କରି ଦୂଷିତ ହୋଇଥାଏ । ଦୂଷିତ ବାୟୁ ବକ୍ଷ ପ୍ରଦେଶରେ ଥିବା କଫକୁ ବାହାର କରି ପ୍ରାଣବାୟୁକୁ ଅବରୋଧ କରି ଶ୍ୱାସରୋଗ ଉତ୍ପନ୍ନ କରିଥାଏ । ଶ୍ୱାସ ରୋଗ ଉତ୍ପନ୍ନ ହେବା ପୂର୍ବରୁ କିଛି ଲକ୍ଷଣ ଦେଖା ଦେଇଥାଏ, ଯେଉଁଥିରୁ ଜଣା ପଡ଼ିଥାଏ ଯେ ଶ୍ୱାସ ହେବାର ସମ୍ଭାବନା ଅଛି ।

୧) ଉଦରରେ ବେଦନା
୨) ଛାତି ପିଞ୍ଜରା ହାଡ଼ ବେଦନା
୩) ମୁଖରେ କଷାୟ ରସ ଅନୁଭୂତ
୪) ପ୍ରାଣ ବାୟୁର ବିଲୋମ ଗତି ।

ଆୟୁର୍ବେଦରେ ଶ୍ୱାସରୋଗକୁ ୫ ଭାଗରେ ବିଭକ୍ତ କରାଯାଇଛି ।

୧) ମହାଶ୍ୱାସ - ବାତଜ (ଅସାଧ)
୨) ଊର୍ଦ୍ଧ୍ୱ ଶ୍ୱାସ - ବାତଜ (ଅସାଧ)
୩) ଛିନ୍ନ ଶ୍ୱାସ - ବାତଜ (ଅସାଧ)
୪) ତମକ ଶ୍ୱାସ - ଯାପ୍ୟ
୫) କ୍ଷୁଦ୍ର ଶ୍ୱାସ - ସାଧ

ସାଧାରଣତଃ ଚିକିତ୍ସା କ୍ଷେତ୍ରରେ ତମକ ଶ୍ୱାସ ରୋଗୀ ଅଧିକ ପରିମାଣରେ ଦେଖାଯାଇଥାନ୍ତି ।

**ଗୋଟିଏ ରୂପକୁ ଧରିଣ ନାମ ଗୋଟିଏ ହୁଏ ।**

**ତମକ ଶ୍ୱାସ :-**

ଯେତେବେଳେ ଶ୍ୱାସବାହୀ ସ୍ରୋତରେ ଅବରୋଧ ହୋଇଥାଏ ସେତେବେଳେ ପ୍ରକୁପିତ ବାୟୁର ଗତି ବିପରୀତ ହୋଇଯାଇଥାଏ ଫଳରେ ସେହି ବାୟୁ ଗ୍ରୀବାରେ ଏବଂ ମୁଣ୍ଡରେ ଜମାଟ ବାନ୍ଧିବା ଦ୍ୱାରା କଫ ସୃଷ୍ଟି ହୋଇ ପିନସ ରୋଗକୁ ଉତ୍ପନ୍ନ କରିଥାଏ । କଫ ଦ୍ୱାରା ଅବରୋଧ ବାୟୁ ଗଳାରେ ଘଡ଼ ଘଡ଼ ଶବ୍ଦ ଉତ୍ପନ୍ନ କରିଥାଏ ଏବଂ ଅତ୍ୟନ୍ତ ତୀବ୍ର ଭାବରେ ଶ୍ୱାସ ରୋଗର ବେଗକୁ ବଢ଼ାଇଥାଏ, ଯାହାଦ୍ୱାରା ବାରମ୍ବାର କାଶ ହୋଇଥାଏ । କାଶ ବୃଦ୍ଧି ହେବା ଦ୍ୱାରା ରୋଗୀ ବାରମ୍ବାର ମୂର୍ଚ୍ଛା ହୋଇଯାଇଥାଏ । ଯେତେବେଳେ ପର୍ଯ୍ୟନ୍ତ କଫ ବାହାରି ନ ଥାଏ ସେତେବେଳେ ଯାଏଁ କାଶ ହୋଇଥାଏ । କଫ ବାହାରି ଯିବା ପରେ ରୋଗୀକୁ ଆରାମ ଅନୁଭୂତ ହୋଇଥାଏ । ତମକ ଶ୍ୱାସ ରୋଗୀକୁ ଶୋଇବାରେ କଷ୍ଟ ଦେଇଥାଏ ତେଣୁ ରୋଗୀ ରାତିସାରା ବସିକି ରାତି ବିତାଇଥାଏ । ଉଷୁମ ପଦାର୍ଥ ସେବନ ଦ୍ୱାରା ଆରାମ ଅନୁଭୂତ ହୋଇଥାଏ । ତମକ ଶ୍ୱାସ ରୋଗୀର ଆଖି ସବୁବେଳେ ଫୁଲିଥାଏ ।

**ତମକ ଶ୍ୱାସର ପ୍ରକାରଭେଦ :-**

୧) ପ୍ରତମକ ଶ୍ୱାସ - ଯଦି ତମକ ଶ୍ୱାସର ଲକ୍ଷଣ ସହିତ ଜ୍ୱର ଓ ମୂର୍ଚ୍ଛାର ଲକ୍ଷଣ ପରିଲକ୍ଷିତ ହୁଏ ତେବେ ତାହାକୁ ପ୍ରତମକ ଶ୍ୱାସ କୁହାଯାଏ ।

୨) ସନ୍ତମକ - ଏହା ରାତିରେ ବୃଦ୍ଧି ହୋଇଥାଏ ଏବଂ ପିତ୍ତ ଅନୁବନ୍ଧ ହେବା କାରଣରୁ ଶୀତଳ ପଦାର୍ଥ ସେବନ ଦ୍ୱାରା ଆରାମ ଅନୁଭୂତ ହୋଇଥାଏ ।

ଶ୍ୱାସ ରୋଗ ଚିକିତ୍ସାର ଆୟୁର୍ବେଦିକ ସିଦ୍ଧାନ୍ତ

୧. ବଳବାନ୍ ଓ କଫାଧିକ୍ୟରେ ସଂଶୋଧନ ଚିକିତ୍ସା

୨. ଦୁର୍ବଳ ଓ ବାତ ବୃଦ୍ଧି ରୋଗୀକୁ ବୃହଣ ଚିକିତ୍ସା

୩. କାଶ ଓ ସ୍ୱର ଭଗ୍ନ ଯୁକ୍ତ ଶ୍ୱାସ ରୋଗୀକୁ ବମନ ଚିକିତ୍ସା ।

୪. ଉପର ଲିଖିତ ଲକ୍ଷଣଯୁକ୍ତ ତମକ ଶ୍ୱାସ ରୋଗୀକୁ ବାତ କଫ ନାଶକ ଦ୍ରବ୍ୟ ଦ୍ୱାରା ବିରେଚନ ଚିକିତ୍ସା ।

**ପ୍ରକ୍ରିୟା :-**

୧) ସର୍ବ ପ୍ରଥମେ ସୈନ୍ଧବ ଲବଣ ଓ ରାଶି ତେଲରେ ବକ୍ଷ ପ୍ରଦେଶରେ ମର୍ଦ୍ଦନ କରିବା ପରେ ମୃଦୁସ୍ୱେଦ ଦେବା ଆବଶ୍ୟକ, ଏହା ଫଳରେ କଫ ପତଳା ହୋଇଯାଇଥାଏ ।

୨) ଯଦି ରୋଗୀ ବଳବାନ ହୋଇଥାଏ ତେବେ କଫ ବର୍ଦ୍ଧକ ଆହାର ସେବନ କରାଇ ବମନ କର୍ମ କରିବା ଆବଶ୍ୟକ ।

୩) ଯଦି ଦୋଷ ନାଶ ହୋଇଯାଇଥାଏ ତେବେ ଧୂମପାନ କରିବା ଉଚିତ ।

୪) ବାତ ପିତ୍ତ ଅନୁବନ୍ଧ ଶ୍ୱାସରେ ବାସଙ୍ଗ ପତ୍ର ସ୍ୱରସ ଓ ତ୍ରିକଟୁ ଚୂର୍ଣ୍ଣ ମିଶାଇ ପୁରୁଣା ଚାଉଳ ସହିତ ଦେବା ଆବଶ୍ୟକ ।

୫) କଫ ପିତ୍ତ ଅନୁବନ୍ଧ ଶ୍ୱାସରେ ଶିରୀଷ ଫୁଲର ସ୍ୱରସ ଏବଂ ସପ୍ତପର୍ଣ୍ଣୀ ସ୍ୱରସ, ପିପ୍ପଳୀ ଚୂର୍ଣ୍ଣ ମହୁ ମିଶାଇ ସେବନ କରିବା ଆବଶ୍ୟକ ।

**ଯୋଗ :-**

୧) ଗୁଡ଼ରେ ସୋରିଷ ତେଲ ମିଶାଇ ମୋଦକ ପ୍ରସ୍ତୁତ କରି ସେବନ କରିବା ଦ୍ୱାରା ଶ୍ୱାସ ରୋଗୀକୁ ଉପଶମ ମିଳିଥାଏ ।

୨) ଉଷୁମ କ୍ଷୀର, ହଳଦୀ ଚୂର୍ଣ୍ଣ ୧ ଚାମଚ, ଶୁଣ୍ଠି ଚୂର୍ଣ୍ଣ ଅଧ ଗ୍ରାମ୍ ସହ ଗୁଡ଼ ମିଶାଇ ସେବନ କରିବା ଦ୍ୱାରା ଶ୍ୱାସ ରୋଗୀକୁ ଉପଶମ ମିଳିଥାଏ ।

୩) ବିରେଚନ ଓ ସ୍ୱେଦନ କମ ଧୂମପାନ, ଦିବା ନିଦ୍ରା ଆଦିରୁ ଦୂରେଇ ରହିବା ଆବଶ୍ୟକ ।

**ଉପସଂହାର :-**

ସଂକ୍ଷେପତଃ କ୍ରିୟାଯୋଗ ନିଦାନ ପରିବର୍ଜନମ୍ । ଯଦି ତମକ ଶ୍ୱାସ ରୋଗୀ ବଳବାନ୍ ହୋଇଥାଏ ତେବେ ପ୍ରତ୍ୟେକ ବର୍ଷ ହେମନ୍ତ ଋତୁରେ ବମନ ଏବଂ ବିରେଚନ କର୍ମ କରି ନିୟମିତ ସଂଶମନ ଔଷଧର ସେବନ କରିବା ଉଚିତ । ଶ୍ୱାସ ରୋଗରେ ଚିକିତ୍ସା ମଧ୍ୟ ଅନେକ ଲାଭଦାୟକ ହୋଇଥାଏ । ତତ୍ ସହିତ ରସାୟନ, ଚ୍ୟବନପ୍ରାଶ, ଶ୍ୱାସକୁଠାର ରସ, ଶ୍ୱାସକଳ୍ପ ସିରପ୍ ଆଦି ଉପଯୋଗ ହୋଇଥାଏ । ଶ୍ୱାସ ରୋଗ ନିମନ୍ତେ ଅନୁଲୋମ ବିଲୋମ ଓ ଭଅଁର ଭଳି ଶବ୍ଦ ଉତ୍ପନ୍ନ ଯୁକ୍ତ ପ୍ରାଣାୟାମ କରିବା ଉଚିତ । କାଚ ପାତ୍ରରେ ଲେମ୍ବୁ ରସରେ ଅଣ୍ଡା ବୁଡ଼ାଇ ୧୫ ଦିନ ପରେ ସେ ଅଣ୍ଡା ମିଶିଗଲା ପରେ ପ୍ରତ୍ୟେକ ଦିନ ୧ ଚାମଚ ଖାଇଲେ ଶ୍ୱାସ ରୋଗ ନାଶ ହୁଏ ।

*ଦିଶା ଆୟୁର୍ବେଦ ଓ ପଞ୍ଚକର୍ମ ହସ୍ପିଟାଲ*
*ଇଫ୍‌କୋ ଛକ, ପାରାଦ୍ୱୀପ*

# ରଙ୍ଗ ପ୍ରାଣାୟାମ

*ମୂଳ ଲେଖା - ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ*

*ଶ୍ରୀ ଅଶ୍ୱିନୀକୁମାର ପତି*

ରଙ୍ଗ ଚିକିତ୍ସାର ଆଧାର ସୂର୍ଯ୍ୟକିରଣ, ଏହାର ପ୍ରକାଶ ଏବଂ ରଙ୍ଗ ଅଟେ । ସମ୍ପୂର୍ଣ୍ଣ ବନସ୍ପତି ଜଗତ ଏବଂ ଜୀବଜଗତ ଏହାଦ୍ୱାରା ପ୍ରକାଶିତ ସଞ୍ଚାଳିତ ଏବଂ ପ୍ରେରିତ ହୋଇଥାଏ । ପ୍ରକୃତି ସନ୍ତୁଳନର ଆଧାର ମଧ୍ୟ ଏହା ଅଟେ । ତତ୍ତ୍ୱର ନିର୍ମାଣ ଏହି ଅବିରତ କ୍ଷମତା ଯୁକ୍ତର ରଞ୍ଜନ ରଶ୍ମିରେ ଜୀବଣୁନାଶକ, ବଳବର୍ଦ୍ଧକ ଓ ପୁଷ୍ଟିଦାୟକ ଗୁଣ ବିଦ୍ୟମାନ । ଏଥିରେ ଚୁମ୍ବକତ୍ୱ, ବିଦ୍ୟୁତ୍ ଉଷ୍ଣତା, ପ୍ରାଣ ଏବଂ ଅମ୍ଳଜାନ ପରି ଜୀବନ ଦେବା ତତ୍ତ୍ୱ ପ୍ରଚୁର ପରିମାଣରେ ଉପସ୍ଥିତ ଥିବା ବିଷୟରେ ବୈଜ୍ଞାନିକମାନେ ପରୀକ୍ଷା କରି ସାରିଲେଣି । ଏଣୁ ସ୍ୱାସ୍ଥ୍ୟ ସନ୍ତୁଳନ ଏଥିରେ ସହଜରେ ହୋଇଥାଏ । ନିଜର ପ୍ରକୃତି ଅନୁରୂପ ଉପଯୁକ୍ତ ରଙ୍ଗ ବାଛିବା ଏବଂ ଏହାଦ୍ୱାରା ଲାଭ ପାଇବା ସମ୍ଭବ ହୋଇଥାଏ । ଧ୍ୟାନ ମିଶ୍ରିତ ପ୍ରାଣାୟାମ ପ୍ରକ୍ରିୟା ଦ୍ୱାରା ରଙ୍ଗ କିରଣର ଆକର୍ଷଣ ନା କେବଳ ଶାରୀରିକ ବରଂ ମାନସିକ ରୋଗରେ ମଧ୍ୟ ଉପଶମ ମିଳିଥାଏ । ତା ସହିତ ଅଭ୍ୟାସକର୍ତ୍ତାଙ୍କୁ ଓଜସ୍ୱୀ-ତେଜସ୍ୱୀ-ମନସ୍ୱୀ ମଧ୍ୟ କରିଥାଏ । ଗଭୀରତର ପ୍ରବେଶ କରିଲେ ବ୍ରହ୍ମବର୍ଚ୍ଚନ ଆତ୍ମକର୍ମର ଲାଭ ମଧ୍ୟ ହସ୍ତଗତ ହୋଇଥାଏ ।

ଯୋଗ ସାଧନା ଅଧ୍ୟାତ୍ମ ଉପଚାରରେ ମନକୁ ବଶବର୍ତ୍ତୀ କରିବା ପାଇଁ ଧ୍ୟାନ ଧାରଣାର ବିଦ୍ୟାକୁ ଗ୍ରହଣ କରାଯାଏ । ଏହାଦ୍ୱାରା ପୂର୍ବରୁ ଶାରୀରିକ ମାନସିକ ପରିଶୋଧନ ପାଇଁ ପ୍ରାଣାୟାମକୁ ଆଶ୍ରୟ ନିଆଯାଇଥାଏ, ଯାହଦ୍ୱାରା ଜଟିଳ ସମୟ ସାଧ୍ୟ ଏବଂ କଷ୍ଟପ୍ରଦ ହୋଇଥାଏ । ଯଦି ରଙ୍ଗର ଧ୍ୟାନ କରି ପ୍ରାଣ କର୍ଷଣ ପ୍ରାଣାୟାମ ସହିତ ସଂଯୋଗ କରି ସମ୍ପନ୍ନ କରାଯାଏ ତେବେ ପ୍ରତିଫଳ ଖୁବ୍ ଶୀଘ୍ର ମିଳିଥାଏ । 'କଲର ବ୍ରିଦିଙ୍ଗ'ର ବିଦ୍ୟା ଏପରି ଯାହା ଉକ୍ତ ଦୁଇଟି ଯାକ ଆବଶ୍ୟକତାକୁ ପୂର୍ତ୍ତି କରିଥାଏ ଏବଂ ଏହା କ୍ଷତି ରହିତ ହୋଇଥାଏ । ଏହାର ସମ୍ବନ୍ଧରେ ବୈଜ୍ଞାନିକମାନେ ଗଭୀର ଅନୁସନ୍ଧାନ କରି ପାଇଛନ୍ତି କି ବାତାବରଣରେ ହେଉ ଥିବା ସୂର୍ଯ୍ୟ କିରଣରେ ରଙ୍ଗିନ ବାୟୁ ଶ୍ୱାସ ଦ୍ୱାରା ପ୍ରାଣବାୟୁ ସହିତ ଭିତରକୁ ଯାଇଥାଏ ଏବଂ ସ୍ୱାସ୍ଥ୍ୟ ସନ୍ତୁଳନ ରଖିଥାଏ । ହାଲୁକା ଶ୍ୱାସ ପ୍ରଶ୍ୱାସ କାରଣରୁ ଶରୀରରେ ଆବଶ୍ୟକ ମାତ୍ରାରେ ଅମ୍ଳଜାନ (ପ୍ରାଣବାୟୁ)ର ପୂର୍ତ୍ତି ହୋଇପାରେ ନାହିଁ ଏବଂ ରଙ୍ଗର ଆବଶ୍ୟକତା ମଧ୍ୟ ମିଳିପାରେ ନାହିଁ, ଫଳରେ ଶରୀର ଏବଂ ମନ ଦୁଇଟି ଯାକ ରୋଗଗ୍ରସ୍ତ ହୋଇପଡ଼େ । ବିଖ୍ୟାତ ସୂର୍ଯ୍ୟ ବିଜ୍ଞାନୀ ଡଃ ଏଡ଼ବିନ ବେବିଟ ଏବଂ ଡଃ ଇବାନ ଡଃ ହ୍ୱାଇଟେନଙ୍କ ଅନୁସାରେ ଏହି ଅସନ୍ତୁଳନକୁ ଗଭୀର ଶ୍ୱାସ-ପ୍ରଶ୍ୱାସ ସହିତ ରଙ୍ଗର ଆକର୍ଷଣ ଦ୍ୱାରା ସହଜରେ ରୋଗ ଦୂର କରାଯାଇପାରେ । ଡାକ୍ତରଙ୍କ କହିବା ଅନୁସାରେ ମସ୍ତିଷ୍କର ଚେତନା ଏବଂ ଶ୍ୱସନ ପ୍ରକ୍ରିୟାରେ ଯୋଡ଼ା ଯାଇଥିବା ଏହି ରଙ୍ଗ ସହିତ ଘନିଷ୍ଠ ସମ୍ବନ୍ଧିତ ଅଟେ । ଉଚିତ ମାତ୍ରାରେ ରଙ୍ଗ ଉଦ୍ଦୀପକ ମିଳିବା ପରେ ମସ୍ତିଷ୍କକୁ ସକ୍ରିୟ ଏବଂ ସଶକ୍ତ କରିଥାଏ ଯଦିଓ ପ୍ରତିକୂଳ ଅବସ୍ଥାରେ ଉତ୍ତେଜନା ଉତ୍ପନ୍ନ କରିବା ଦ୍ୱାରା ଶରୀର ଏବଂ ମନ ରୋଗଗ୍ରସ୍ତ ହୋଇଥାଏ ।

ବିଶିଷ୍ଟ ଚିକିତ୍ସା ଶାସ୍ତ୍ରୀ ଡଃ ଷ୍ଟିଫେନସନଙ୍କ ଅନୁସାରେ ସୂର୍ଯ୍ୟଙ୍କର ପ୍ରକାଶରେ ଦୁଇ ହଜାର ରଙ୍ଗ ଅଛି ଯେଉଁଥିରେ କି ସାତ ରଙ୍ଗ ପ୍ରମୁଖ ଅଟେ । ଏହାର ଅଲଗା ଅଲଗା ପ୍ରକୃତି ଥିବାରୁ ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ । ସାତ ପ୍ରକାର ବର୍ଣ୍ଣ ସାତ ପ୍ରକାରର ଔଷଧିର କାର୍ଯ୍ୟ କରିଥାଏ । କିନ୍ତୁ ଏଥିରେ ପ୍ରାୟତଃ ନାରଙ୍ଗ ରଙ୍ଗ ସବୁଜ ରଙ୍ଗ ଏବଂ ନୀଳରଙ୍ଗ ଦ୍ୱାରା ହିଁ ଉପଚାର ପ୍ରକ୍ରିୟାରେ ବ୍ୟବହାର କରାଯାଏ । ରକ୍ତ ସଂଚାରରେ ବୃଦ୍ଧି କରିବା ଏବଂ ମାଂସପେଶୀକୁ ଶକ୍ତି ପ୍ରଦାନ କରିବା ସହିତ ମାନସିକ ବିକାଶ, ଇଚ୍ଛାଶକ୍ତି ବଢ଼ାଇବା ଏବଂ ମନୋଭାବ ଇଚ୍ଛାର ବିକାଶ ଓ ପରିଷ୍କରଣରେ ନାରଙ୍ଗୀ ରଙ୍ଗର ପ୍ରୟୋଗ ଲାଭଦାୟକ ହୋଇଥାଏ । ସବୁଜ ରଙ୍ଗ ମଧ୍ୟମ ପ୍ରକୃତିର ହୋଇଥାଏ । ଏହା ସନ୍ତୁଳନ କରିବା ବାର୍ତ୍ତା ଏବଂ ଶୋଧନର କାର୍ଯ୍ୟ କରିଥାଏ । ହଳଦିଆ ଏବଂ ନୀଳ

ରୂପ ନାମ ହୁଏ ସଞ୍ଜାତ ନାମୁଁ ରୂପ ସମ୍ଭୂତ ।

ରଙ୍ଗର ସମିଶ୍ରଣରେ ସବୁଜ ରଙ୍ଗ ପ୍ରାକୃତିକ ରଙ୍ଗ ହୋଇଥାଏ । ତେଣୁ ଶରୀରକୁ ସୁସ୍ଥ ଏବଂ ମନକୁ ପ୍ରସନ୍ନ ରଖିବାରେ ଏହାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ରକ୍ତକୁ ପରିଷ୍କାର କରିବା ପାଇଁ ଏହି ରଙ୍ଗ ଶରୀରୁ ବିଜାତୀୟ ବିଷାକ୍ତ ଦ୍ରବ୍ୟକୁ ବାହାର କରିବା ଏବଂ ମସ୍ତିଷ୍କ ସହିତ ସଂପୂର୍ଣ୍ଣ ସ୍ନାୟୁତନ୍ତ୍ରକୁ ପୋଷଣ ପ୍ରଦାନ କରିବାରେ ଅଗ୍ରଣୀ ମନେ କରାଯାଏ । ମନୋଭାବର ପରିଶୋଧନ ଏବଂ ଚର୍ମରୋଗ ଦୂର କରିବାରେ ଏହି ରଙ୍ଗ ବହୁତ ସହାୟତା ପ୍ରଦାନ କରିଥାଏ ।

ନୀଳ ରଙ୍ଗ ଶୀତଳ, ସୁଖ ଏବଂ ସଙ୍କୋଚକ ପ୍ରକୃତିର ହୋଇଥାଏ । ଏହାର ପ୍ରଭାବ ମନ ମସ୍ତିଷ୍କ ଉପରେ ପଡ଼ିଥାଏ । ଅତଃ ମାନସିକ ଉତ୍ତେଜନାକୁ ଶାନ୍ତ କରିବା ଏବଂ ମନକୁ ଶୀତଳତା ପ୍ରଦାନ କରିବାଠାରୁ ଆରମ୍ଭ କରି ମାନସିକ ଓ ଆତ୍ମିକ ବିକାଶରେ ଏହି ରଙ୍ଗକୁ ପ୍ରମୁଖ ରୂପରେ ଉପଯୋଗ କରାଯାଇଥାଏ । ଧ୍ୟାନ ଏବଂ ପ୍ରାଣ ଉର୍ଜା ଗ୍ରହଣ ସମୟରେ ନୀଳ ରଙ୍ଗ ସଂଯୋଗ ଅଧିକ ପ୍ରଭାବକାରୀ ମନେ କରାଯାଏ । ମନୋବୈଜ୍ଞାନିକ ଏବଂ ଆଧ୍ୟାତ୍ମିକ ପୁରୁଷମାନେ ମଧ୍ୟ ଏଥିରେ ସମ୍ମତି ପ୍ରକାଶ କରିଛନ୍ତି ।

ଜୀବନୀ ଶକ୍ତିର ଅଭିବର୍ଦ୍ଧନରେ ଯେଉଁ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ପ୍ରାଣ କର୍ଷଣ ପ୍ରାଣାୟାମରେ ରହିଛି କଲର ବ୍ରିଦିଙ୍ଗ ଏହି ସ୍ତରର କାମ କରିଥାଏ । ଏହି ସନ୍ଦର୍ଭରେ ରଙ୍ଗ ଚିକିତ୍ସା ଶାସ୍ତ୍ରୀ ଇବାନ ବା ହ୍ୱାଇଟେନ ତାଙ୍କ ଗବେଷଣାରେ ପାଇଛନ୍ତି କି ପ୍ରାଣ ଉର୍ଜାର ସମ୍ବର୍ଦ୍ଧନରେ ଏବଂ ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ସଶକ୍ତ କରିବାରେ କଲରପ୍ରାଣ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ଅନୁସାରେ ଶାରୀରିକ ରୋଗ, ମାନସିକ ଅସନ୍ତୁଳନ ଏବଂ ଅକ୍ଷମତାକୁ ଶ୍ୱାସ ଦ୍ୱାରା ରଙ୍ଗକୁ ପ୍ରୟୋଗ କରି ରୋଗକୁ ସହଜରେ ଦୂର କରାଯାଇପାରିବ । ଶରୀର ହେଉ ଅଥବା ଅଙ୍ଗପ୍ରତ୍ୟଙ୍ଗରେ ବିଶେଷ କରି ଯେଉଁ ରଙ୍ଗର କମ୍ ହୋଇଥାଏ ବିଶେଷ କରି ସେହି ରଙ୍ଗର ଧ୍ୟାନ କରି ଗଭୀର ଶ୍ୱାସରେ ଅସୁସ୍ଥ ଅଙ୍ଗ ଉପରେ ଗଭୀର ଭାବନା ଦ୍ୱାରା ଆରୋପିତ କଲେ ଧୀରେ ଧୀରେ ସେହି ଅସୁସ୍ଥ ଅଙ୍ଗ ସୁସ୍ଥ ହେବାକୁ ଲାଗେ । ଏହି ପ୍ରକ୍ରିୟାରେ ପ୍ରାଣାୟାମ ସହିତ ବିଭିନ୍ନ ରଙ୍ଗକୁ ଶ୍ୱାସ ସହିତ ଭିତରକୁ ନେବାର ଭାବନା କରାଯାଇଥାଏ । ମାନସିକ ଚେତନାର ବିକାଶରେ ପରିଷ୍କରଣରେ ଅଭୂତପୂର୍ବ ସହାୟତା ମିଳିଥାଏ । ସୁପ୍ରସିଦ୍ଧ ରଙ୍ଗ ଚିକିତ୍ସା ବିଜ୍ଞାନୀ ମେରୀ ଏଡ଼ସନ ନିଜର ଲେଖା 'କଲର ହିଲିଙ୍ଗ'ରେ ଲେଖିଛନ୍ତି ରଙ୍ଗର ପ୍ରାଣାୟାମ ପ୍ରକ୍ରିୟାଦ୍ୱାରା ଶରୀରରେ ରଙ୍ଗ କମ୍ପନର ପୂର୍ତ୍ତି କରାଯାଏ । ଏହି ଉପଚାର ପଦ୍ଧତିରେ ଗଭୀର ଶ୍ୱାସପ୍ରଶ୍ୱାସରେ ରଙ୍ଗ ବିଶେଷ ସହିତ ପ୍ରାଣବାୟୁ ପ୍ରବେଶ କରିବାରେ ଗଭୀର ଭାବନା ମନରେ କଳ୍ପନା କରାଯାଏ । ଯେଉଁ ପ୍ରକାର ପ୍ରାଣାୟାମ ପ୍ରକ୍ରିୟାରେ ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗର ପ୍ରତ୍ୟେକ କୋଷ ପର୍ଯ୍ୟନ୍ତ ପ୍ରାଣ ସଂଚାରର ଉର୍ଜା ଭଣ୍ଡାର ପୂର୍ତ୍ତି ନିମନ୍ତେ ତାହାର କଳ୍ପନା ପଡ଼ିଥାଏ ଠିକ୍ ଏହି ପଦ୍ଧତିର ଅନୁସରଣ କଲର ବ୍ରିଦିଙ୍ଗରେ କରାଯାଇଥାଏ । ପୂରକ, କୁମ୍ଭକ ଏବଂ ରେଚକ ସମୟରେ ଏହା କରିବାକୁ ପଡ଼ିଥାଏ ଯାହା ପ୍ରାଣାୟାମରେ କରାଯାଇଥାଏ । ଅର୍ଥାତ୍ ଯଦି ଶ୍ୱାସ ଭିତରକୁ ନେବା ସମୟରେ ଦଶ ସେକେଣ୍ଡ ଏବଂ ଭିତରେ ରଖିବା ଦଶ ସେକେଣ୍ଡ ଏହା ମଧ୍ୟରେ ନାକ ପୁଡ଼ାରେ ପ୍ରବେଶ ହୋଇଥିବା ବାୟୁ ସହିତ ଇଚ୍ଛା କରିଥିବା ରଙ୍ଗର ପ୍ରବେଶ ହେବ ଏବଂ ଅଙ୍ଗ ବିଶେଷରେ ସୁସ୍ଥ ହେବାର ଭାବନା କରାଯାଇଥାଏ । ଏହି ପ୍ରକ୍ରିୟାରେ ପ୍ରାଣାୟାମ ଓ ଧ୍ୟାନ ଏକ ସହିତ ସମ୍ପନ୍ନ କରାଯାଏ ଫଳରେ ପରିଣାମ ଅପେକ୍ଷାକୃତ ଶୀଘ୍ର ମିଳିଥାଏ, କାରଣ ଏଥିରେ ଶରୀରର ସ୍ଥାୟୀ ପ୍ରଣାଳୀ ଏବଂ ଅନ୍ତଃସ୍ରାବୀ ଗ୍ରନ୍ଥି ସକ୍ରିୟ ହୋଇଯାଇଥାଏ ଏବଂ ଶରୀରର ବିଷାକ୍ତ ଦ୍ରବ୍ୟକୁ ବାହାରକୁ ବାହାର କରି ଦେଇଥାଏ ।

ରଙ୍ଗ ପ୍ରାଣାୟାମର ସର୍ବୋତ୍ତମ ସମୟ ସକାଳ ସୂର୍ଯ୍ୟୋଦୟ ଅର୍ଥାତ୍ ପ୍ରାତଃ କାଳ, ଯେଉଁ ସମୟରେ ସଂପୂର୍ଣ୍ଣ ସ୍ୱର୍ଣ୍ଣିମ ଆଭାରେ ପରିପୂର୍ଣ୍ଣ ରହିଥାଏ । ଖାଲି ପେଟରେ ବା ରେଚନ କରିବାର ଦୁଇ ତିନି ଘଣ୍ଟା ପରେ ରଙ୍ଗାକର୍ଷଣ ପ୍ରାଣାୟାମ କରିବା ଲାଭପ୍ରଦ ହୋଇଥାଏ । ଏଥିପାଇଁ ଖୋଲା ସ୍ଥାନ କିମ୍ବା ଘର ଭିତରେ ଯେଉଁଠାକୁ କବାଟ ଝରକା ବାଟେ ଶୁଦ୍ଧ ବାୟୁ ଚଳାଚଳ କରିପାରୁଥିବ, ସୂର୍ଯ୍ୟ କିରଣ ପ୍ରବେଶ କରିପାରୁଥିବ ସେଠାରେ କରାଯାଇ ପାରିବ । ପ୍ରକ୍ରିୟା ଏହି ପ୍ରକାର ଆରମ୍ଭ କରିବା - ସର୍ବପ୍ରଥମେ ସୁଖାସନରେ

ନାମ ନୁହେଁ ରୂପ ନ ଥିଲେ ଭଲେ ବିଚାର ଚିତ୍ତ ।।

ବସି ଶରୀରକୁ ଶିଥିଳ କରିବା ମନକୁ ଶାନ୍ତ କରିବା ପରେ ଫୁସ୍‌ଫୁସ୍‌ରେ ଥିବା ଭରା ବାୟୁକୁ ନାକ ପୁଡ଼ା ନେଇ ବାହାର କରିବା ପାଖାପାଖି ୧୦ ସେକେଣ୍ଡ ପର୍ଯ୍ୟନ୍ତ ବାହ୍ୟ କୁମ୍ଭକର ସ୍ଥିତିରେ ରହିବା । ଏହାପରେ ଦୁଇ ନାକପୁଡ଼ା ଦେଇ ଗଭୀର ଶ୍ୱାସ ଭିତରକୁ ନିଆ ଯାଇଥାଏ । ତା ସହିତ ଭାବନା କରାଯାଏ କି ପ୍ରାଣବାୟୁ ସହିତ ମିଶି ଇଚ୍ଛିତ ରଙ୍ଗର ପ୍ରକାଶ ରଶ୍ମି ଶରୀର ଭିତରେ ପ୍ରବେଶ କରୁଛି । କୁମ୍ଭକ ସମୟରେ ଏହି ରଙ୍ଗ ଶରୀରରେ ପ୍ରଭାବିତ ଅଙ୍ଗକୁ ସଂକଳ୍ପ ଜଳ ଦ୍ୱାରା ପହଞ୍ଚାଇଥାଏ ଏବଂ ସେହି ଅଙ୍ଗକୁ ସ୍ୱସ୍ଥ ଏବଂ ପରିପୁଷ୍ଟ କରିବାର ଦୃଢ଼ ଭାବନା କରାଯାଇଥାଏ । ତାହା ପରେ ବିଜାତୀୟ ବିଷାକ୍ତ ତତ୍ତ୍ୱ ସହିତ ବାୟୁକୁ ରେଚକ ପ୍ରକ୍ରିୟା ଦ୍ୱାରା ବାହାର କରି ଦିଆଯାଇଥାଏ । ଏହା ଗୋଟିଏ ପ୍ରାଣାୟାମ ହେଲା । ଆରମ୍ଭରେ ୫ମି. ରୁ ଆରମ୍ଭ କରି ୧୫ମି. ପର୍ଯ୍ୟନ୍ତ ଏହାକୁ ଦୋହରାଇବାକୁ ପଡ଼ିଥାଏ । ପରେ ଏହାକୁ ଅଧ ଘଣ୍ଟାଏ ପର୍ଯ୍ୟନ୍ତ ବଢ଼ାଯାଇପାରେ ।

ସଂପୂର୍ଣ୍ଣ ଶରୀରରେ ରଙ୍ଗର ଆବଶ୍ୟକତା ପୂର୍ତ୍ତି ପାଇଁ ପ୍ରାୟ ଲାଲ, ହଳଦିଆ ଏବଂ ନାରଙ୍ଗୀ ପ୍ରକାଶ କିରଣ ପୃଥିବୀରୁ ଆସୁଥିବା ଏବଂ ନାଭିଚକ୍ରରେ ଏକତ୍ରିତ ହେବାର ଭାବନା କରିବାକୁ ପଡ଼ିଥାଏ । ତା ସହିତ ଆକାଶିଆ ରଙ୍ଗ, ନୀଳ ଏବଂ ବାଇଗଣୀ ରଙ୍ଗ ରଶ୍ମିକୁ ଅନ୍ତରୀକ୍ଷ ମଣ୍ଡଳରୁ ନିଜ ଉପରେ ବର୍ଷା ହେଉ ଭାବନାରେ ଭିତରକୁ ପ୍ରବେଶ ହେଉଥାଏ ତଥା ସବୁଜ ରଙ୍ଗର କିରଣକୁ ସମତଳ ରୂପ ବୋହିବା ଏବଂ ନିଜ ଭିତରେ ପ୍ରବେଶ କରିବାର ଭାବନା କଳ୍ପନା କରିବାକୁ ପଡ଼ିଥାଏ । ଏହାଦ୍ୱାରା ପୂରା ବାତାବରଣରେ ବିଭିନ୍ନ ରଙ୍ଗର ରଶ୍ମି ଦେଇ ଯିବାକୁ ଲାଗେ । ଅଭ୍ୟାସ କର୍ତ୍ତାକୁ ଏହାର ପ୍ରତିଫଳ କେବଳ ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ ଜୀବନ ରୂପରେ ଅତୀନ୍ଦ୍ରିୟ ସାମର୍ଥ୍ୟ ମଧ୍ୟ ବିକାଶ ଲାଭ ହୋଇଥାଏ । ଅଥର୍ବ ବେଦରେ ସୂର୍ଯ୍ୟ କିରଣ ଦ୍ୱାରା ରୋଗ ଦୂର କରିବା ବିଷୟରେ ଲେଖାଯାଇଛି ।

ଅନୁସୂର୍ଯ୍ୟମୁଦୟତାଂ ହୃଦଦ୍ୟୋତୋ ହରିମାଚ ତେ
ଗୋ ରୋହିତସ୍ୟ ବର୍ଣ୍ଣେନ ତେନ ତ୍ୱା ପରିପ ଦଧ୍ମସି ।

ଅର୍ଥାତ୍ ହେ ରୋଗାକ୍ରାନ୍ତ ବ୍ୟକ୍ତି ତୁମର ହୃଦ୍‌ସ୍ପନ୍ଦନ ହୃଦୟ ଦାହ ଇତ୍ୟାଦି କାମଳ ରୋଗ ସୂର୍ଯ୍ୟ ଉଦୟ ହେବା ପରେ ନଷ୍ଟ ହୋଇଯାଉ । ଉଦୟକାଳୀନ ସୂର୍ଯ୍ୟଙ୍କ ଲାଲ ରଙ୍ଗ ଦ୍ୱାରା ଆମେ ତୁମକୁ ଭରି ଦେଉଛୁ ।

ଏହି ମନ୍ତ୍ରରେ ସୂର୍ଯ୍ୟଙ୍କ ରକ୍ତ ବର୍ଣ୍ଣ କିରଣକୁ ହୃଦରୋଗ ନାମ କରିବା ଲାଗି ପ୍ରୟୋଗ କରିବାର ଉପଦେଶ ରହିଛି । ସୂର୍ଯ୍ୟ ରଶ୍ମି ଚିକିତ୍ସା ଅନୁସାରେ କାମଳ ଓ ହୃଦରୋଗରେ ଆକ୍ରାନ୍ତ ରୋଗୀକୁ ସୂର୍ଯ୍ୟର କିରଣରେ ରଖି ଲାଲ କାଚ ପାତ୍ରରେ ରଖା ଯାଇଥିବା ଜଳ ପିଇବାକୁ ଦେବାର ଉପଦେଶ ଅଛି ।

ନୀଳରଙ୍ଗ ସହିତ ସ୍ନେହ ସୌଜନ୍ୟ, ଶାନ୍ତି , ପବିତ୍ରତା ଭଳି ପ୍ରବୃତ୍ତି ସଂଯୁକ୍ତ । ଲାଲ ବା ଉଗ୍ରତା, ଉତ୍ତେଜନା, ସଂଘର୍ଷର ପ୍ରତୀକ । ଧଳାରେ ସରଳତା, ସାତ୍ତ୍ୱିକତାର ମମତା ରହୁଛି । ଚକୋଲେଟ ରଙ୍ଗରେ ଏକତା, ବିଶ୍ୱସନୀୟତା ଓ ସୌଜନ୍ୟର ଗୁଣ ରହିଛି । ହଳଦିଆ ରଙ୍ଗରେ ସଂଯମ, ଆଦର୍ଶ, ପୁଣ୍ୟ ଓ ପରୋପକାରର ବାହୁଲ୍ୟ ଦେଖାଯାଏ । ସବୁଜ ରଙ୍ଗ ଉତ୍ସାହ, ସ୍ଫୁର୍ତ୍ତି ଓ ଶୀତଳତା ପ୍ରଭାବ ଯୁକ୍ତ । ଚକୋଲେଟ ରଙ୍ଗ କଳ୍ପନା ଓ ଶୀଳତା ଉତ୍ପନ୍ନ କରେ । ସ୍ଲେଟ ରଙ୍ଗରେ ଦୂରଦର୍ଶୀ ଓ ବୁଦ୍ଧିମତାର ବିଶେଷତ୍ୱ ସମାହିତ । କଳା ରଙ୍ଗ ତମୋ ଗୁଣୀ । ଏଥିରେ ନୈରାଶ୍ୟ, ଶୋକ, ଦୁଃଖ ଏବଂ ଭାରଯୁକ୍ତ ମନସ୍ଥିତିର ପରିଚୟ ଥାଏ । ନାରଙ୍ଗୀ ଜୀବନରେ ଆତ୍ମବିଶ୍ୱାସ ଓ ସାହସ ଉଦ୍ରେକ କରେ । ଗୋଲାପି ରଙ୍ଗରେ ଆଶା ଓ ସୃଜନର ମନୋଭୂମି ପ୍ରସ୍ତୁତି କରିବାର ଗୁଣ ରହିଛି ।

ରଙ୍ଗ ବିଶେଷଜ୍ଞ ଆନ୍ଥୋନୀ ଏଲଡ଼ରଙ୍କ ମତ ଅନୁସାରେ ବହିର୍ମୁଖୀ ଜୀବନ ଲାଲିମା ପ୍ରଧାନ ହୋଇଥାଏ । ଅନ୍ତର୍ମୁଖୀ ଜୀବନରେ ନୀଳ ଆକାଶ ଭଳି ଉଦାର ମନସ୍ଥିତି ଥାଏ ହଳଦିଆ ରଙ୍ଗକୁ କର୍ମଠତା ତତ୍ପରତା ଏବଂ ଦାୟିତ୍ୱ ନିର୍ବାହ ଭାବଚେତନାର ପ୍ରତୀକ ମନେ କରାଯାଏ । ସବୁଜ ରଙ୍ଗକୁ ସ୍ଥିରତା ଓ ବୁଦ୍ଧିମତ୍ତାର ପ୍ରତିନିଧି କୁହାଯାଏ । ଏଲଡ଼ର କହନ୍ତି ଯେ ସ୍ୱଭାବଗତ ଉଦାସ ବୃତ୍ତି ନିମନ୍ତେ ଅଭୀଷ୍ଟ ରଙ୍ଗ ଥିବା ଦ୍ରବ୍ୟ ଏବଂ ଧ୍ୟାନର ସମାବେଶ କରିବା ଉଚିତ । ବ୍ୟକ୍ତିତ୍ୱ ବିକାଶ ହେତୁ ଏହା ଉଚ୍ଚ ସ୍ତରୀୟ ସାଧନା ।

*ସ୍ନାତକୋତ୍ତର, ଯୋଗ ବିଜ୍ଞାନ*

ସରବଦା ମଜ୍ଜି ନାମରେ ନାମୁ ନାମ ବୋଲାଏ ।

**ଯୋଗ ବିଜ୍ଞାନ**

# ଭସ୍ତ୍ରିକା ପ୍ରାଣାୟାମ

■ ଶ୍ରୀଯୁକ୍ତ ମଧୁସୂଦନ ବାରିକ

ସମଗ୍ର ବିଶ୍ୱ ଆଜି ତ୍ରାହି ତ୍ରାହି ଡାକୁଛି । ଡିସେମ୍ବର ମାସରେ କରୋନା ରୂପକ ମହାମାରୀ ଚୀନରୁ ବାହାରି ଆଜି ବିଶ୍ୱର ୨୧୩ଟି ଦେଶରେ ପରିବ୍ୟାପ୍ତ । ଆଜି ବୈଶ୍ୱିକ ସ୍ତରରେ କରୋନା ମାନବ ଜୀବନକୁ କବଳିତ କରିଛି । ଆମ ଭାରତ ଏଥିରେ ପଛରେ ନାହିଁ । ବିଶ୍ୱ ତାଲିକାରେ ତୃତୀୟ ସ୍ଥାନରେ ପହଞ୍ଚିଲାଣି । ଓଡ଼ିଶାରେ ଏହାର କାୟା ବିସ୍ତାର କରି ସାରିଲାଣି । ଅନ୍ୟମାନେ ମଧ୍ୟ ଏକ ଅହେତୁକ ଭୟର ଶିକାର ହୋଇ ବିଭିନ୍ନ ପ୍ରକାର ମାନସିକ ରୋଗରେ ଭାରସାମ୍ୟ ହରାଉଛନ୍ତି ।

ମାତ୍ର ଏପରି ଏକ ମହାମାରୀକୁ ଭୟ ନ କରି ଦୃଢ଼ତାର ସହିତ ସମ୍ମୁଖୀନ ହେବା ଆବଶ୍ୟକ । ସରକାରଙ୍କର ସବୁ ପ୍ରକାର ପ୍ରତିକାରାତ୍ମକ ନିୟମକୁ ପାଳନ କରିବା ସହିତ ଆମର ପରାବିଦ୍ୟା ଅର୍ଥାତ୍ ଯୋଗ ଓ ଆୟୁର୍ବେଦକୁ ଗ୍ରହଣ କରିବା, ତତ୍‌ସହିତ ସମସ୍ତ ଗର୍ବ ଅହଂକାରକୁ ତ୍ୟାଗ କରି ଆଧ୍ୟାତ୍ମିକତାକୁ ଆପଣେଇ ନେବା ହିଁ ବୁଦ୍ଧିମାନର କାର୍ଯ୍ୟ ହେବ । ମାନବ ସମାଜ ଆଜି ଉଗ୍ର ଆଧୁନିକତା ନାମକ ଏକ ମାନସିକ ରୋଗରେ ଆକ୍ରାନ୍ତ । ସେମାନେ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ, ବିଳାସବ୍ୟସନ ଏବଂ ଯାବତ୍ ଜୀବେତ୍ ସୁଖଂ ଜୀବେତ୍ ନ୍ୟାୟରେ ପରିବାର, ସମାଜ, ପ୍ରକୃତି ଓ ସଂସ୍କୃତିକୁ ଭୁଲି କେବଳ ବ୍ୟକ୍ତି ବା 'ମୁଁ'ରେ ବଞ୍ଚିଛନ୍ତି । ନିଜର ପ୍ରାଚୀନ ବିଦ୍ୟା, ପରମ୍ପରା, ଖାଦ୍ୟପେୟ, ଚାଲିଚଳଣୀ, ଦିନଚର୍ଯ୍ୟା ଓ ଜୀବନଚର୍ଯ୍ୟାକୁ ଭୁଲି ଏକ ଅନ୍ଧ ଦୁନିଆକୁ ପ୍ରବେଶ କରିବା ପାଇଁ ପ୍ରୟାସ କରୁଛନ୍ତି ଯାହାର ଫଳ ସ୍ୱରୂପ ଗୋଟିଏ ପଟେ କରୋନା ପରି ମହାମାରୀ ଆସିଥିବାବେଳେ ଅପର ପାର୍ଶ୍ୱରେ ଅମ୍ଫନ ଏବଂ ନିସଂଗ ପରି ମହାବାତ୍ୟା ମଣିଷ ଜୀବନକୁ ଦୁର୍ବିସହ କରି ପକାଇଛି ।

ଏ ସବୁରୁ ମୁକ୍ତି ପାଇବା ପାଇଁ ସଫଳତାର ସହିତ ମୁକାବିଲା କରିବା ପାଇଁ ସର୍ବପ୍ରଥମେ ଯୋଗ ଓ ଆୟୁର୍ବେଦକୁ ଆପଣେଇ ନେବାକୁ ପଡ଼ିବ । ନିଜ ଭିତରେ ସର୍ବ ପ୍ରଥମେ ସମସ୍ତ ପ୍ରକାର ରୋଗର ପ୍ରତିରୋଧକ ଶକ୍ତିକୁ ଅଭିବୃଦ୍ଧି କରିବାକୁ ପଡ଼ିବ । ଯୋଗ ଆଧାରିତ ଦିନଚର୍ଯ୍ୟା ଓ ଜୀବନଚର୍ଯ୍ୟାକୁ ଆପଣେଇ ନେବାକୁ ପଡ଼ିବ । ଘରେ ରୁହନ୍ତୁ ସୁରକ୍ଷିତ ରୁହନ୍ତୁ ଅର୍ଥାତ୍ ଯୋଗ ଆଧାରିତ ଖାଦ୍ୟପାନୀୟ ନିଅନ୍ତୁ ଯୋଗ ଓ ବ୍ୟାୟାମ କରନ୍ତୁ ଚାପମୁକ୍ତ ରହି ଈଶ୍ୱରଙ୍କୁ ଧ୍ୟାନ ପୂର୍ବକ ନିଦ୍ରା ଯାଆନ୍ତୁ । ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା ସହିତ ପ୍ରକୃତି ଓ ପରିବେଶକୁ ସ୍ୱଚ୍ଛ ରଖନ୍ତୁ ଏବଂ ଶ୍ରଦ୍ଧା ପୂର୍ବକ ଭାଗବାନଙ୍କୁ ଆରାଧନା କରନ୍ତୁ ।

ଶେଷରେ ଅନୁରୋଧ ରଖିବି ନିଜ ଭିତରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଆସନ୍ତୁ ଯୋଗ ପ୍ରାଣାୟାମ କରିବା ଏବଂ ରୋଗମୁକ୍ତ ହେବା ।

**ଭସ୍ତ୍ରିକା ପ୍ରାଣାୟାମ ବିଧି -:**

ପଦ୍ମାସନ କିମ୍ବା ସୁଖାସନରେ ବସିବା ପୂର୍ବକ ଦୁଇ ନାକ ପୁଡ଼ା ଦ୍ୱାରା ଶ୍ୱାସକୁ ପୂରା ଭିତରକୁ ଅର୍ଥାତ୍ ଡାୟାଫ୍ରାମ୍ (ଫୁସ୍‌ଫୁସ୍) ପର୍ଯ୍ୟନ୍ତ ଭର୍ତ୍ତି କରିବା ଏବଂ ପୂରା ଶକ୍ତି ଲଗାଇ ଶ୍ୱାସକୁ ଛାଡ଼ିବା । ନିଜର ସାମର୍ଥ୍ୟ ବା ଶକ୍ତି ଅନୁସାରେ ଏହି ପ୍ରାଣାୟାମକୁ ୫ ରୁ ୧୫ ମିନିଟ୍ ପାଇଁ କରିବା । ଶ୍ୱାସକୁ ନେବା ଓ ଛାଡ଼ିବା ପ୍ରକ୍ରିୟାକୁ ଭସ୍ତ୍ରିକା ପ୍ରାଣାୟାମ କୁହାଯାଏ । ଏହାକୁ ମନ୍ଦଗତି, ମଧ୍ୟମ ଗତି ଓ ତୀବ୍ରଗତିରେ କରିପାରିବା । ଯେଉଁମାନେ ଫୁସ୍‌ଫୁସ୍ ବା ହୃଦ୍‌ରୋଗୀ ମନ୍ଦ ଗତିରେ, ସାଧାରଣ ବ୍ୟକ୍ତି ମଧ୍ୟମ ଗତିରେ ଏବଂ ନିତ୍ୟ ଅଭ୍ୟାସୀମାନେ ତୀବ୍ର ଗତିରେ ଅଭ୍ୟାସ କରିପାରିବେ । ଶ୍ୱାସକୁ ଭିତରକୁ ନେବା ସମୟରେ ଏକ ସଂକଳ୍ପ ସହିତ ଅର୍ଥାତ୍ ଏହି ସୁସ୍ଥ ବାୟୁ ଦିବ୍ୟଶକ୍ତି ଭାବରେ ଶରୀର ଭିତରକୁ ପ୍ରବେଶ କରିବା ସହିତ ପବିତ୍ରତା, ଶାନ୍ତି ଓ ଆନନ୍ଦ ଏହି ପ୍ରାଣ ବାୟୁ ସହିତ ପ୍ରବେଶ କରୁଛି ଏବଂ ଶରୀର ଭିତରେ ଥିବା ସମସ୍ତ ବିଜାତୀୟ ତତ୍ତ୍ୱରେ ଶ୍ୱାସ ଛାଡ଼ିବା ସମୟରେ ବାହାରକୁ ବାହାରି ପଳାଇ ଯାଉଛି । ଶରୀର ରୋଗମୁକ୍ତ ସୁସ୍ଥ ସବଳ ହୋଇ ଯାଉଛି ।

ଅରୂପାନନ୍ଦରେ ମାତିଣ ପୁଣି ଅରୂପ ହୁଏ ॥

**ଲାଭ :**

୧) ସର୍ବ ପ୍ରଥମେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ।

୨) ଫୁସ୍‌ଫୁସ୍ ଏବଂ ହୃଦୟ ସବଳ ହୋଇଥାଏ ।

୩) ମସ୍ତିଷ୍କକୁ ଶୁଦ୍ଧ ବାୟୁ ମିଳିବା ଦ୍ୱାରା ସମସ୍ତ ମାନସିକ ରୋଗରୁ ମୁକ୍ତି ମିଳିଥାଏ ।

୪) ଥଣ୍ଡା, ସର୍ଦ୍ଦି, ଏଲର୍ଜି, ଶ୍ୱାସ ରୋଗ, ସାଇନସ୍ ଆଦି ରୋଗରୁ ମୁକ୍ତି ମିଳିଥାଏ ।

୫) ଥାଇରଏଡ଼ ଓ ଟନସିଲ ଭଳି ଗଳାରୋଗ ମଧ୍ୟ ଭଲ ହୋଇଥାଏ ।

୬) ଶରୀରରେ ଥିବା ବାତ, ପିତ ଓ କଫକୁ ସମ କରିବା ସହ ଶରୀରକୁ ଶାନ୍ତ କରିଥାଏ ।

୭) ଶରୀର, ପ୍ରାଣ, ମନ, ବୁଦ୍ଧି ଶାନ୍ତ ହେବା ପୂର୍ବକ ପ୍ରାଣୋତ୍ଥାନ ହୋଇ ଈଶ୍ୱର ଆରାଧନା ପୂର୍ବକ ସମାଧିପ୍ରାପ୍ତ ହେବାର ସହଜ ହୋଇଥାଏ ।

ଏଣୁ ଆସନ୍ତୁ ଭୋଜନ, ବିଶ୍ରାମ, ବ୍ୟାୟାମ, ସ୍ୱଚ୍ଛତା ଓ ସଦ୍‌ବିଚାର ରୂପକ ଏହି ୫ଟି ମନ୍ତ୍ରକୁ ସ୍ୱୀକାର ପୂର୍ବକ ଭାରତୀୟ ଯୋଗ ବିଦ୍ୟା ମାଧ୍ୟମରେ ମାନବ ଜୀବନକୁ କରୋନା ପରି ମହାମାରୀ ଭୟରୁ ମୁକ୍ତ ହୋଇ ନିଜେ ବଞ୍ଚିବା ଏବଂ ଏକ ସୁସ୍ଥ ସମାଜ ଓ ରାଷ୍ଟ୍ରର ପରିକଳ୍ପନା ଅର୍ଥାତ୍ ଆତ୍ମ ନିର୍ଭର ଭାରତ ଗଠନ କରିବାରେ ସହାୟକ ହେବା ।

*ପ୍ରାନ୍ତ ଯୋଗଶିକ୍ଷା ସଂଯୋଜକ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*




## ଅଭିନନ୍ଦନ



ଆମ 'ଶିକ୍ଷାସୃଜନୀ' ପରିବାରର ମୁଖ୍ୟ, ଆମର ବରେଣ୍ୟ ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ଭାଷାବିଦ୍ ପ୍ରଫେସର ଡଃ. ବସନ୍ତ କୁମାର ପଣ୍ଡା ଓଡ଼ିଶାରେ ନୂତନ କରି ପ୍ରତିଷ୍ଠା ହୋଇଥିବା ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି । ତାଙ୍କର ଏହି ନୂତନ ଦାୟିତ୍ୱ ଗ୍ରହଣ ଅବସରରେ ଶିକ୍ଷା ବିକାଶ ସମିତି, ଓଡ଼ିଶା ତଥା ଶିକ୍ଷାସୃଜନୀ ପରିବାର ତରଫରୁ ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା । ଆଶା କରୁଛୁ ଆଗାମୀ ଦିନରେ ତାଙ୍କ ତତ୍ତ୍ୱାବଧାନରେ ଏହି କେନ୍ଦ୍ର ଓଡ଼ିଆ ଭାଷାର ବିକାଶ ଦିଗରେ ଏକ ନୂତନ କୀର୍ତ୍ତି ସ୍ତମ୍ଭ ସ୍ଥାପନ କରିବ ।

କୃଷ୍ଣ ଥିଲେ ରାଧା ଥାଆନ୍ତି ନିଶ୍ଚେ ତାଙ୍କ ପାଶରେ ।

**ସଂସ୍କୃତେନ ବଦତୁ**

# ମିତ୍ରଂ ପ୍ରତି ମିତ୍ରସ୍ୟ ଦୂରବାଣ୍ୟା ସମ୍ଭାଷଣମ୍

*ଶ୍ରୀ ଶ୍ରୀନିବାସ ପ୍ରଧାନ*

ଚଳଦୂରବାଣ୍ୟାଃ ନାଦଂ ଶ୍ରୁତ୍ୱା ରୋଚିଷ୍ଣୁଃଦୂରବାଣୀଂ ସ୍ୱୀକରୋତି ।

ରୋଚିଷ୍ଣୁଃ - ହରିଓମ୍ ! କଃ ବଦତି ?

ଦେବାଶିଷଃ - ହରିଓମ୍ ! ଅହଂ ଦେବାଶିଷଃ ବଦାମି ।

ରୋଚିଷ୍ଣୁଃ - କିଂ ମିତ୍ରମ୍ ? କଃ ସମାଚାରଃ ?

ଦେବାଶିଷଃ - ଅତୀବ ଶୋଭନମ୍ ।

ରୋଚିଷ୍ଣୁଃ - ପରିବାରସ୍ୟ ସର୍ବେ କୁଶଳିନଃ ବା ? ସର୍ବେଭ୍ୟଃ ମମ ସଭକ୍ତିଂ ପ୍ରଣାମଂ ଜ୍ଞାପୟ ।

ଦେବାଶିଷଃ - ଆମ୍, ସର୍ବେ କୁଶଳିନଃ ସନ୍ତି ।

ରୋଚିଷ୍ଣୁଃ - ସର୍ବେ ଗୃହେ ଏବ ସନ୍ତି କିମ୍ ?

ଦେବାଶିଷଃ - ଆମ୍ । ସର୍ବେ ଗୃହେ ଏବ ସନ୍ତି 'କରୋନା' କାରଣାତ୍ ।

ରୋଚିଷ୍ଣୁଃ - 'କରୋନା' ଭୂତାଣୁ ବିଷୟେ କଥୟତି ବା ?

ଦେବାଶିଷଃ - ଆମ୍ । ତଦ୍ବିଷୟେ ହି ବଦାମି ।

ରୋଚିଷ୍ଣୁଃ - ଅହମପି ଗୃହେ ଅସ୍ମି ତଦେବ କାରଣାତ୍ ।

ଦେବାଶିଷଃ - ତ୍ୱମ୍ ଆଦିନଂ ଗୃହେ କିଂ କରୋସି ?

ରୋଚିଷ୍ଣୁଃ - ବହୁ ସୁଖଦଂ ଜୀବନଂ ଯାପୟାମି । ବହୁଦିନାତ୍ ପରଂ ମାତୃହସ୍ତ ପ୍ରସ୍ତୁତଂ ସ୍ୱାଦିଷ୍ଟ ଭୋଜନମ୍ ଉପଲଭ୍ୟତେ । ତ୍ୱଂ କେନ ପ୍ରକାରେଣ ଦିବସଂ ଯାପୟସି ?

ଦେବାଶିଷଃ - ଅହମ୍ ଆଦର୍ଶ ଦିନଚର୍ଯ୍ୟାମ୍ ଅନୁଶ୍ରୁତ୍ୟ ଦିନଂ ଯାପନଂ କରୋମି ।

ରୋଚିଷ୍ଣୁଃ - ଦିନଚର୍ଯ୍ୟା କିମ୍ ? ତଦପି ଆଦର୍ଶ ଇତି କଥୟତି । ତଦ୍ୱିଷୟେ ମହ୍ୟଂ କିଞ୍ଚିତ୍ ସଚୟ ।

ଦେବାଶିଷଃ - 'ଆଦର୍ଶ ଦିନଚର୍ଯ୍ୟା' - ଇତ୍ୟସ୍ୟ ଅର୍ଥଃ ଭବତି, ଦିବସସ୍ୟ ପ୍ରତ୍ୟେକସ୍ୟ କ୍ଷଣସ୍ୟ ସଦୁପଯୋଗଃ । ଅର୍ଥାତ୍ ବ୍ରାହ୍ମ ମୁହୂର୍ତ୍ତେ ଶଯ୍ୟା ତ୍ୟାଗଂ କରଣୀୟମ୍ । ତତ୍ପଶ୍ଚାତ୍ ପ୍ରାତଃ ବିଧିଃ ସମାପ୍ୟ ପ୍ରାତଃ ସ୍ମରଣଂ, ପ୍ରାଣାୟାମଂ, ଯୋଗାଭ୍ୟାସଂ, ବ୍ୟାୟାମମ୍ ଇତ୍ୟାଦି କଂଚ କର୍ତ୍ତବ୍ୟମ୍ । ତତ୍ ପରଂ ସ୍ନାନମ୍ ଈଶ୍ୱରାରାଧନଂ, ଜଳପାନମ୍ ଆଦି କୃତ୍ୱା ରାମାୟଣମ୍ ଇତି ଆଧ୍ୟାତ୍ମିକଂ ଧାରାବାହିକଂ ପଶ୍ୟାମି । ତଦନନ୍ତରଂ ପଠନଂ ଗୃହକାର୍ଯ୍ୟ ଭୋଜନଂ ବିଶ୍ରାମଂ ଚ । ବିଶ୍ରାମାତ୍ ପରଂ କିଞ୍ଚିତ୍ କ୍ରୀଡ଼ା ଗୃହାଙ୍ଗନେ ସାୟଂ ବିଧିଃ ଅଳ୍ପାହାରଂ ସନ୍ଧ୍ୟା ବନ୍ଦନଂ ଚ ଭବତି । ଇତଃ ପରଂ ପଠନଂ ରାତ୍ର ଭୋଜନଂ ଚ ସ୍ୱୀକରୋମି ଏବଂ ସୁଖଶୟନଂ ପ୍ରାର୍ଥନାଂ କୃତ୍ୱା ଶଯ୍ୟାଗ୍ରହଣଂ ଭବତି ।

ରୋଚିଷ୍ଣୁଃ - ବହୁ ଶୋଭନମ୍ । ଅଦ୍ୟତନାତ୍ ପରମ୍ ଅହମ୍ ଅପି ଏବମ୍ ଦିନଚର୍ଯ୍ୟା ଅନୁକରୋମି । କିନ୍ତୁ ଏକା ଶଙ୍କା ଅସ୍ତି । ତ୍ୱଂ କିମର୍ଥଂ ଗୃହାଙ୍ଗନେ କ୍ରୀଡ଼ସି ?

ଦେବାଶିଷଃ - ଯତଃ 'କରୋନା' କାରଣାତ୍ ବହିଃ ଗମନଂ ନିଷିଦ୍ଧମ୍ ଅସ୍ତି ଇତି କୃତେ ଗୃହାଙ୍ଗନେ କ୍ରୀଡ଼ାମି । କରୋନା ଭୂତାଣୁଃ ଜନୈଃ ସହ ସ୍ପର୍ଶ ମାଧ୍ୟମେନ ତସ୍ୟ ବ୍ୟବହୃତା ନାଂ ବସ୍ତ୍ରାଣାଂ ଦ୍ରବ୍ୟାଣାଂ ଚ ସ୍ପର୍ଶେନ ସଂକ୍ରମତି ।

ରୋଚିଷ୍ଣୁ - ଅହମପି ବହିଃ ମା ଗମିଷ୍ୟାମି । ଗୃହେ ଏବ ସ୍ଥାସ୍ୟାମି । ତ୍ୱଂ ଅବକାଶ ସମୟେ ମହ୍ୟଂ ଦୂରବାଣୀଂ କୁରୁ ।

ଦେବାଶିଷଃ - ନୂନଂ କରିଷ୍ୟାମି । ଗୁରୁଜନେଭ୍ୟଃ ପ୍ରଣାମଂ ଲଘୁଜନେଭ୍ୟଃ ଆଶୀର୍ବାଦଂ ଚ ଜ୍ଞାପୟିତ୍ୱା ତିଷ୍ଠାମି ।

*କ୍ଷେତ୍ର ସଂସ୍କୃତ ପ୍ରମୁଖ*
*ବିଦ୍ୟା ଭାରତୀ, ପୂର୍ବ କ୍ଷେତ୍ର*

ରଧାକୃଷ୍ଣ ଲୀଳା ଲାଗିଛି ଦେଖ ପ୍ରତି ଘଟରେ ।।

## ଆମ ପ୍ରଶ୍ନ ତୁମ ଉତ୍ତର

୧. ଗୀତା ମଣିଷ ଜାତି ପାଇଁ ପ୍ରେରଣାର ସ୍ରୋତ ଅଟେ ବୋଲି କିଏ କହିଛନ୍ତି ?

୨. ମୁଖ + ସ୍ଥା + ଅ =...................... ?

୩. ବର୍ତ୍ତମାନ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର କିଏ ?

୪. 'ଉଠ କଙ୍କାଳ' କବିତାର କବି କିଏ ?

୫. କେଉଁ ପ୍ରାଚୀନ ଭାରତୀୟ ଋଷି ପରମାଣୁ ବିଜ୍ଞାନର ଆବିଷ୍କାରକ ଥିଲେ ?

୬. ଦ୍ୱାପର ଯୁଗର ଶେଷ ରାଜା କିଏ ?

୭. କେଉଁ ଓଡ଼ିଆ ବୀର ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କର ମୁଖ୍ୟ ପରାମର୍ଶଦାତା ଥିଲେ ?

୮. ସୁପ୍ରିମ କୋର୍ଟର ପ୍ରଥମ ଓଡ଼ିଆ ବିଚାରପତି କିଏ ?

୯. ଓଡ଼ିଶାର କାଶ୍ମୀର କାହାକୁ କହନ୍ତି ?

୧୦. ଉଦ୍ଭିଦ ଶ୍ୱାସକ୍ରିୟା ସମ୍ପର୍କରେ ତତ୍ତ୍ୱ ଦେଇଥିବା ପ୍ରଥମ ବୈଜ୍ଞାନିକ କିଏ ?

## ପୂର୍ବ ସଂଖ୍ୟାର ଉତ୍ତର

୧. ନୃପ କେଶରୀ

୨. ମୁକୁନ୍ଦ ଦେବ

୩. ଦ୍ୱିତୀୟ ଅନଙ୍ଗ ଭୀମ ଦେବ

୪. ୧୯୪୮

୫. ୧୯୮୧

୬. ଅଷ୍ଟବକ୍ର

୭. କୌମୁଦୀ

୮. ଜେ. ଏସ୍. ଠାକୁର

୯. ବିଶ୍ୱାମିତ୍ର

୧୦. ଶ୍ରୁତକୀର୍ତ୍ତି

ଏହି ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପଠାଇଥିବା ପ୍ରଥମ ୧୦ଜଣ ଶିଶୁ ଭାଇଭଉଣୀଙ୍କର ନାମ ଶିକ୍ଷା ସୃଜନୀରେ ପ୍ରକାଶ ପାଇବ ।

**-: ଆମ ଠିକଣା :-**

ସଂଯୋଜକ ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

ଦୂରଭାଷ- ୮୮୯୫୪୬୧୩୬୮/୯୯୩୭୦୨୪୦୦୨ E-mail :- shikshasrujanee@gmail.com

**ଶ୍ରଦ୍ଧା ଭାବ ରାଧା ନାମରେ ହୋଇଥାଏ ଅଖ୍ୟାତ ।**



ବିଶ୍ୱ ଯୋଗଦିବସ ପାଳନ ଅବସରରେ ଶିକ୍ଷା ବିକାଶ ସମିତି, ଓଡ଼ିଶାର
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିବାର

RNI - Reg. No : ODIODI/2012/51053



ଏ.ପି.ଜେ ଅବଦୁଲ କଲାମଙ୍କ ପୁଣ୍ୟତିଥି ଅବସରରେ ଶତ ଶତ ନମନ ।

(୧୫-୧୦-୧୯୩୧ ରୁ ୨୭-୭-୨୦୧୫)

Printed and published by : Secretary, on behaıt of Shiksha Vikash Samiti, Odisha &
Printed at Saraswati DTP Centre, E-59, Sector -A, Zone -A
Mancheswar Industrial Estate, Bhubaneswar-10, Chief Editor : Dr. Shyam Sundar Mishra